

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୦ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 20 DECEMBER 2022
Vol.No. 33 ■ No. 331 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଫେବୃଆରୀରେ ଓଡିଶା ଆସିବେ ପ୍ରିୟଙ୍କା ଗାନ୍ଧି



ନୂଆଦିଲ୍ଲୀ, ୧୯/୧୨ : ରାଜ୍ୟରେ ଦୁର୍ବଳ ହୋଇପଡୁଥିବା କଂଗ୍ରେସକୁ ସଞ୍ଜୀବନୀ ଦେବା ପାଇଁ ଓଡିଶା ଆସିବେ ମହାସଚିବ ପ୍ରିୟଙ୍କା ଗାନ୍ଧି । ବାରମ୍ବାର ପରାଜୟରେ ମନୋବଳ ହରାଇଥିବା କଂଗ୍ରେସ କର୍ମୀଙ୍କୁ ମନ୍ତ୍ର ଫୁଙ୍କିବା ପାଇଁ ପ୍ରିୟଙ୍କାଙ୍କୁ ଆଣିବାକୁ ଯୋଜନା କରିଛି ରାଜ୍ୟ କଂଗ୍ରେସ । ରବିବାରଦିନ କଂଗରେସ ଭବନ ବସିଥିବା ବୈଠକରେ ଏ ନେଇ ଯୋଜନା ପ୍ରସ୍ତୁତ ହୋଇଛି । କେବଳ ପ୍ରିୟଙ୍କା ଗାନ୍ଧି ନୁହନ୍ତି ମଲ୍ଲିକାର୍ଜୁନ ଖଡଗେ ଓ ସୋନିଆ ଗାନ୍ଧିଙ୍କ ଭଳି ନେତାଙ୍କୁ ବି ଓଡିଶାରେ ସମାବେଶ କରିବାକୁ ଯୋଜନା କରୁଛି ଦଳ । ଏହା ହେଲେ ରାଜ୍ୟରେ କଂଗ୍ରେସ କର୍ମୀ ଉତ୍ସାହିତ ହୋଇପାରିବେ ବୋଲି ରାଜ୍ୟ ନେତୃତ୍ୱ ଆଶା ରଖିଛି । ହିମାଚଳରେ କଂଗ୍ରେସ ବିଜୟର ଶ୍ରେୟ ପ୍ରିୟଙ୍କା ଗାନ୍ଧିଙ୍କ ପାଖକୁ ଯାଇଛି । ପ୍ରିୟଙ୍କାଙ୍କ ରଣନୀତି ଓ ଘନଘନ ଗସ୍ତ ସେଠାରେ ମୋଦିଙ୍କ ଗଡକୁ ଧ୍ୱସ୍ତ କରିଦେଲା ବୋଲି ଆଲୋଚନା ହେଉଛି । ତେଣୁ ପ୍ରିୟଙ୍କାଙ୍କ ଓଡିଶା ଗସ୍ତ ଚର୍ଚ୍ଚା ନେଇ ଦଳୀୟ କର୍ମୀ ଉତ୍ସାହିତ ଅଛନ୍ତି । କିନ୍ତୁ ପ୍ରଶ୍ନ ଉଠୁଛି, ଆଭ୍ୟନ୍ତରୀଣ କନ୍ଦଳରେ ବ୍ୟସ୍ତ କଂଗ୍ରେସକୁ ରକ୍ଷା କରିବ କିଏ । ବିଧାୟକ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କ ଅନୁପସ୍ଥିତିରେ ପଦ୍ମପୁର ପରାଜୟର ସମୀକ୍ଷା କରିଛି କଂଗ୍ରେସ । କୁହାଯାଉଛି, ରବିବାରଦିନ ଚେଲ୍ଲାକୁମାର ପଦ୍ମପୁର ଓ ଧାମନଗର ପରାଜୟ ନେଇ ଗଣମାଧ୍ୟମରେ ବୟାନବାଜି କରୁଥିବା ନେତାଙ୍କ ଉପରେ ବର୍ଷିଥିଲେ । ମିଡିଆକୁ ଯାଇ ବୟାନ ଦେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ । କିନ୍ତୁ ଏହାର ୨୪ ଘଂଟା ନପୁରୁଣ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ପରାଜୟର କାରଣ ଖୋଜ ବୋଲି ଚେଲ୍ଲାକୁମାରଙ୍କୁ କହିଛନ୍ତି ଜଟଣୀ ବିଧାୟକ ସୁର ରାଉତରାୟ । ସୁର କହିଛନ୍ତି, ପ୍ରଭାରୀ କୁହନ୍ତୁ କଂଗ୍ରେସ ଭୋଟ କୁଆଡେ ଗଲା । ଭୋଟ କାହିଁକି କମିଲା ତାର ଅନୁସନ୍ଧାନ କରନ୍ତୁ । ସନ୍ତୋଷ ସିଂ ସାଲୁଜା ବି କହିଛନ୍ତି, ଦଳ ବିରୋଧରେ କାମ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ । ସବୁ ପରାଜୟ ପରେ ସମୀକ୍ଷା ହେଉଛି । କିନ୍ତୁ ତାର ନିଷ୍କର୍ଷ କଣ ବାହାରୁଛି ତା ଉତର ବୋଧହୁଏ କଂଗ୍ରେସ ନେତାଙ୍କୁ ବି ଜଣାନାହିଁ । ଏଭଳି ସ୍ଥିତିରେ ୨୦୨୪ରେ ଅସଜଡା ସଙ୍ଗଠନ, ଆଭ୍ୟନ୍ତରୀଣ କନ୍ଦଳ ଓ ଗୋଷ୍ଠୀ ବିବାଦ ମଧ୍ୟରେ ରାଜ୍ୟ କଂଗ୍ରେସ କିଭଳି ବିଜେଡି, ବିଜେପିକୁ ଟକ୍କର ଦେବ ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଜେଲ୍‌କୁ ଫେରିଲେ ଅର୍ଚ୍ଚନା



ଭୁବନେଶ୍ୱର, ୧୯/୧୨ (ନି.ପ୍ର): ରିମାଣ୍ଡ ଅବଧି ଶେଷ ହେବା ପରେ ଝାରପଡ଼ା ଜେଲ୍‌କୁ ଫେରିଛନ୍ତି ହନିଟ୍ରାପ୍ କୁଇନ୍ ଅର୍ଚ୍ଚନା ନାଗ। ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ସରିବା ପରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ତାଙ୍କୁ ଭୁବନେଶ୍ୱର ଏଡିଜେ-୩ କୋର୍ଟରେ ହାଜର କରାଯିବା ସହିତ ଆଉ ଥରେ ରିମାଣ୍ଡରେ ନେବାକୁ ଆବେଦନ କରାଯାଇଥିଲା। ଏଥର ୨ ଦିନିଆ ରିମାଣ୍ଡ ମାଗିଥିଲା ଇଡି। କିନ୍ତୁ କୋର୍ଟ ଇଡିର ଆବେଦନ ଖାରଜ କରି ଦେଇଥିଲେ। ଡିଜିଟାଲ୍ ଏଭିଡେନ୍ସ ରିପୋର୍ଟ ଆଧାରରେ ଅର୍ଚ୍ଚନାଙ୍କୁ ଜେରା କରାଯିବ ବୋଲି ଦର୍ଶାଇ ଇଡି ପକ୍ଷରୁ ପୁଣି ରିମାଣ୍ଡ ଆବେଦନ କରାଯାଇଥିଲା। ତେବେ କୋର୍ଟ ଏହି ଆବେଦନକୁ ଅଗ୍ରାହ୍ୟ କରି ଦେଇଥିବା ବେଳେ ଇଡି ପକ୍ଷରୁ ଯେଉଁ କଥା କୁହାଯାଇଥିଲା, ସେଥିରୁ ଜଣାପଡୁଛି ରାଜ୍ୟ ଫୋରେନ୍‌ସିକ୍ ବିଭାଗ ଏହି କେନ୍ଦ୍ରୀୟ ତଦନ୍ତ ସଂସ୍ଥା ସହିତ ଖେଳୁଛି। ଇଡି ପକ୍ଷରୁ କୋର୍ଟରେ କୁହାଯାଇଥିଲା ଯେ ଅର୍ଚ୍ଚନାଙ୍କୁ ଡିଜିଟାଲ ଏଭିଡେନ୍ସ ରିପୋର୍ଟ ଆଧାରରେ ପଚରାଉଚରା କରାଯିବାର ଆବଶ୍ୟକତା ଥିବା ବେଳେ ରାଜ୍ୟ ଫୋରେନ୍‌ସିକ୍ ବିଭାଗ ଉକ୍ତ ରିପୋର୍ଟ ଦେଉ ନାହିଁ। ରାଜ୍ୟ ଫୋରେନ୍‌ସିକ୍ ବିଭାଗ ଏହି ରିପୋର୍ଟ ଦେବାରେ ଜାଣିଶୁଣି ବିଳମ୍ବ କରୁଛି ବୋଲି ଇଡି ପକ୍ଷରୁ କୋର୍ଟରେ କୁହାଯାଇଥିଲା। ଏହି ଏଭିଡେନ୍ସ ମିଳିଥିଲେ, ତା'ଆଧାରରେ ଅର୍ଚ୍ଚନାଙ୍କୁ ପଚରାଉଚରା କରାଯାଇଥା'ନ୍ତା। କିନ୍ତୁ ତାହା ସମ୍ଭବ ହୋଇପାରିନି। ପ୍ରଥମେ ୭ ଦିନ ଓ ପରେ ୬ଦିନ, ଏମିତି ୧୩ ଦିନ ଧରି ରିମାଣ୍ଡରେ ନେଇ ଅର୍ଚ୍ଚନାଙ୍କୁ ଜେରା କରିଛି ଇଡି। ଇଡିରେ ଜେରାର ସମ୍ମୁଖୀନ ହେବା ପୂର୍ବରୁ ସେ ମୁହଁ ଖୋଲିଲା ରାଜ୍ୟରେ ବଡ଼ ପରିବର୍ତ୍ତନ ହେବ ବୋଲି ▶▶ପୃଷ୍ଠା ୭

## ବନ୍ଧାକୋବି ଚାଷରୁ ମିଳିଲାନି ଲାଭ: ଜମିରେ ଟ୍ରାକ୍ଟର ମଡାଇଦେଲେ ଚାଷୀ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଗୋଟିଏ ବିଲରେ କୋବିଚାଷର ସମ୍ଭାର । ଚାଷୀର ଆଶା ଭରସାର ପୁଞ୍ଜି । ଅନ୍ୟ ପଟେ ଖାଲି ମାଟି ଆଉ ମାଟି । କୋବିର ଚିହ୍ନବର୍ଣ୍ଣ ନାହିଁ । କାରଣ କ୍ଷେତରେ ଟ୍ରାକ୍ଟର ଚଳାଇଦେଇଛନ୍ତି ଚାଷୀ । ବରଗଡ଼ରୁ ଏ ଖବର ଆସିଛି । ହେଲେ କାହିଁକି ନିଜ କ୍ଷେତରେ କୋବି ଚାଷରେ ଟ୍ରାକ୍ଟର ମଡ଼ାଇଦେଲେ ଚାଷୀ । ବରଗଡ଼ ଗଞ୍ଜିଆଟିକ୍ରା ଗାଁର ଦୁଇ ଚାଷୀ କାଶୀନାଥ ପ୍ରଧାନ ଓ ଋତୁପର୍ଣ୍ଣ ପ୍ରଧାନ । ଲକ୍ଷାଧିକ ଟଙ୍କା ବିନିଯୋଗ କରି ବନ୍ଧାକୋବି ଚାଷ କରିଥିଲେ । ହେଲେ ବନ୍ଧାକୋବି ବିକ୍ରି ତହେଲାନି, ମୂଳ ଖର୍ଚ୍ଚ ବି ଉଠିଲାନି । ଶେଷରେ ବାଧହୋଇ ବନ୍ଧାକୋବି କିଆରିରେ ଟ୍ରାକ୍ଟର ମଡାଇଦେଲେ ଚାଷୀ । ଟ୍ରାକ୍ଟରରେ କୋବି ଚାଷ କରିଥିବା ସେହି କ୍ଷେତକୁ ପୋତି ଦେଇଛନ୍ତି । କ୍ୟାମେରା ଆଗରେ ନିଜ ଦୁଃଖ କହିଲା ବେଳେ ଭବିଷ୍ୟତ ପାଇଁ ଚିନ୍ତିତ ହୋଇପଡ଼ିଛନ୍ତି ଦୁଇ ଚାଷୀ । ହେଲେ ଏକେବଳ ଏଦୁଇ ଜଣଙ୍କ କଥା ନୁହେଁ, ଏପରି ଆହୁରି ଅନେକ ଚାଷୀ ମଧ୍ୟ ଏପରି କରିଥିବାର ଖବର ମିଳୁଛି । ଗୋଟିଏ ଏକର କୋବି ଚାଷ ପାଇଁ ୫୦ରୁ ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ । ହେଲେ ଏବେ ବଜାରରେ ବନ୍ଧାକୋବି କିଲୋ ୮ରୁ ୧୦ ଟଙ୍କାରେ ବିକ୍ରି ହେଉଛି । ହୋଲସେଲ୍ ଦର କିଲୋପ୍ରତି ୩ ଟଙ୍କାକୁ ଖସି ଆସିଲାଣି । ଚାଷୀଙ୍କ ନିକଟକୁ ଆସୁଥିବା ବେପାରୀମାନେ କ୍ୱିଂଟାଲ ପିଛା ୩ଶହରୁ ଅଧିକ ଟଙ୍କା ଦେବାକୁ ରାଜି ହେଉନାହାନ୍ତି । କୋବି ତୋଳାଳୀ କୃଷି ଶ୍ରମିକ ଦିନକୁ ୩୫୦ ଟଙ୍କା ନେଉଛନ୍ତି । ଚଳିତବର୍ଷ ଖୁବ୍ ଭଲ ଫସଲ ହୋଇଥିବା ବେଳେ ସଂରକ୍ଷଣ ପାଇଁ ସେମିତି ସୁବିଧା ନାହିଁ । ଫଳରେ କୋବି ଚାଷୀ ବାଧ ହୋଇ ଏମିତି କଠିନ ପଦକ୍ଷେପ ନେଉଛନ୍ତି ।

## ବିଶ୍ୱକପ୍ ହକି ପାଇଁ ୫୦୦୦ ଉଠାଦୋକାନୀ ପରିବାର ଜୀବିକା ହରାଇ ଏବେ ରାଜରାସ୍ତାରେ




ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଜାନୁୟାରୀ ମାସ ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ବିଶ୍ୱକପ୍ ହକି ଖେଳ ପାଇଁ ରାଜଧାନୀ ଭୁବନେଶ୍ୱରକୁ ସୌନ୍ଦର୍ଯ୍ୟକରଣ କରିବା ନାମରେ ପାଖାପାଖି ୫୦୦୦ ଉଠାଦୋକାନୀ ପରିବାର ଉପାସରେ ରହିବେ। ଏଠାରେ ସୂଚନାଥାଉକି ଏହି ଉଠାଦୋକାନୀମାନେ ଜୀବିକା ପାଇଁ ରାସ୍ତାକଡ଼ରେ ବସି ଛୋଟମୋଟ ବେପାର କରି ସେମାନଙ୍କର ଗୁଜୁରାଣ ମେ ।ଇବା ସହ ନିଜର ପିଲାମାନଙ୍କୁ ବିଭିନ୍ନ ସ୍କୁଲ୍‌ରେ ପାଠ ପଢାଇଥାନ୍ତି। ସେମାନଙ୍କ ବାପାଙ୍କର ଦୋକାନ ଭାଙ୍ଗିଯିବା ଫଳରେ ବର୍ତମାନ ପିଲାମାନେ ଅସହାୟ ହୋଇପଡ଼ିବା ସହିତ ସ୍କୁଲ୍ ଗୁଡ଼ିକରେ ସ୍କୁଲ୍ ଫିସ୍ ଦେବା ପାଇଁ ସେମାନଙ୍କ ବାପ ମାଆଙ୍କ ପାଖରେ ଅର୍ଥର ଅଭାବ ଦେଖା ଦେଇଛି। ଦୋକାନ ଉଚ୍ଛେଦ ପରେ ଏବେ ପରିବାର ଏକ ପ୍ରକାର ଆର୍ଥିକ ଅନଟନ ଦେଇ ଗତି କରୁଛି। ଏତଦ୍‌ବ୍ୟତୀତ ବାପା ମାଆଙ୍କ ▶▶ପୃଷ୍ଠା ୭

## ବିଜେପିର ମଣ୍ଡି, ବିଜେଡ଼ିର ରେଳ: କାହାର ପ୍ରସଙ୍ଗ ରହିବ ଆଗରେ ?

ନୂଆଦିଲ୍ଲୀ, ୧୯/୧୨ : ରାଜଧାନୀରେ ଦୁଇ ପ୍ରମୁଖ ରାଜନୈତିକ ଦଳର ରଣହୁଙ୍କାର ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି । ଦୁଇଟି ଭିନ୍ନ ପ୍ରସଙ୍ଗକୁ ନେଇ ପରସ୍ପରକୁ ଦୋଷ ଲଦାଲଦି ହୋଇଛନ୍ତି ଶାସକ ଓ ମୁଖ୍ୟ ବିରୋଧୀଦଳ । ବିଜେପି ପ୍ରସଙ୍ଗ ମଣ୍ଡି ପାଲଟିଥିଲାବେଳେ ବିଜେଡିର ପ୍ରସଙ୍ଗ ପାଲଟିଛି ରେଳ ଅବହେଳା । ପଶ୍ଚିମ ଓଡିଶାରେ ମଣ୍ଡିସମସ୍ୟା ଏବେ ଚାଷୀଙ୍କ ମୁଖ୍ୟ ସମସ୍ୟା ପାଲଟିଛି । ଆଉ ମଣ୍ଡି ସମସ୍ୟା ବାହାନାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ବିଜେପି । ମଣ୍ଡି ଅବ୍ୟବସ୍ଥା ନେଇ ଡିସେମ୍ବର ୨୨ରୁ ୨୮ ମଣ୍ଡି ଚାଲ ଅଭିଯାନ କରିବ ବିଜେପି । ଦଳୀୟ କର୍ମୀ ମଣ୍ଡିକୁ ଯାଇ ଦେଖାଦେଇଥିବା ଅବ୍ୟବସ୍ଥା ବାବଦରେ ପ୍ରଶ୍ନ କରିବେ । ଦାବି ପୂରଣ ନହେଲେ ଜାନୁଆରୀରେ ଭୟାବହ ଆନ୍ଦୋଳନ କରିବାକୁ ଦଳ ଚେତାବନୀ ଦେଇଛି । ସେପଟେ ଜବାବରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ମଣ୍ଡି ବ୍ୟବସ୍ଥାରେ କୌଣସି ବିଭ୍ରାଟ ନାହିଁ । ଯଦି ବିଜେପି ମଣ୍ଡି ବୁଲିବାକୁ ଯାଉଛନ୍ତି ଯାଆନ୍ତୁ କିଛି ସମସ୍ୟା ନାହିଁ । କେନ୍ଦ୍ରାପଡାକୁ ମାଲବାହୀ ଟ୍ରେନ ଗଡିଲା କେବେ ଗଡିବ ଯାତ୍ରିବାହୀ ଟ୍ରେନ୍ । ଏହି ପ୍ରଶ୍ନ ପଚାରି କେନ୍ଦ୍ରକୁ ଘାଇଲା କରିଛି ବିଜେଡି । ମାର୍ଶାଘାଇରେ ଗୋଟିଏ ପଟେ ଟ୍ରେନ ଚଳାଚଳ ନେଇ ଆନ୍ଦୋଳନ ହେଉଥିବା ବେଳେ ବିଜେଡି ପ୍ରେସମିଟ୍ କରି କେନ୍ଦ୍ର ସରକାରଙ୍କୁ ଘେରିଛି । ଏହାସତ୍ତ୍ୱେ ଏହି ରୁଟରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ନକରିବା ନେଇ ବିଜେଡି ଅସନ୍ତୋଷ ପ୍ରକାଶ କରିଛି । ରାଜ୍ୟ ରାଜନୀତିରେ ପଶ୍ଚିମଓଡିଶାକୁ ବିଜେପି ଆଖେଇଛି ଆଉ ଉପକୂଳରେ ଗଡରକ୍ଷା ପାଇଁ ବିଜେଡି ରଣନୀତି କରିଛି । ଆଉ ଏହି ଦୁଇ ଅଂଚଳର ପ୍ରସଙ୍ଗକୁ ନେଇ ରାଜନୀତି ଜୋର ଧରିଛି ।

## ଅନୁପସ୍ଥିତ ଥିବା ୯୬ ଜଣ ପ୍ରାଥମିକ ଶିକ୍ଷକ ବହିଷ୍କୃତ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଅନୁପସ୍ଥିତ ରହୁଥିବା ଶିକ୍ଷକମାନଙ୍କ ବିରୁଦ୍ଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଦୀର୍ଘଦିନ ଧରି ଅନୁପସ୍ଥିତ ଥିବା ୨୬ ଜଣ ପ୍ରାଥମିକ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏତଦ୍‌ବ୍ୟତୀତ ୧୫୪ ଜଣ ପ୍ରାଥମିକ ଶିକ୍ଷକଙ୍କୁ ଦୀର୍ଘଦିନ ଧରି ଅନୁପସ୍ଥିତ ଥିବା ନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେହିପରି ପ୍ରାଥମିକ ବର୍ଗର କନିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ୯୬ ଜଣ ପ୍ରାଥମିକ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଚାକିରିରୁ ବହିଷ୍କୃତ କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ । ଆଗାମୀ ଦିନରେ ଏହି ସମୀକ୍ଷା ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯିବା ସହ ଏଭଳି କାର୍ଯ୍ୟ କ୍ଷେତ୍ରରେ ଅବହେଳାକୁ ଉଚିତ ଦଣ୍ଡବିଧାନ କରାଯିବ। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ୧୬ ଓ ୧୭ ତାରିଖ ସେଂଟ୍ରାଲ ଜୋନ୍ ର ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କ ପାଇଁ ଦୁଇଦିନିଆ କର୍ମଶାଳା ଓ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଗତ କର୍ମଶାଳାର ସମୀକ୍ଷା ବୈଠକରୁ ବହୁ ଶିକ୍ଷକ ଦୀର୍ଘ ଦିନ ଧରି ଅନୁପସ୍ଥିତ ରହୁଥିବା ଦୃଷ୍ଟିକୁ ଆସିଛି।

## ଚୀନକୁ ଶିକ୍ଷା ଦେବ ଭାରତ : ସୀମା ସୁରକ୍ଷା ପାଇଁ ୧୭ ଶହ କି.ମି.ର ଆକ୍ସନ ପ୍ଲାନ୍



ନୂଆଦିଲ୍ଲୀ, ୧୯/୧୨ : ପଡୋଶୀ ଦେଶ ଚୀନ ସହ ବଢୁଥିବା ବିବାଦ ଭିତରେ କେନ୍ଦ୍ର ସରକାର ଏକ ବଡ ଫଇସଲା ନେଇଛନ୍ତି । କେନ୍ଦ୍ର ଆଗାମୀ ୫ ବର୍ଷ ପାଇଁ ଅରୁଣାଚଳ ପ୍ରଦେଶରେ ଏକ ନୂଆ ହାଇୱେ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରୁଛି । ଏହି ରାଜପଥ ଭାରତ-ତିବତ- ଚୀନ-ମିଆଁମାର ସୀମାରେ ନିକଟରେ ନିର୍ମାଣ ହେବ । ଏହି ରାଜପଥର କିଛି ଅଂଶ ଅନ୍ତର୍ଜାତୀୟ ସୀମାରୁ ୨୦ କିଲୋମିଟର ଦୂରରେ ନିର୍ମାଣ କରାଯିବ । ଏହା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ୧୭୪୮ କିଲୋମିଟର ଲମ୍ବା ଏହି ରାଜପଥ ଦୁଇ ଲେନ ବିଶିଷ୍ଟ ହେବ । ଏହାର ଉଦ୍ଦେଶ୍ୟ ହେଉଛି କ୍ଷେତ୍ରୀୟ ପଳାୟନକୁ ରୋକିବା । ନିକଟରେ ସଡକ ଓ ରାଜପଥ ମନ୍ତ୍ରାଳୟ ଦ୍ୱାରା ଏହି ଲମ୍ବା ରାଜପଥ ନିର୍ମାଣ ହେବାକୁ ଯାଉଛି । ଏହାକୁ ଏନଏଚ-୯୧୩ ଭାବେ ନାମିତ କରାଯିବ । ଆଗାମୀ ସମୟରେ ରାଜପଥ ସୁରକ୍ଷା ବଳକୁ ସୀମାରେ ପହଞ୍ଚିବା ପାଇଁ ସହଜ ହେବ । ସେହିଭଳି ପଡୋଶୀ ଦେଶ ସହ ଥିବା ବିବାଦ ସମୟରେ ମଧ୍ୟ ଅସ୍ତ୍ରଶସ୍ତ୍ର ଏବଂ ସେନାର ବୃଦ୍ଧି କରାଯାଇପାରିବ । ଚୀନ କଥିତ ଭାବେ ଏଲଏସି ନିକଟରେ ନିଜର ବୁନିଆଦୀ ଢାଞ୍ଚାକୁ ନିର୍ମାଣ କରିବାରେ ଲାଗିଛି । ଏହାର ଜବାବରେ ଭାରତ ସରକାର ଏହି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ରାଜପଥଟି ବେମଡିଲାରୁ ଆରମ୍ଭ ହୋଇ ନଫରା, ହୁରୀ ଏବଂ ମୋନୀଗଙ୍ଗ ଦେଇ ଭାରତ ତିବତ ସୀମାର ପାଖ ଅଞ୍ଚଳ ଦେଇ ଗତି କରିବ । ଏହା ଭାରତ ଚୀନ ସୀମାର ନିକଟ ଜିଦୋ ଏବଂ ଚେକ୍ୱିଂଟି ଦେଇ ଭାରତ-ମିଆଁମାର ସୀମା ସ୍ଥିତ ବିଜୟନଗର ଯାଏ ଯିବ । ଏହି ପୂରା ପ୍ରକଳ୍ପ ୯ ଟି ଅଂଶରେ ବିଭକ୍ତ ହୋଇଛି । ଏଥିରେ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନିତିନ ଗଡକରୀ କହିଛନ୍ତି ୨୭ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ସେ ଆହୁରି ମଧ୍ୟ କହିଛନ୍ତି ଏହି ଟଙ୍କା କମ କରିବା ପାଇଁ ଚେଷ୍ଟା କରୁଛନ୍ତି ।

## ମା' କୋଳକୁ ଫେରିଲା ନିଖୋଜ ପୁଅ



ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଅମ୍ରିତକୁ ବାପା ମାଆଙ୍କୁ ଦିଆଯିବା ଯେମିତି ରହସ୍ୟମୟ ଭାବେ ନିଖୋଜ ହୋଇଯାଇଥିଲେ ଅମ୍ରିତ, ସେମିତି ରହସ୍ୟମୟ ଭାବେ ଆବିର୍ଭାବ ହୋଇଛନ୍ତି । ୫ ଦିନ ହେଲା ପୋଲିସ, ପରିବାର ଓ ଗାଁ ଲୋକ ଖୋଜାଖୋଜି କରି ପତା ପାଉନଥିବାବେଳେ, ନୟାଗଡ ଓଡଗାଁ ଥାନା କୁରାଳ ଗାଁର ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ୧୨ ବର୍ଷର ପୁଅ ଅମ୍ରିତ ପାତ୍ର ଆଜି ଅଚାନକ ଜଣେ ମହିଳାଙ୍କୁ ମିଳିଯାଇଥିଲେ । କୁରାଳ ଗାଁର ମହିଳା ଜଣକ ଅମ୍ରିତଙ୍କୁ ଚିହ୍ନିପାରି ଘରକୁ ଆଣିବା ସହ ତାଙ୍କ ପରିବାର ଓ ପୋଲିସକୁ ଖବର ଦେଇଥିଲେ । ଅମ୍ରିତଙ୍କୁ ପୋଲିସ ଉଦ୍ଧାର କରିବା ପରେ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ ନୟଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କିଏ ନେଇଥିଲା ଓ କେଉଁଠି ରଖିଥିଲା ସେନେଇ କହିବାକୁ ଅମ୍ରିତ ସମର୍ଥ ହେବେ ବୋଲି ଅନୁମାନ କରାଯାଉଛି । କାରଣ ଏବେ ତାଙ୍କ କଥାରେ ତାଳମେଳ ରହୁନାହିଁ । ଗତ ୧୫ ତାରିଖରେ ଟ୍ୟୁସନ ହେବାପାଇଁ ଗାଁ ପାଖକୁ ଯାଇଥିଲେ କୁରାଳ ସୁବୁଦ୍ଧି ସାହିର ସପ୍ତମ ଶ୍ରେଣୀ ଛାତ୍ର ଅମ୍ରିତ ପାତ୍ର । ସଂଧ୍ୟା ସାଢେ ଟାରେ ଟ୍ୟୁସନ ଛୁଟି ହୋଇଥିଲେ ବି ▶▶ପୃଷ୍ଠା ୭

## କୋଭିଡ ପରେ ବଢୁଛି ଜଟିଳ ସ୍ୱାସ୍ଥ୍ୟ ସମସ୍ୟା: ହଠାତ୍ ବନ୍ଦ ହୋଇଯାଉଛି ହୃଦସ୍ପନ୍ଦନ !



ନୂଆଦିଲ୍ଲୀ, ୧୯/୧୨ : ଗତ ଡିସେମ୍ବର ପ୍ରଥମ ସପ୍ତାହରେ ଲକ୍ଷ୍ନୌର ଏକ ବିବାହ ମଣ୍ଡପରେ ଏପରି ଏକ ଘଟଣା ଘଟିଥିଲା, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲା । ବରଣମାଳା ପିନ୍ଧାଇବା ପରେ ବର ସହ ମିଶି ଫଟୋ ସୁଟ୍ କରୁଥିବା ବେଳେ ଟଳି ପଡିଥିଲେ ୨୧ ବର୍ଷର ନବବଧୂ । ହଠାତ୍ ହୃଦ୍ଘାତ ହେବାରୁ ବନ୍ଦ ହୋଇ ଯାଇଥିଲା ହୃଦ୍‌ସ୍ପନ୍ଦନ । ଯାହା ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କୁ ମଧ୍ୟ ଚକିତ କରିଥିଲା । ତେବେ କିଛି ବିଶେଷଜ୍ଞଙ୍କ କହିବା କଥା କରୋନା ପରେ ବଢ଼ିବାରେ ଲାଗିଛି ଏପରି ସ୍ୱାସ୍ଥ୍ୟ ସମସ୍ୟା । ଗତ କିଛି ମାସ ହେଲାଣି ଏଭଳି ଅନେକ ଘଟଣା ସାମ୍ନାକୁ ଆସିଛି । କିଏ ଗୀତ ଗାଉ ଗାଉ ହୃଦଘାତର ଶିକାର ହୋଇଛି ତ କିଏ ଗରବା ନାଚୁ ନାଚୁ ପ୍ରାଣ ହରାଇଛନ୍ତି । ଏଭଳି ଅକସ୍ମାତ ମୃତ୍ୟୁ ପଛର କାରଣ ସ୍ପଷ୍ଟ ହୋଇନଥିଲେ ବି ଲଙ୍ଗ କୋଭିଡ ବା ଦୀର୍ଘ ସମୟ ଧରି କରୋନାରେ ଆକ୍ରାନ୍ତଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ▶▶ପୃଷ୍ଠା ୭

## ଉଠାଦୋକାନୀ ସଂଘ ପକ୍ଷରୁ ବିଏମସି ଅଫିସ୍ ଘେରାଉ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ବିଶ୍ୱ ହକି କପ ଖେଳକୁ ଆଖି ଆଗରେ ରଖି ବିଏମ୍‌ସି ତରଫରୁ ଯେଉଁଭଳି ଭାବରେ ଉଠାଦୋକାନୀମାନଙ୍କୁ ଦୀର୍ଘ ୧୦ ଦିନ ଧରି ବେରୋଜଗାର କରିଦେଇଛି, ତାର ପ୍ରତିବାଦରେ ଏଆଇସିସିଟିୟୁ ସହ ନିବନ୍ଧିତ ଉତର ଭୁବନେଶ୍ୱର ଉଠାଦୋକାନୀ ସଂଘ ପକ୍ଷରୁ କଳ୍ପନା ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବିଏମ୍‌ସି ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ୨୦୦ରୁ ଅଧିକ ଉଠାଦୋକାନୀ ଭାଗ ନେଇ ହକି ଖେଳ ନାମରେ ଆମ ପେଟକୁ ନାତ ମାରନି, ତୁରନ୍ତ ଭେଣ୍ଡିଂଜୋନ ନିର୍ମାଣ କର, ଜୀବନ ଜୀବିକା ଓ ଆମର ସାମାଜିକ ସୁରକ୍ଷା ସୁରକ୍ଷିତ କର, ସୁପ୍ରିମକୋର୍ଟ ଆଦେଶକୁ ପାଳନ କର ଆଦି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇଥିଲେ। ଏଆଇସିସିଟିୟୁର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡ଼ା କିହଥିଲେ ଯେ, ସମ୍ବିଧାନର ଧାରା ୨୧କୁ ବିଏମ୍‌ସି ଖୋଲାଖୋଲି ଉଲଙ୍ଘନ କରି ଶହ ଶହ ଲୋକଙ୍କୁ ବୋରଜଗାର କରିବା ଏକ ମାନବିକ ଅଧିକାରର ଉଲଙ୍ଘନ ଓ ରାଜ୍ୟ ସରକାର ଉଠାଦୋକାନୀ ଷ୍ଟ୍ରିଟ ଭେଣ୍ଡର ଆଇନକୁ ନ ମାନିବା ଏକ ଲଜ୍ଜାଜନକ ବିଷୟ। ଏହି ଅବସରରେ ଏକ ୪ଜଣିଆ ପ୍ରତିନିଧି ମଣ୍ଡଳୀ ବିଏମ୍‌ସି କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ଓଡିଶା ସତ୍ୟ ସନାତନ ପ୍ରଜା ସମିତି ତରଫରୁ ଧର୍ମଯାତ୍ରା

ଭୁବନ, ୧୮/୧୨ (ନି.ପ୍ର): ଓଡିଶା ସତ୍ୟ ସନାତନ ପ୍ରଜା ସମିତି ଆନୁକୂଲ୍ୟରେ ଭୁବନରେ ବିଶାଳ ଧର୍ମ ଯାତ୍ରାଏବଂ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମିତିର ରାଜ୍ୟ ସଭାପତି ଇଂ ଦେବାଶିଷ ହୋତାଙ୍କ ନେତୃତ୍ୱରେ ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି କାଳିବଜାରସ୍ଥିତ ସହିଦ୍ ବାଜିରାଉତଙ୍କ ପ୍ରତିମୂର୍ତୀ ନିକଟରେ ପହଁଚିଥିଲେ । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ଗ୍ରାହଷ୍ଟେନ୍ସଙ୍କ ହତ୍ୟାର ସିବିଆଇ ତଦନ୍ତ କରାଯାଇ ଷଡଯନ୍ତ୍ରକାରୀଙ୍କ ମୁଖାଖୋଲିବାକୁ ଆୟୋଜିତ ଧର୍ମ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନହାନ୍ତ୍ ଦିଲ୍ଲେଶ୍ୱରାନନ୍ଦ ଦୃଢ ଦାବି କରିଥିଲେ । କେନ୍ଦ୍ରଶିକ୍ଷା ,ଦକ୍ଷତା ଓ ଉଦ୍ୟମିତାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସିବିଆଇ ତଦନ୍ତ ନିମନ୍ତେ ନିବେଦନ କରାଯିବାକୁ ଅନ୍ୟତମ ଅତିଥି ଶ୍ରୀମଦ୍ ବାବାସୁଦାମ ଦାସ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ହରିନାମର ମହାତ୍ମ୍ୟ ସଂପର୍କରେ ଆଲୋଚନା କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଙ୍କୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ

ଯୋଡ଼ା, ୧୮/୧୨ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବଡ଼ବିଲ ସଙ୍କୁଳର ସଙ୍କୁଳ ସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ,ବଲାଣୀ ଆନୁକୁଲ୍ୟରେ ବଲାଣି ସ୍ଥିତ ଜେ ଏନ ଆର୍ ସି ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ବଲାଣି ଖଣିର ସହ ପ୍ରବନ୍ଧକ( ମେକାନିକାଲ) ଚନ୍ଦ୍ରମଣି ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ କ୍ରୀଡା ମଶାଲ ଜଳାଇ ଅନୁଷ୍ଠାନିକ ଭାବେ କ୍ରୀଡା ଉତ୍ସବକୁ ଉଦ୍ଘାଟନ କରିବା ସହିତ କ୍ରୀଡା ଶପଥ ପାଠ କରାଇଥିଲେ । ଏହି କ୍ରୀଡା ଉତ୍ସବରେ ବଡବିଲ ସଙ୍କୁଳର ୭ଟି ଶିଶୁ ବିଦ୍ୟାମନ୍ଦିର ରୁ ମୋଟ ୧୯୬ ଜଣ ପ୍ରତିଭାଗୀ ଶିଶୁବର୍ଗ ,ବାଲବର୍ଗ, ଓ କିଶୋର ବର୍ଗ ରେ ଅଂଶଗ୍ରହଣ କରିଥିଲେ । କ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ୧୦୦ , ୨୦୦ , ୪୦୦, ୬୦୦, ୧୫୦୦, ୩୦୦୦ ମିଟର ଓ ୮୦ମିଟର ବାଧାଦୌଡ ସହିତ ଗୋଳାଫିଙ୍ଗା , ଥାଳ ଫିଙ୍ଗା, ବର୍ଛାଫିଙ୍ଗା, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ତ୍ରିକୁଦ ଡିଆଁ ଆଦି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ବିଦ୍ୟାଳୟ ର ପ୍ରତିଯୋଗୀ ମାନେ ଶୃଙ୍ଖଳିତ ଓ ସୁରକ୍ଷିତ ଭାବରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ଶ୍ରେଷ୍ଠ ଖେଳ ପ୍ରତିଭା ପ୍ରଦର୍ଶନ କରିଥିଲେ । ସଂକୁଳ କ୍ରୀଡାର ସମାପନ ଓ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବଲାଣି ଖଣିର ମହାପ୍ରବନ୍ଧକ (ମେକାନିକାଲ) ବୁଦ୍ଧଦେବ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ତରୁଣ ବଳଦେବ ନାଗ (ସଂଙ୍କୁଳ ପ୍ରମୁଖ, ବଡବିଲ) ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏତଦ ବ୍ୟତୀତ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ବନମାଳୀ ମହାକୁଡ, ସମ୍ପାଦକ ଶ୍ରୀଯୁକ୍ତ କେ ଶିବ ପ୍ରସାଦ ରାଓ ,ସଂଙ୍କୁଳ ସଂଯୋଜକ ଶ୍ରୀଯୁକ୍ତ ଡମ୍ବରୁଧର ମହାନ୍ତ ଉଦ୍ଘାଟନ ଓ ସମାରୋପ ଉତ୍ସବ ରେ ଉପସ୍ଥିତ ଥିଲେ । ସଙ୍କୁଳ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଓ ସମସ୍ତ ଶାରୀରିକ ପ୍ରମୁଖ ମାନେ ଏହି କ୍ରୀଡ଼ାର ପରିଚାଳନା କରିଥିଲେ । ସ୍ଥାନୀୟ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶ୍ରୀଯୁକ୍ତ କେଶବ ଚନ୍ଦ୍ର ପାତ୍ର ସଭାକାର୍ଯ୍ୟ ପରିଚାଳନା କରିବା ସହିତ ସମସ୍ତ ସେବାବ୍ରତୀ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ମାନେ ଏହି ସଂକୁଳ କ୍ରୀଡାକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ ।

## କେନ୍ଦୁଝରରେ ଆରଡେନ୍ଟ ଷ୍ଟିଲ କାରଖାନାର ସମ୍ପ୍ରସାରଣକୁ ଗ୍ରାମବାସୀଙ୍କ ତୀବ୍ର ବିରୋଧ : ମରିବୁ ପଛେ ଇଂଚେ ଜମି ଦେବୁନାହିଁ

କେନ୍ଦୁଝର, ୧୮/୧୨ (ନି.ପ୍ର): ମରିବୁ ପଛେ ଇଚେଂ ହେଲେ ଜମି ଦେବୁ ନାହିଁ । ଏହି ଦୃଢୋକ୍ତି ଥିଲା ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାରେ ସ୍ଥାପିତ ଆରଡେନ୍ଟ ଷ୍ଟିଲ କାରଖାନାକୁ ନିଜ ଜମି ହସ୍ତାନ୍ତର କରି ପ୍ରତାରିତ ହୋଇଥିବା ଜମିହରା ପ୍ରଜାଙ୍କର । କେନ୍ଦୁଝରରେ ପ୍ରତିଷ୍ଠିତ ଆରଡେନ୍ଟ ଷ୍ଟିଲ କାରଖାନର ସଂପ୍ରସାରଣକୁ ଜମିହରା ପ୍ରଜାଙ୍କ ପକ୍ଷରୁ ଘୋର ବିରୋଧ କରାଯାଇଛି । କମ୍ପାନୀ ଆମକୁ ବର୍ଷ ବର୍ଷ ଧରି ଧୋକା ଦେଇଛି । ଆମେ ମରିବୁ ପଛେ କମ୍ପାନୀକୁ ଇଚେଂ ହେଲେ ବି ଜାଗା ଛାଡିବୁ ନାହିଁ । ଏଭଳି ନିର୍ଦ୍ଦିଷ୍ଟ ଅଭିଯୋଗ ଧରି ଜିଲ୍ଲାପାଳଙ୍କୁ ଭେଟିଛନ୍ତି । ଫୁଲଝର ଗ୍ରାମ ଓ ଆଖ ପାଖ ଅଚଂଳର ଶହ ଶହ ଆଦିବାସୀ ପୁରୁଷ ଓ ମହିଳା ପ୍ରଜା । କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ବଂଶପାଳ ବ୍ଲକର ଫୁଲଝର ଗ୍ରାମ ପଂଚାୟତରେ ୨୦୦୮ ବର୍ଷରେ ପ୍ରତିଷ୍ଠା ହୋଇଥିଲା ଆରଡେନ୍ଟ ଷ୍ଟିଲ କମ୍ପାନୀର କାରଖାନା । ପ୍ରଥମ ଦଫାରେ କମ୍ପାନୀ ୦.୮୫ ମେଟ୍ରିକ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ କାରଖାନା ପ୍ରତିଷ୍ଠା କରିଥିଲା । କାରଖାନା ନିର୍ମାଣ ପୂର୍ବରୁ କାରଖାନା ପ୍ରତିଷ୍ଠା ହେଲେ ଅଚଂଳବାସୀଙ୍କର ଆର୍ଥିକ ଉନ୍ନତି ହେବ । ଅଂଚଳବାସୀଙ୍କୁ ଚାକିରୀ ସହ କାମ ମିଳିବ । ଅଂଚଳର ଅନେକରୁ ଅନେକ ଉନ୍ନତି ହେବ । ଏଭଳି ଅନେକ ସୁନେଲୀ ସ୍ୱପ୍ନ ଦେଖାଇ କମ୍ପାନୀ ଅଂଚଳବାସୀଙ୍କ ଠାରୁ ଶାଗ ମାଛ ଦରରେ ମୂଲ୍ୟବାନ ଜମି ହାତେଇ ନେଇଥିଲା । ଏବଂ କାରଖାନା ମଧ ପ୍ରତିଷ୍ଠା କଲା । କାରଖାନା ସ୍ଥାପନ ପରେ ପରେ ବେଶ୍ ଭଲ ମୁନାଫା କମାଇ ଚାଲିଲା କମ୍ପାନୀ । ହେଲେ ଜମିହରା ଲୋକଙ୍କୁ ଦେଇଥିବା ପ୍ରତିଶୃତିକୁ ସଂପୁର୍ଣ୍ଣ ଭୁଲିଗଲେ । ଅଂଚଳର କିଛି ହାତ ଗଣିତ ଲୋକଙ୍କୁ ଚାକିରି ଦେଇ ବାହାର ଅଂଚଳରୁ ନିଜ ମନ ପସନ୍ଦର ଅନ୍ୟ ସମସ୍ତ କର୍ମଚାରୀ ଆଣି ନିଯୁକ୍ତି ଦେବା ସହ ବିଭିନ୍ନ କାମ ମଧ ଦେଲେ । ଏବଂ ଏପଟେ କିଛି ଦିନ ଚାକିରିରେ ରଖିବା ପରେ ଅଂଚଳର ସେହି ଚାକିରିଆଙ୍କୁ କମ୍ପାନୀ ବାହାର ରାସ୍ତା ଦେଖାଇ ଦେଲା । ଏ ନେଇ ଅତିରିକ୍ତ ଲେବର କମିଶନର କିମ୍ବା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମଧ କମ୍ପାନୀ ଅଣଦେଖା କରିଆସୁଥିବା ଅଂଚଳବାସୀ ସିଧାସଳଖ ଅଭିଯୋଗ ଆଣିଛନ୍ତି । ଅଥଚ ଅପରପକ୍ଷେ ଅଂଚଳବାସୀ କାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ ଓ କାରଖାନାକୁ ଯାତାୟତ କରୁଥିବା ମାଲବାହୀ ଯାନଗୁଡିକ ଦ୍ୱାରା ସୃଷ୍ଟି ପ୍ରଦୂଷଣ ଓ ଧୂଳିରେ ଅଣନିଶ୍ୱାସୀ ହେବା ସହ ଶ୍ୱାସ, ଚର୍ମ, ଆଖି ଭଳି ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି । ଏପରିକି କାରଖାନା ଆଦିରୁ ନିର୍ଗତ ବିଷାକ୍ତ ଧୂଆଁ ସାଙ୍ଗକୁ ଧୂଳି ଲୋକମାନଙ୍କର ଚାଷ ଜମି ଉପରେ ଆସ୍ତରଣ ଭାବେ ଜମି ରହୁଛି, ଯଦ୍ୱାରା ଚାଷ ଜମି ଗୁଡିକର ଉର୍ବରତା ହ୍ରାସ ପାଉଛି । ଫଳରେ ଲୋକଙ୍କର ଚାଷ ନଷ୍ଟ ହେଲାଣି । କମ୍ପାନୀର ପ୍ରତାରଣାର ଶୀକାର ହୋଇ ଆସିଥିବା ଅଂଚଳବାସୀ ଏବେ କାରଖାନା ସଂପ୍ରସାରଣ ହେଲେ ମଧ ସେମାନେ ଇଂଚେ ହେଲେ ବି ଜମି ଦେବେ ନାହିଁ ବୋଲି ଜିଦ୍ ଧରିଥିବା ବେଳେ କମ୍ପାନୀ ଜମି ହାତେଇବାକୁ ପୋଲିସକୁ ହାତକରି ପୋଲିସ ମାଧମରେ ସେମାନଙ୍କୁ ଭୟଭୀତ କରୁଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସେମାନେ ଜିଲାପାଳଙ୍କ ନିକଟରେ ଗୁହାରୀ କରି ସେମାନଙ୍କୁ ନ୍ୟାୟରୁ ବଂଚିତ ନକରିବାକୁ ଅନୁରୋଧ କରିଛନ୍ତି ।

## ଆସନ୍ତା ୨୭ରେ ସୁଲିଆ ଯାତ୍ରା

ବଲାଙ୍ଗିର, ୧୮/୧୨ (ନି.ପ୍ର): ଆସନ୍ତା ୨୭ ରେ ଅନୁଷ୍ଠିତ ହେବାକୁ ଯାଉଛି ଆଦିବାସୀଙ୍କ ପ୍ରସିଦ୍ଧ ସୁଲିଆ ଯାତ୍ରା । ତିନି ଦିନ ଧରି ଏହି ଯାତ୍ରା ଆୟୋଜନ ନେଇ ଆଜି ଖଇରଗୁଡ଼ା ଠାରେ ଯାତ୍ରା କମିଟି ତରଫରୁ ଅନୁଷ୍ଠିତ ବୈଠକରେ ନିଷ୍ପତି ହୋଇଛି । ୨୫ ଓ ୨୬ ତାରିଖରେ ମହୋତ୍ସବର କାର୍ଯ୍ୟକ୍ରମ ରହିଥିବା ବେଳେ ୨୭ ତାରିଖରେ ସୁଲିଆ ପୀଠରେ ବଳି ପଡିବା ନେଇ ନିଷ୍ପତି ହୋଇଛି ।

## ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ତ୍ରୟୋବାର୍ଷିକ ସମ୍ମିଳନୀ

ବଲାଙ୍ଗିର, ୧୮/୧୨ (ନି.ପ୍ର): ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ତ୍ରୟୋବାର୍ଷିକ ସମ୍ମିଳନୀ ବଲାଙ୍ଗିର ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅମର ସହିଦମାନଙ୍କ ଉଦ୍ଦେଶ୍ୟରେ ପୁଷ୍ପଗୁଚ୍ଛ ଅର୍ପଣ ସହ ମାଁ ସମଲେଶ୍ୱରୀଙ୍କ ସ୍ମରଣ କରି ସଭା କାର୍ଯ୍ୟକୁ ଆଗକୁ ବଢାଇଥିଲେ । ଏହି ସମ୍ମିଳନୀରେ ଆମନ୍ତ୍ରିତ ମୁଖ୍ୟ ଅତିଥି ଏନ୍ଏଫ୍ଆରର୍ଆବିଇ ର ସାଧାରଣ ସଂପାଦକ ସାଥୀ ଶିବକରନ ଦ୍ୱିବେଦୀ ଓ ମୁଖ୍ୟ ବକ୍ତା ଭାବେ ଏନ୍ଏଫ୍ଆରର୍ଆବିଓ ର ସାଧାରଣ ସଂପାଦକ ସାଥୀ ସାୟଦ ଖାନ ଉପସ୍ଥିତ ଥିଲେ । ପ୍ରାରମ୍ଭରୁ ସମସ୍ତଙ୍କୁ ସ୍ୱାଗତ ବାର୍ତା ସହ ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ସଭାପତି ସାଥୀ ସତ୍ୟନାରାୟଣ ମିଶ୍ର ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟ ଆମନ୍ତ୍ରିତ ଅତିଥି ଭାବେ ଏନ୍ଏଫ୍ଆରଆରବିଇ ର ଯୁଗ୍ମ ସାଧାରଣ ସଂପାଦକ ସାଥୀ ସଚିକାନ୍ତ ପାତ୍ର, କୋଶଲ ରାଜ୍ୟ ଆବାହକ କମିଟି ବଲାଙ୍ଗିର ସାଥୀ ପ୍ରମୋଦ ମିଶ୍ର, ଏକ୍ସନ କମିଟି ଅଧ୍ୟକ୍ଷ ଗୋପାଲଜୀ ପାଣିଗ୍ରାହୀ, ଆବାହକ ୟୁଟିୟୁବି ବଲାଙ୍ଗିର ସାଥୀ ବିଭୁଦତ ମିଶ୍ର, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅଫିସରର୍ସ ସଂଘର ସାଧାରଣ ସଂପାଦକ ସାଥୀ ସିତିକଣ୍ଠ ମିଶ୍ର, ଅବସରପ୍ରାପ୍ତ ସଂଘର ସାଧାରଣ ସଂପାଦକ ସାଥୀ ଯୁଗଲ କିଶୋର ପଟେଲ ଏବଂ ସଭାପତି ଦ୍ୱାରିକାନାଥ ପଟେଲ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସଂପାଦକ ସାଥୀ ପୁଲିନ ମିଶ୍ର ସଂଘର ଭବିଷ୍ୟତ ଯୋଜନା ସଂପର୍କରେ ସମସ୍ତ ଉପସ୍ଥିତ ସଭ୍ୟଙ୍କୁ ଅବଗତ କରାଇଥିଲେ ଓ ସଭାକାର୍ଯ୍ୟ ପରିଚାଳନାର ଦାୟିତ୍ୱ ତୁଲାଇଥିଲେ । ପରବର୍ତି ପର୍ଯ୍ୟାୟରେ ସଂଘର ଆଗମୀ ଦିନର କର୍ମକର୍ତା ଚୟନ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା । ସଭାପତି ପୁଲିନ ମିଶ୍ର, କାର୍ଯକାରୀ ସଭାପତି ଅଭିଜିତ ଗଡତ୍ୟା, ସାଧାରଣ ସଂପାଦକ ହୃଷିକେଶ ପାତ୍ର, ଉପ-ସଭାପତି ବେଣୁଧର ସେଠି, (ମହିଳା) ଲତିକା ସେଠ, ଡେପୁଟି ସାଧାରଣ ସଂପାଦକ ଅଲୋକ ପ୍ରଧାନ, ଅତିରିକ୍ତ ସାଧାରଣ ସଂପାଦକ ରୋହିତ ପଟ୍ଟନାୟକ, ବାବୁଲା ସ୍ୱାଇଁ, ପ୍ରତାପ ଚନ୍ଦ୍ର ସାହୁ, ସାଂଗଠାନିକ ସଂପାଦକ ସାନୁଜିତ ମିଶ୍ର, ଅତିରିକ୍ତ ସାଂଗଠାନିକ ସଂପାଦକ ବିଶ୍ୱ ରଂଜନ ସାହୁ, ଅଫିସ ସଂପାଦକ ସିଦ୍ଧାର୍ଥ ମହାପାତ୍ର, କୋଷାଧକ୍ଷ ରୋଶନ ମିଶ୍ର, ଅତିରିକ୍ତ କୋଷାଧକ୍ଷ ବିଭୁଦତ ପଣ୍ଡା ଓ ଅନ୍ୟ କର୍ମକର୍ତା ନିର୍ବାଚିତ ହୋଇଥିଲେ । ଓଡିଶାର ୧୭ଟି ଜିଲ୍ଲାର ପ୍ରାୟ ୬୦୦ ରୁ ଉର୍ଦ୍ଧ୍ୱ କର୍ମକର୍ତା ଯୋଗ ଦେଇଥିଲେ । ପରିଶେଷରେ ଆମନ୍ତ୍ରିତ ଅତିଥି, କର୍ମକର୍ତା , ଗଣ ମାଧମ, ବଲାଙ୍ଗିର ଟାଉନ ହଲ୍ ର ଅଧକ୍ଷ ଏବଂ ସମସ୍ତ ଆୟୋଜକ କମିଟି କୁ ଧନ୍ୟବାଦ ପ୍ରଦାନ ସହ ସଭାକାର୍ଯ୍ୟ ସମାପ୍ତ କରାଯାଇଥିଲା ।

## ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ଭର୍ଚୁଆଲ ବୈଠକ

କନ୍ଧମାଳ , ୧୮/୧୨ (ନି.ପ୍ର): ଦେଶରେ ହୁ ହୁ ହୋଇ ଜନସଂଖ୍ୟା ବୃଦ୍ଧି ପାଉଛି । ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ଏକ ଭର୍ଚୁଆଲ ବୈଠକ ବିପିନ ବିହାରୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି ।ଜିଲ ସଭାପତି ଅଶୋକ ପରିଡାଙ୍କ ସହ ପ୍ରତି ବ୍ଲକର କର୍ମକର୍ତା ମାନେ ଏହି ବୈଠକ ରେ ଭାଗ ନେଇଥିଲେ ।ଦେଶରେ ପ୍ରାକୃତିକ ସମ୍ବଳ ସୀମିତ ଥିଲାବେଳେ ଅସନ୍ତୁଳିତ ଜନସଂଖ୍ୟା ବୃଦ୍ଧି ଦେଶର ବିକାଶ ରେ ପ୍ରତିବନ୍ଧକ ସାଜିଛି ।ବିକଶିତ ଦେଶରେ ଜନସଂଖ୍ୟା ନିୟନ୍ତ୍ରିତ ରହିଥିବା ରୁ ଆଶାନୁରୂପ ବିକାଶ ଘଟୁଛି ।ତେଣୁ ଆମ ସରକାର ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଏକ ଶକ୍ତ ଆଇନ ଆଣିବା ଆବଶ୍ୟକ ।ଆମ ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ନେଉଥିବା ପଦକ୍ଷେପ କେବଳ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ମନେ ହୁଏ ।ତେଣୁ ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଦୁଇ ସନ୍ତାନ ନିୟମ ଲାଗୁ କରିବାକୁ ସଂସଦରେ ଏକ ଆଇନ ଆସିବା ଆବଶ୍ୟକ ବୋଲି ରାଜ୍ୟ ସଭାପତି ବିପିନ ବିହାରୀ ଦାସ ସୂଚନା ଦେଇଛନ୍ତି ।ଆଇନ ଉଲଂଘନ କାରୀକୁ ସରକାରୀ ଯୋଜନା ରୁ ବଂଚିତ କରିବା ସହ ଦଶ ବର୍ଷ ଜେଲ ଦଣ୍ଡ ଓ ନାଗରିକତ୍ୱରୁ ବଂଚିତ କଲାଭଳି କଠୋର ଆଣିବା ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଛି ।ବହୁ ପତ୍ନୀ ରଖିବା ଓ ଆଠ ଦଶ ସନ୍ତାନ ଜନ୍ମ କରିବା ଦେଶ ର ଅର୍ଥନୀତି ଉପରେ ବୋଝ ।ଏହା କାର୍ଯ୍ୟ କାରୀ ନ ହେଲେ ଆଗାମୀ ଦିନରେ ପ୍ରକୃତି ସମ୍ବଳ ଉପରେ କୁପ୍ରଭାବ ପଡିବ ।ଏବେ ତ ବାସଡିହ ମିଳୁନାହିଁ, ପରିବେଶ ପ୍ରଦୂଷଣ ବଢୁଛି ,ଶିକ୍ଷା, ସ୍ୱାସ୍ଥ୍ୟ ,ପାନୀୟ ଜଳ, ନିଯୁକ୍ତି ଯୋଗାଇବା ସରକାର ଙ୍କ ପକ୍ଷରେ ସମ୍ଭବ ହେଉନାହିଁ ।ଅଧିକ ଶିଶୁ ଜନ୍ମ ହେଉଥିବା ରୁ ଚିକିତ୍ସା ଓ ପୁଷ୍ଟିକର ଖାଦ୍ୟ ଅଭାବରୁ ଶିଶୁମୃତ୍ୟୁ ଓ ମାତୃମୃତ୍ୟୁ ବୃଦ୍ଧି ପାଉଥିବା ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ର ଜିଲା ସଭାପତି ଅଶୋକ ପରିଡା ସୂଚନା ଦେଇଥିଲେ ।

## ଦୁଇ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

କୋରେଇ, ୧୮/୧୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ବୁଢା ନଦୀରୁ ବେଆଇନ ବାଲି ଉଠାଣ ଏକ ନିତି ଦିନିଆ ଘଟଣାରେ ପରିଣତ ହୋଇଛି । ପ୍ରଶାସନିକ କୋହଳ ମନୋଭାବ ଚୋରା ବାଲି ମାଫିଆକୁ ସୁହାଉଛି । ବାରମ୍ବାର ଅଭିଯୋଗ ହେଲେ ବି ପ୍ରଶାସନ ନିଦା ବିଷ୍ଣୁ ସାଜିଛି । ସେ ଯାହା ବି ହେଉ ଆଜି ସକାଳୁ ଛୁଟି ଦିନ ଥାଇ ମଧ୍ୟ ଯାଜପୁର ତହସିଲ ପକ୍ଷରୁ ହଠାତ ରାସ୍ତାରେ ଆସୁଥିବା ବେଳେ ଚଢାଉ କରାଯାଇଥଲା । ଏହି ସମୟରେ ବେଆଇନଭାବେ ଦୁଇଟି ଟ୍ରାକ୍ଟର ବାଲି ବୋଝେଇ କରି ଆଣୁଥିବା ବେଳେ ଅତିରିକ୍ତ ତହସିଲଦାର ଏହାକୁ ଧରି ପାଣିକୋଇଲି ପୁଲିସ ଜିମା ଦେଇଛନ୍ତି । ଜରିମାନା ଆଦାୟ ପରେ ଟ୍ରାକ୍ଟର ଦୁଇଟିକୁ ଛଡାଯିବ ବୋଲି ସୂଚନା ମିଳିଛି ।

## କ. ନୂଆଗାଁରେ ଗ୍ରାମାଚଂଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ

କନ୍ଧମାଳ, ୧୮/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକର ପେଣ୍ଡିପଡର ଗ୍ରାମରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ଏବଂ ମା ସିପାସରୁ ଯୁବକ ସଂଘ ପେଣ୍ଡିପଦର ର ମିଳିତ ଆନୁକୂଲ୍ୟରେ ଗ୍ରାମାଚଂଳ ସ୍ତରୀୟ ଖେଳକୁଦ ପ୍ରତିଯୋଗୀତା ଉଦଯାପିତ ହୋଇଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ବିଶିପଡ଼ା ଗ୍ରାମ ପଂଚାୟତର ସରପଂଚ ବାମନା କହଁର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସାଂସଦ ପ୍ରତିନିଧି ଜଳନ୍ଧର ବେହେରା, ଶୈଳନ୍ଦ୍ର ପାଢ଼ୀ ସରପଂଚ କେଳପଡା ର ସ୍ୱର୍ଣ୍ଣ ଲତା ପ୍ରଧାନ, ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ଡିଗାଲ, ସୁରକ୍ଷା କର୍ମୀ ସେନା ବାହିନୀର ରଜନୀ କାନ୍ତ ପ୍ରଧାନ, ତ୍ରିନାଥ ବେଶୀ କହ୍ନର, ଆଦିବାସୀ ନେତା ବିସିକେଶନ ପ୍ରଧାନ, ବିଜୟ ମଲ୍ଲିକ, ଶିଖକ ମଞ୍ଜୁବାଳା ସାହାଣୀ ଏବଂ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ୍ ଦଳବେହରା ପ୍ରମୁଖ ଯୋଗଦେଇଥିଲେ । ଏହି ପ୍ରତିଯୋଗିତାରେ ଫୁଟବଲ୍, ଭଲିବଲ, କବାଡି, ଦଉଡକୁଦ ଇତ୍ୟାଦି ଖେଳ ଅନୁଷ୍ଠିତ ହୋଇଥିଲା । ଏହି ଦିବସରେ ଫାଇନାଲ ମ୍ୟାଚ ଟି କାଇଲମ୍ବା ଓ ସାରଙ୍ଗଡ଼ ଫୁଟବଲ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କାଇଲମ୍ବା ୧-୦ ଗୋଲ ରେ ସାରଙ୍ଗଡ଼କୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଥିବା କ୍ରୀଡ଼ା ପ୍ରେମୀ ଭାଇ ଭଉଣୀଙ୍କୁ ଅବଗତ କରାଇଥିଲେ । ଏହି ପ୍ରତିଯୋଗିତାରେ ବିଜୟ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ । ଏହି ମ୍ୟାଚ୍ କୁ ରେଫରି ଭାବରେ ଅମିତ କୁମାର ବିଶୋଇ ରଞ୍ଜିତ ଏବଂ ଲାଇନ୍ ମାନ ଭାବରେ ମିଳନ ବିଶୋଇ, ରବୀନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ । ବୈଠକରେ ମା ସିପାସରୁ ଯୁବକ ସଂଘର ସଭାପତି ରାଜ କିଶୋର ମଲ୍ଲିକ, ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଏବଂ ଉପସ୍ଥିତ କ୍ରୀଡ଼ା ପ୍ରେମୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ କୃଷ୍ଣ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଙ୍ଗଳପୁରସ୍ଥିତ ହାତୀ ବ୍ୟାରେଜରେ ଆମ ଆଦମୀ ପାର୍ଟିର ଅନିର୍ଦ୍ଦିଷ୍ଟ କାଳ ଯାଏଁ ଗଣଧାରଣା

ମୁଖୀଗୁଡା, ୧୮/୧୨ (ନି.ପ୍ର): ଉପର ଇନ୍ଦ୍ରାବତୀ ଜଳସେଚନ ବିଭାଗରେ ହୋଇଥିବା ଦୁର୍ନୀତି ଏବଂ ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଆମ ଆଦମୀ ପାର୍ଟି କଳାହାଣ୍ଡି ଜିଲ୍ଲା କମିଟି ତରଫରୁ ଆଜି ସକାଳ ୧୧ଟାରୁ ସନ୍ଧ୍ୟା ଯାଏଁ ଇନ୍ଦ୍ରାବତୀ ପ୍ରକଳ୍ପର ମଙ୍ଗଳପୁର ସ୍ଥିତ ହାତୀ ବ୍ୟାରେଜରେ ଗଣଧାରଣ ଦିଆଯାଇଥିଲା । ବହୁବର୍ଷ ଧରି ହାତୀ ବ୍ୟାରେଜରେ ପଙ୍କ ଉଦ୍ଧାର ଏବଂ ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ୱେ ବ୍ୟାରେଜର ଜଳ ଧାରଣ କ୍ଷମତା କମି ଯାଉଥିବାବେଳେ ବ୍ୟାରେଜର ସ୍ଥିତି ଦୁର୍ବଳ ହୋଇ ପଡିଛି । ତୁରନ୍ତ ପଙ୍କ ଉଦ୍ଧାର ସହ ବ୍ୟାରେଜର ସୁରକ୍ଷା ବ୍ୟବସ୍ଥା କରିବା, ଜଳସେଚନ ଆରମ୍ଭ ହୋଇ ଦୀର୍ଘ ବର୍ଷ ବିତି ଯାଇଥିଲେ ହେଁ ଶାଖା କେନାଲ ମାନଙ୍କରେ ବିଭାଗୀୟ ଅଧିକାରୀ ମାନଙ୍କ ଅବହେଳା କାରଣରୁ କେନାଲ ପାଣି ତଳମୁଣ୍ଡ ଯାଏଁ ଯାଇ ପାରୁନାହୁଁ, ଏଣୁ ଶାଖା କେନାଲ ମାନଙ୍କ ବାର୍ଷିକ ବ୍ୟୟ ଅଟକଳ କରି ପ୍ରତିବର୍ଷ ସଠିକ ଖର୍ଚ୍ଚ ବ୍ୟବସ୍ଥା, ଦକ୍ଷିଣ କେନାଲ ବିସ୍ତାର କାମ ସାରି ସାତ ବର୍ଷ ବିତିଯାଇଥିଲେ ହେଁ ତଳମୁଣ୍ଡକୁ ପାଣି ଯାଉନାହିଁ । ଜୁନାଗଡ଼ ଏବଂ ଭବାନୀ ପାଟଣା ବ୍ଲକର ଚାଷୀ ପାଣି ପାଇବା ବ୍ୟବସ୍ଥା କରିବା, ଦକ୍ଷିଣ କେନାଲ ଠାରୁ ୪୨ କି.ମି. ମରାମତି କାମ ଏକ ବର୍ଷ ଶେଷ ହୋଇଛି ।୦ରୁ୧୦ କି.ମି. ଯାଏଁ ରବି ଋତୁରେ କେନାଲ ପାଣି ଦେବା ବ୍ୟବସ୍ଥା କରିବା, ଇନ୍ଦ୍ରାବତୀ ବାମ ଏବଂ ଦକ୍ଷିଣ କେନାଲରେ ଖରିଫ ଋତୁରେ ଜୁନ ୧ ତାରିଖରେ ଏବଂ ରବି ଋତୁରେ ଜାନୁଆରୀ ୧ ତାରିଖରେ ପାଣି ଦେବା ବ୍ୟବସ୍ଥା, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଇନ୍ଦ୍ରାବତୀ ଦେବୀ ମନ୍ଦିର ଏବଂ ପାର୍କ ନିର୍ମାଣ କାର୍ଯ୍ୟ ଏବଂ ହାତୀ ବ୍ୟାରେଜର ସୌନ୍ଦର୍ଯ୍ୟକରଣ ସହ ମୁଖୀଗୁଡା ଠାରୁ ଜୟପାଟଣା ଏବଂ ମଙ୍ଗଳପୁର ଯାଏଁ ଷ୍ଟ୍ରୀଟ ଲାଇଟ ବ୍ୟବସ୍ଥା କରିବା ଆଦି ଦାବିରେ ଆମ ଆଦମୀ ପାର୍ଟି କଳାହାଣ୍ଡି ଜିଲ୍ଲା ସଭାପତି ବିଘ୍ନରାଜ ପଣ୍ଡା, ସମ୍ପାଦକ ଗଣେଶ ବାଗ, ଜୟପାଟଣା ବ୍ଲକ ସଭାପତି ପ୍ରଶନ୍ନ ସାହୁ, ଚିନ୍ତାମଣି କୁମାର, ତୁଳସୀରାମ ଭକ୍ତ, ଡମ୍ବରୁଧର ଦୁର୍ଗା, ସାହିତ ଖାଁ ଏବଂ କିଶୋର ଗୌନ୍ତିଆ ଧାରଣାରେ ବସିଥିଲେ । ଦାବି ପୂରଣ ନହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଜଣାଇଛନ୍ତି । ଶେଷ ଖବର ଅନୁଯାୟୀ ଆଜି ଧାରଣାସ୍ଥଳକୁ କୌଣସି ଅଧିକାରୀ ଆସିନଥିଲେ ।

## ଓଷ୍ଟା ପକ୍ଷରୁ ୩୯ ତମ ଶିଶୁ ମହୋତ୍ସବ ଅନୁଷ୍ଠିତ

କନ୍ଧମାଳ, ୧୮/୧୨ (ନି.ପ୍ର): ଓଷ୍ଟାର କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ୩୯ ତମ ଶିଶୁ ମହୋତ୍ସବ ଫୁଲବାଣୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଓଷ୍ଟାର କନ୍ଧମାଳ ଜିଲ୍ଲା ଶାଖା ସଭାପତି ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପରିଷଦ ସଦସ୍ୟ ଗଣେଷ କୁମାର ଦଳାଇ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିବା ବେଳେ ଜିଲ୍ଲା ସମ୍ପାଦକ ରଞ୍ଜନ କୁମାର ମାହାନ୍ତି ଓ ଉପସଭାପତି ରଞ୍ଜନ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ତର୍କ ପ୍ରତିଯୋଗିତା ରେ ଗୋପାଳକୃଷ୍ଣ ମହାପାତ୍ର ,କଣ୍ଠସଂଗୀତ ରେ ସୋନାଲି ଭୋଳ ,ଚିତ୍ରାଙ୍କନ ରେ ଗୌରାଙ୍ଗ କହଁର ,ଆବୃତି ପାଇଁ ରିଷିମା ପ୍ରଧାନ ,ଗଳ୍ପ ଲିଖନରେ ଶ୍ୱେତପ୍ରଜ୍ଞା ପୃଷ୍ଟି, କବିତାରଚନା ପ୍ରିତିଲତା ବେହେରା, ଏକକ ଅଭିନୟ ରେ ଆଶିଷ ବେହେରା, ଏକକ ନୃତ୍ୟ ସ୍ମୃତିରେଖା ଭୁକ୍ତା, ସାଧାରଣ ଜ୍ଞାନ ସୌମ୍ୟ ସ୍ୱସ୍ତିକ ନାୟକ ଓ କ୍ୱିଜ୍ ପ୍ରତିଯୋଗିତା ରେ ଶୁଭସ୍ମିତା ପ୍ରଧାନ କୃତିତ୍ୱ ଅର୍ଜନ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ସେମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଯୁଗ୍ମସଂପାଦକ ପ୍ରଭାତ କୁମାର ରଥ, ଶିକ୍ଷକ ଶଶିଭୂଷଣ ବିଶୋଇ, ରମେଶ ଚନ୍ଦ୍ର ନାୟକ, ସୂର୍ଯ୍ୟମଣି ଷଡଙ୍ଗୀ, ପ୍ରଶାନ୍ତ କୁମାର ଦାସ, ବିରୋଜ କୁମାର ଛୋଟରାୟ, ଶୁସାନ୍ତ ରଥ, ପଦ୍ମଚରଣ ମାନସିଂ ଫକିର ପ୍ରଧାନ ଓ ପ୍ରଦ୍ୟୁମ୍ନ ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ରାଜକିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଖଜୁରୀପଡା ବ୍ଲକ ସଭାପତି ଚତୁର୍ଭୁଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିମ୍ନ ମାନର ରାସ୍ତାର କାର୍ଯ୍ୟ ହେଉଥିବା ଅଭିଯୋଗ ପରେ ମଧ ଆସୁନାହିଁ ସୁଧାର: ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ

ଯୋଡ଼ା, ୧୮/୧୨ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ତଥା ମହାରନ୍ କମ୍ପାନୀ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ତ ଓଡିଶା ଖଣି ସମୂହର ବଲାଣି ଖଣିର ବିଭିନ୍ନ କଲୋନୀ ଓ ମୁଖ୍ୟ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ବଲାଣି ଖଣି ପକ୍ଷରୁ ଆରମ୍ଭ ହୋଇଛି । ବଲାଣି ଖଣିର ସିଭିଲ ବିଭାଗ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲୁଥିବା ବେଳେ କାର୍ଯ୍ୟ ଆରମ୍ଭ ରୁ ନିମ୍ନ ମାନର କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହେଉଛି । ଝାଡ଼ଖଣ୍ଡ ରାଜ୍ୟର ମନୋହରପୁର ଅଞ୍ଚଳର ଠିକା ସଂସ୍ଥା ଦୁର୍ଯୋଧନ ମହାନ୍ତି ଏହି କାର୍ଯ୍ୟ ଟେଣ୍ଡର ମାଧମରେ ହାତେଇଥିବା ବେଳେ କାର୍ଯ୍ୟ ଆରମ୍ଭରୁ ଠିକା ସଂସ୍ଥା ଦ୍ୱାରା ନିମ୍ନ ମାନର କାର୍ଯ୍ୟ କରୁଥିବା ନେଇ ଠିକା ସଂସ୍ଥା ବିରୁଦ୍ଧରେ ଅଭିଯୋଗ ହେଉଛି । ନିମ୍ନ ମାନର ଗିଟି ସହିତ ନିମ୍ନ ମାନର ବିଟୁମିନ୍ସ ବ୍ୟବହାର ହେଉଥିବା ନେଇ ଅଭିଯୋଗ ହେଉଛି । ଫଳସ୍ୱରୂପ ବର୍ତ୍ତମାନ ସୁଦ୍ଧା ରାସ୍ତା କାର୍ଯ୍ୟ ସମ୍ପନ୍ନ ହୋଇଥିବା ମୁଖ୍ୟ ସଡ଼କ ସହିତ ଖଣି କଲୋନୀର ବିଭିନ୍ନ ସଂଯୋଗ ରାସ୍ତା କାମ ଶେଷ ନହେଉଣୁ ଖଣ୍ଡ ଖଣ୍ଡ ହୋଇ ଉଠିବାକୁ ଲାଗିଛି । ସାଧାରଣ ରାସ୍ତା ତ ଦୂରର କଥା ବଲାଣି ଖଣିର ଅଧିକାରୀ କଲୋନୀ ଇ-୬ ଓ କେ -୬ କଲୋନୀ ରାସ୍ତା ଦୁଇ ଦୁଇ ଥର ନିର୍ମାଣ ହେବା ପରେ ଉକ୍ତ ରାସ୍ତାରୁ ପିଚୁ ଉଠିଯିବା ଘଟଣା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଠିକା ସଂସ୍ଥା ଦ୍ୱାରା ଏବେ ନିର୍ମାଣାଧୀନ ଟାଇମ ଅଫିସ ମୁଖ୍ୟ ରାସ୍ତା , ବଲାଣି ବଜାର ମୁଖ୍ୟ ରାସ୍ତା, କୋ ଅପରେଟିଭ୍ ଷ୍ଟୋର ସାମ୍ନା ରାସ୍ତା , ଜେ ଏନ ଆର୍ ସି ପରିସର ରାସ୍ତା ଓ ଡିଏଭି ସ୍କୁଲ କଲୋନୀ ରାସ୍ତା ନିର୍ମାଣ ଶେଷ ନହେଉଣୁ ଉକ୍ତ ରାସ୍ତାରୁ ପିଚୁ ଖଣ୍ଡ ଖଣ୍ଡ ହୋଇ ଉପୁଡିବା ଆରମ୍ଭ ହୋଇଛି । ଏ ନେଇ ବଲାଣି ଖଣିର କର୍ମଚାରୀ ଓ ଅଞ୍ଚଳବାସୀ ଙ୍କ ମଧ୍ୟରେ ଅସନ୍ତୋଷ ଭାବ ପ୍ରକାଶ ପାଇଛି । ତେବେ ଏ ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ସଂଜୀବ କୁମାର ଠିକାଦାର ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ନେଇ କହିଥିବା ବେଳେ ଠିକାଦାରଙ୍କୁ ଉକ୍ତ ରାସ୍ତା ପୁନଃ ନିର୍ମାଣ କରିବାକୁ ଚିଠି ପ୍ରଦାନ କରାଯାଇଥିବା ନେଇ କହିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ମଙ୍ଗଳବାର, ୨୦ ଡିସେମ୍ବର ୨୦୨୨

## ଓଜନ ବଢ଼ାଇବା ସହ ଚର୍ମ ସମସ୍ୟା, ଦନ୍ତ ସମସ୍ୟା ବଢ଼ାଇଥାଏ ସ୍ନାକ୍-ଫୁଡ୍



ଚକ୍‌ଲେଟ୍, ଚିପ୍‌ସ, କାଣ୍ଡିଜ୍ ଏବଂ ସମସ୍ତ ପ୍ରକାରର ମୃଦୁ ପାନୀୟର ପୁଷ୍ଟି-ଦାୟକ ମୂଲ୍ୟ କିଛି ନାହିଁ । ଏହା ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ । ଏସବୁ ସ୍ନେହସାର, ଲବଣ ଶର୍କରା, ବିଭିନ୍ନ ପ୍ରକାର ରଙ୍ଗ ଏବଂ ଅନ୍ୟ କୃତ୍ରିମ ରାସାୟନିକରେର ଭରପୂର । ଏସବୁକୁ 'ସ୍ନାକ୍-ଫୁଡ୍' କୁହାଯାଏ । ଏସବୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଚର୍ମଜନିତ ସମସ୍ୟା, ଦାନ୍ତ ରୋଗ ଦେଖାଯାଏ । କର୍କଟ ଓ ହୃଦ୍‌ରୋଗର ଆଶଙ୍କା ମଧ୍ୟ ବଢ଼େ । ଛେନା, ମଞ୍ଜି, କମଳା, ଅଙ୍ଗୁରର, କିସମିସ, ଲେମ୍ବୁ-ପାଣି, ଶୁଷ୍କ ଫଳ, ନଟ୍‌ସ, ଗାଜର ଓ ସେଓ ଅଧିକ ଖାଆନ୍ତୁ । ଚକ୍‌ଲେଟ୍, ବିସ୍କିଟ୍, ଚିପ୍‌ସ, ମିଲ୍‌କ ସେକ୍, ପପ୍-କର୍ନ, ମଫିନ୍, କୋଲା ଓ ଅନ୍ୟ ସମସ୍ତ ମୃଦୁ ପାନୀୟ, ଆଇସ୍-ଲସି କ୍ରଏସାଣ୍ଟ୍, ସମସ୍ତ ପିଜା ଓ ବର୍ଗରଠାରୁ ଦୂରେଇ ରହନ୍ତୁ ।

## ପର୍ବତ ଧାରରେ ବ୍ୟାକ୍‌ଫ୍ଲିପ୍

ପର୍ବତ ଧାରରେ ଜଣେ ବ୍ୟକ୍ତିଙ୍କ ବ୍ୟାକ୍‌ଫ୍ଲିପ୍ ଭିଡିଓ ସୋସିଆଲ୍ ମିଡିଆ ୟୁଜର୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛି । ତାଙ୍କର ଏ ପ୍ରକାର ମୂର୍ଖାମି ସମସ୍ତଙ୍କୁ ଚକିତ କରିଛି । ବ୍ୟବସାୟୀ ହର୍ଷ ଗୋଏଙ୍କା ନିଜ ଟ୍ୱିଟର୍ ଆକାଉଣ୍ଟରେ ୧୪ ସେକେଣ୍ଡର ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯାହାକୁ ଏବେ ସୁଦ୍ଧା ୬୭ ହଜାରରୁ ଅଧିକ ଥର ଦେଖାଯାଉଛି । ଭିଡିଓରେ ବ୍ୟକ୍ତି ଜଣକ ଏକ ବନ୍ଧୁର ପର୍ବତର ଠିକ୍ ଧାରରେ ଠିଆ ହୋଇ ବିପଦପୂର୍ଣ୍ଣ ବ୍ୟାକ୍‌ଫ୍ଲିପ୍ ଷ୍ଟଣ୍ଟ ଦେଖାଇଛନ୍ତି । ଏହାକୁ ସେ ଖୁବ୍ ସହଜରେ କରିଛନ୍ତି । ବିପଦପୂର୍ଣ୍ଣ ବ୍ୟାକ୍‌ଫ୍ଲିପ୍ କରିବା ପରେ ସେ କ୍ୟାମେରାକୁ ଚାହିଁ ବିଜୟ ସଙ୍କେତ ଦେଇଛନ୍ତି । ତାଙ୍କର ଏହି ଷ୍ଟଣ୍ଟ ପ୍ରଶଂସାଯୋଗ୍ୟ କିମ୍ବା ମୂର୍ଖତା ଭାବେ ବିବେଚନା କରାଯିବା ଉଚିତ, ତାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ବୋଲି ହର୍ଷ ଗୋଏଙ୍କା କ୍ୟାପ୍‌ସନ ଲେଖିଛନ୍ତି । କିନ୍ତୁ ଭିଡିଓଟି ନକାରାତ୍ମକ ଭାବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ହର୍ଷ ଗୋଏଙ୍କାଙ୍କ କମେଣ୍ଟ ବିଭାଗରେ ୟୁଜର୍ ଏଭଳି ବିପଦପୂର୍ଣ୍ଣ ଷ୍ଟଣ୍ଟ ପଇଁ ବ୍ୟକ୍ତି ଜଣଙ୍କୁ ନିନ୍ଦା କରିଛନ୍ତି । ଭିଡିଓ ପ୍ରସ୍ତୁତି ଲାଗି ଜୀବନକୁ ବିପଦରେ ପକାଇଥିବାରୁ ଲୋକେ ତାଙ୍କୁ ଗାଳି କରୁଛନ୍ତି । ଷ୍ଟଣ୍ଟଟି ସଫଳ ହେଲେ ସୁଦ୍ଧା ତାହା ସମ୍ପୂର୍ଣ୍ଣ ଭାବେ ମୂର୍ଖାମି ବୋଲି କିଛି ୟୁଜର୍ ପ୍ରତିକ୍ରିୟା ଦେଇଛନ୍ତି । ଏହା ଦାୟିତ୍ୱହୀନତାକୁ ଦର୍ଶାଉଛି ବୋଲି ଅନ୍ୟ କିଛି କହିଛନ୍ତି ।

# ଆସ ପିଇବା ମସଲା ଚା'

ପାଣି ବ୍ୟତୀତ ଲୋକେ ଆଉ ଯାହା ଅଧିକ ପିଅନ୍ତି, ତାହା ହେଉଛି ଚା' । ପୂର୍ବେ ଏହାକୁ ଔଷଧ 'କ୍ୱାଥ' ବା 'କାଢ଼ା' ରୂପେ ପିଆ ଯାଉଥିଲା । ଏହି ପରି ଖରା ଓ ବର୍ଷାର ମିଶ୍ରିତ ଋତୁରେ, ସ୍ୱାସ୍ଥ୍ୟ ରକ୍ଷାକାରୀ ଜଡ଼ିବୁଟୀ ମିଶିଥିବା ମସଲା ଚା' ପିଇବା ଅତ୍ୟନ୍ତ ଉପାଦେୟ । ସାଧାରଣ ଚା' ଅନେକ ସମୟରେର ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏଥିରୁ ଗୋଟିଏ ହେଉଛି- ଅମ୍ଳ ବୃଦ୍ଧି । ଏଣୁ ସାଧାରଣର ଚା' ପରିବର୍ତ୍ତେ ଆୟୁର୍ବେଦୀୟ ଚା' ବା 'ହର୍ବାଲ୍ ଟି' ପିଇଲେ ତାହା ଶରୀରକୁ ଫୂର୍ତ୍ତି ଦେବା ସହିତ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) ବଢ଼ାଇବାରେ ସାହାଯ୍ୟ କରିଥାଏ । ବୈଜ୍ଞାନିକମାନଙ୍କ ମତରେ, ଏପରି ଋତୁରେ 'ବ୍ୟାକ୍ଟେରିଆ' ବା 'ଭାଇରସ୍' ଦ୍ରୁତ ଗତିରେ ବଢ଼ିଥାନ୍ତି । ଫଳରେ ଏହା ସଂକ୍ରମଣ ବା 'ଏଲର୍ଜୀ' ଆଦିର କାରଣ ହୋଇଥାଏ । ଏଣୁ ଏହି ସଂକ୍ରମଣ ପାଇଁ ସତର୍କ ରହିବା ଏକ ପ୍ରତିଷେଧାତ୍ମକ ଆବଶ୍ୟକତା । ଏହି ଜଡ଼ିବୁଟୀ ମିଶା ଆୟୁର୍ବେଦୀୟ ଚା' ବା ମସଲା ଚା' ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଫଳରେ ଶରୀର ସଂକ୍ରମଣ ବିରୋଧରେ ଲଢ଼େଇ କରିପାରେ । ସାଧାରଣ ଭାବରେ କେବଳ ଲବଙ୍ଗ ଚା' ପିଇଲେ କଫଜ ସଂକ୍ରମଣରୁ ରକ୍ଷା ମିଳିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସର୍ଦ୍ଦି, କଫ, କାଶ ଆଦି ଥଣ୍ଡା ରୋଗର ପ୍ରତିଷେଧକ ହିସାବରେ ପେୟ ବା ଚା'ର ଅବତାରଣା ଏଠାରେ କରାଯାଉଛି ।



### ମସଲା ଚା':

ଏହି ଚା ପାଇଁ କ୍ଷୀର ଓ ଚିନି ଦରକାର ପଡ଼େନାହିଁ । ଗୋଲମରିଚ, ଅଳେଇଚ ବା ଗୁଜୁରାତି, ଲବଙ୍ଗ, ଡାଲଚିନି ଆଦିର ଚୂର୍ଣ୍ଣରେ ଏହା ପ୍ରସ୍ତୁତ କରାଯାଏ । ବିଶେଷ କରି ଶ୍ୱସନ-ସଂସ୍ଥାନର ସଂକ୍ରମଣ ଯଥା, କାଶ, ଥଣ୍ଡା, ଜ୍ୱର ଆଦି ସହିତ ଲଢ଼ିବାରେ ଏହା ସାହାଯ୍ୟ କରେ । ପୋଦିନା ଚା': ଏହା 'ଆଣ୍ଟି ଅକ୍ସିଡାଣ୍ଟ' ବା ବିଷାକ୍ତ ଉପାଦାନ ବିରୋଧୀ ଗୁଣରେ ଭରପୂର । ଏହା ମଧ୍ୟ ଭରପୂର । ଏହା ମଧ୍ୟ ଉତ୍କୃଷ୍ଟ ପାଚନକାରୀ । ଏହି ଚା' ପିଇବା ଦ୍ୱାରା ମାନସିକ ଅବସାଦ ବା ଚିନ୍ତା ଆଦି ଦୂର ହୋଇଥାଏ । ଯଷ୍ଟିମଧୁ ଚା': ଯଷ୍ଟିମଧୁ ବା ଯାଠି ମହୁ, ଧନ୍ୱନ୍ତରୀ (ଲେମନ୍ ଗ୍ରାସ୍) ଓ ଅଦା, ପୁଦିନା ମିଶା ଚା' ଶରୀରକୁ ଯଥେଷ୍ଟ ଶକ୍ତି ପ୍ରଦାନ ସହିତ ସ୍ଫୂର୍ତ୍ତି ଦିଏ ଓ ସଂକ୍ରମଣ ବିରୋଧରେ ଲଢ଼େଇ କରେ ।

### ଗୋଲାପ ଚା':

ଗୋଲାପ ଫୁଲ ଅତି ସହଜରେ ମିଳିଥାଏ । ଏହାର ପାଖୁଡ଼ା ସହିତ ଲବଙ୍ଗ, ଅଳେଇଚ, ଗୋଲମରିଚ ଆଦି ମିଶାଇ ଉତ୍ତମ ଚା' ପ୍ରସ୍ତୁତ କରାଯାଇପାରେ । ଏହାଦ୍ୱାରା ଶରୀରର ଗରମ ବା ଦାହ ହ୍ରାସ ହୋଇ ଜ୍ୱରର ଉପଶମ ଘଟେ ଥଣ୍ଡା, କାଶ ଓ ସର୍ଦ୍ଦି ପାଇଁ ମଧ୍ୟ ଏହା ଉପକାରୀ ହୋଇଥାଏ ।



### ଅଦା-ହଳଦୀ ଚା':

ସାଧାରଣତଃ ଅଦା ଓ ହଳଦୀ ଏକ ଉତ୍ତମ ସମ୍ମିଶ୍ରଣ । ଏଣୁ ଏଥିରେ ତିଆରି ଚା' ଶରୀରର ବିଷାକ୍ତ ଉପାଦାନଗୁଡ଼ିକୁ ନଷ୍ଟକରି ଦିଏ । ଅଦା ପେଟର ଆମଦୋଷ ଓ ହଳଦୀ ରକ୍ତ ତଥା ଶ୍ୱସନ ସଂସ୍ଥାନଗତ ବିଷାକ୍ତଦୋଷକୁ ନଷ୍ଟ କରେ । ଏହା ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ ।



ତେବେ ଏ ବାବଦରେ କେତୋଟି ସତର୍କତା ରହିଛି । ତାହା ହେଉଛି- କୌଣସି ପ୍ରକାରର ଆୟୁର୍ବେଦୀୟ ଚା' ବା ମସଲା ଚା'କୁ ଆଲୁମିନିୟମ୍ ବାସନରେ ପ୍ରସ୍ତୁତ ନ କରିବା ଉଚିତ । ଏହାକୁ ବହୁତ ସମୟ ମଧ୍ୟ ସୁଝାଇବା ଉଚିତ ନୁହେଁ । ଖାଦ୍ୟ ସହିତ ବା ଖାଦ୍ୟ ଗ୍ରହଣ ପରେ ଏବଂ ରାତିରେ ଶୋଇବା ପୂର୍ବରୁ ଏପରି ଚା' ପିଇବା ଆଦୌ ଉଚିତ ନୁହେଁ । କେବଳ ସକାଳେ ଓ ସଂଧ୍ୟାରେ, ଖାଲି ପେଟରେ ଏହି ଚା' ପିଇବା ଲାଭଦାୟକ ହୋଇଥାଏ ।

# ସଫା ରଖନ୍ତୁ ବିୟୁଟି ପ୍ରଡକ୍ଟସ୍

**ମେକଅପ୍ ବ୍ରଶ୍**

ମେକଅପ୍ ପାଇଁ ବ୍ୟବହୃତ ବ୍ରଶ୍‌କୁ ସଫା କରିବା ଜରୁରୀ । ବ୍ରଶ୍ ଏବଂ ସ୍ୱଞ୍ଜକୁ ସଫା କରିବା ପାଇଁ ଏକ ବଡ଼ ପାତ୍ରରେ ପାଣି ନିଅନ୍ତୁ । ସେହି ପାଣିରେ ବ୍ରଶ୍ ଏବଂ ସ୍ୱଞ୍ଜ ଭିଜାଇ କିଛି ସମୟ ଛାଡ଼ି ଦିଅନ୍ତୁ । ତା' ପରେ ସଫା ପାଣିରେର ଧୋଇ ନିଅନ୍ତୁ । ଦେଖିବେ ଆପଣଙ୍କ ବ୍ରଶ୍‌ରେ ପୁଣି ପୂର୍ବ ରଙ୍ଗ ଫେରି ଆସିବ । ଯଦି ଅଧିକ ମଇଳା ହୋଇଥାଏ ବୋଲି ଭାବୁଥିବେ ତେବେ ପାଣରିରେ ସାମାନ୍ୟ ଲିକ୍ୟୁଇଡ୍ ଡିଟରଜେଣ୍ଟ ମିଶାଇ ଦେବେ ।

**ଫେସ୍ ପାଉଡର ପ୍ୟାଲେଟ୍ସ**

ମେକଅପ୍ କରିବା ସମୟରେ କିଛି କିଛି ପାଉଡର ପ୍ୟାଲେଟ୍ ଉପରେ ପଡ଼ିଯାଇଥାଏ । ଏହାକୁ ସଫା କରିବା ପାଇଁ ଗୋଟିଏ ସ୍ପ୍ରେ ବୋତଲରେ ସାନିଟାଇଜର ଭରି ନିଅନ୍ତୁ । ଏହାକୁ ପ୍ୟାଲେଟ୍ ଉପରେ ସ୍ପ୍ରେ କରନ୍ତୁ । ଏହା ପରେ କଟନ୍ ସାହାଯ୍ୟରେ ସଫା କରି ନିଅନ୍ତୁ ।

**ମେକଅପ୍ ପେନସିଲ୍ ଏବଂ ସାର୍ପନର**

ମେକଅପ୍ ପେନସିଲ୍ ଏବଂ ସାର୍ପନରକୁ ସଫା କରିବାକୁ ହେଲେ ଏହାକୁ ଆଲକହଲ୍ ଥିବା ଏକ ପାତ୍ରରେ ବୁଡ଼ାଇ କିଛି ସମୟ ଛାଡ଼ି ଦିଅନ୍ତୁ । ଏହା ପରେ କଟନ ପ୍ୟାଡ୍ ସାହାଯ୍ୟରେ ସଫା କରନ୍ତୁ । ଏହି କଟନ୍ ପ୍ୟାଡ୍‌ରେ ଆପଣ ପେନ୍‌ସିଲ୍‌କୁ ମଧ ସଫା କରିପାରିବେ । ସଫା କରିବା ପରେର କିଛି ସମୟ ଖରାରେ ରଖନ୍ତୁ ।



**ଲିକ୍ୱିଡ୍ ଫାଉଣ୍ଡେସନ**

ଫାଉଣ୍ଡେସନ ବୋତଲ ଏବଂବ ନୋଜଲ୍‌କୁ ସଫା କରିବା ଜରୁରୀ । ଏହାକୁ ସଫା ରଖିବା ପାଇଁ ଆଲକହଲ୍ ଭିଜା କଟନ୍‌ର ବ୍ୟବହାର କରନ୍ତୁ । ଯଦି ଆଲକହଲ୍ ଭିଜା କଟନ୍ ପାଖରେ ନାହିଁ ସ୍ୱଞ୍ଜରେ ସାନିଟାଇଜର ଲଗାଇ ବ୍ୟବହାର କରିପାରିବେ ।

**ଲିପଷ୍ଟିକ୍**

ମହିଳାଙ୍କର ମେକଅପ୍ ସାମଗ୍ରୀର ସବୁଠୁ ଅଧିକ ପସନ୍ଦର ଜିନିଷ ହେଉଛି ଲିପଷ୍ଟିକ । ଲିପଷ୍ଟିକ ସଫା କରିବା ପାଇଁ ଆଇସୋପ୍ରୋପିଲ ଆଲକହଲ୍ ବ୍ୟବହାର କରିପାରିବେ । ଏହା ବ୍ୟତୀତ ଜରୁରି କଥା ଯେ ଆପଣଙ୍କ ଲିପଷ୍ଟିକ୍‌କୁ ଅନ୍ୟ କାହାସହିତ ସେୟାର କରନ୍ତୁ ନାହିଁ ।

# ସକାଳେ ଆଇସ୍‌କ୍ରିମ୍ ଖାଉଥିବା ବ୍ୟକ୍ତି ଅଧିକ ସ୍ମାର୍ଟ



ଟୋକିଓର କ୍ୟୋରିନ୍ ୟୁନିଭର୍ସିଟିର ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟ ଅଧ୍ୟୟନ ଅନୁସାରେ, ଯେଉଁମାନେ ସକାଳେ ଜଳଖିଆରେ ଆଇସ୍‌କ୍ରିମ୍ ଖାଆନ୍ତି, ଅନ୍ୟମାନଙ୍କ ତୁଳନାରେ ସେମାନେ ଅଧିକ ସ୍ମାର୍ଟ । ମନକୁ ଜାଗ୍ରତ କରିବାରେ ଆଇସ୍‌କ୍ରିମ୍‌ର ପ୍ରଭାବ ରହିଛି । ସକାଳେ ବିଛଣା ଛାଡ଼ିବା ସଙ୍ଗେସଙ୍ଗେ ଆଇସ୍‌କ୍ରିମ୍ ଖାଇବା ଦ୍ୱାରା ମସ୍ତିଷ୍କକୁ ଏକ ପ୍ରକାର ଝଟ୍‌କା ଲାଗେ । ଫଳରେ ଏହା ସକ୍ରିୟ ହୋଇଯାଏ । ଏହା ଦ୍ୱାରା ମାନସିକ ଦକ୍ଷତା ବଢ଼ିଥାଏ । ମସ୍ତିଷ୍କକୁ ତାହା ସେହି ସ୍ତରକୁ ନେଇଯାଏ ଯାହା ଦିନସାରା ଜଣକୁ ସତର୍କ ରଖେ । ଏଭଳି ଏକ ଅସାଧାରଣ ଅଧ୍ୟୟନକୁ ପ୍ରମାଣ କରିବା ପାଇଁ ଏହି ୟୁନିଭର୍ସିଟିର ଗବେଷକମାନେ କିଛି ପରୀକ୍ଷା କରିଥିଲେ । କେତେକ ପ୍ରତିଯୋଗୀଙ୍କୁ ଦୁଇଟି ଦଳରେ ବିଭକ୍ତ କରିଥିଲେ । ଗୋଟିଏ ଦଳକୁ ସକାଳେ ଉଠିବା ମାତ୍ରେ ଆଇସ୍‌କ୍ରିମ୍ ଖାଇବାକୁ ଦିଆଗଲା । ଅଧ୍ୟୟନ ଅନୁସାରେ, ସକାଳେ ଆଇସ୍‌କ୍ରିମ୍ ଖାଇଥିବା ବ୍ୟକ୍ତି ଦିନସାରା ଭଲ ପ୍ରଦର୍ଶନ କରିଥିଲେ । କିନ୍ତୁ ଅନ୍ୟ ଦଳଠାରେ ସେଭଳି କିଛି କାର୍ଯ୍ୟକଳାପ ପରିଲକ୍ଷିତ ହେଲାନାହିଁ । ମସ୍ତିଷ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଥିବାରୁ ଥଣ୍ଡା ଆଶଙ୍କା ଦେଖାଦେଇପାରେ ବୋଲି କିଛି ଗବେଷକ ଏହି ଅଧ୍ୟୟନକୁ ଚ୍ୟାଲେଞ୍ଜ କରିଛନ୍ତି । ଏହାଛଡ଼ା ମାତ୍ରାଧିକ ସର୍କରା ଶରୀର ପାଇଁ ହାନିକାରକ ବୋଲି କେତେକ ମତ ଦେଇଛନ୍ତି ।

# କାର୍ଗୋ ଟ୍ରାଉଜର

ନବେ ଦଶକର ଫ୍ୟାଶନ ଏବେ ଫେରିଆସିଛି । ଅଧିକାଂଶ ଝିଅ ଏମିତି ଫ୍ୟାଶନ ଜାରି କରିବାର ଦେଖିବାକୁ ମିଳୁଛି । କାର୍ଗୋ ପ୍ୟାଣ୍ଟ ଆଜି ବି ଟ୍ରେଣ୍ଡ୍‌ରେ ରହିଛି । ଏହି ପ୍ୟାଣ୍ଟ ଷ୍ଟାଇଲିଶ୍ ଦେଖାଯିବା ସହିତ ଆରାମଦାୟକ ହୋଇଥାଏ । ଏହାକୁ ବିଭିନ୍ନ ପ୍ରକାର ଷ୍ଟାଇଲରେ ପିନ୍ଧିହେବ । ଅଫିସ୍ ହେଉ ବା ସାଙ୍ଗମାନଙ୍କ ସହ ହ୍ୟାଙ୍ଗଆଉଟ୍‌କୁ ପରଫେକ୍ଟ ଲୁକ୍ ଦେଇଥାଏ କାର୍ଗୋ ପ୍ୟାଣ୍ଟ ।

**ଅଫିସ୍:**

ଅଫିସ୍ ପାଇଁ ନ୍ୟାରୋ କାର୍ଗୋ ପ୍ୟାଣ୍ଟ ବହୁତ ଭଲ । ଏହା ଷ୍ଟାଇଲିଶ୍ ଲାଗିବା ସହିତ ଫର୍ମାଲ୍ ଲୁକ୍ ଦେଇଥାଏ । ଏହି ପ୍ୟାଣ୍ଟ ତଳପଟୁ ନ୍ୟରୋ ହୋଇଥାଏ ଏବଂ ଏହାର ସାଇଡ୍‌ରେ ସିଙ୍ଗଲ୍ ପକେଟ୍ ରହିଥାଏ । ଯାହା ପରଫେକ୍ଟ କାର୍ଗୋ ଲୁକ୍ ଦେଇଥାଏ । ଅଫିସ୍ ପାଇଁ ଲାଇଟ୍ ସ୍ୟାଡୋ କାର୍ଗୋ ଟ୍ରାଉଜର ନିଅନ୍ତୁ । ଏହି ଟ୍ରାଉଜର ସହିତ ହ୍ୱାଇଟ୍ ସାର୍ଟ ଟିମଅପ୍ କରନ୍ତୁ ।

**ଟ୍ରାଭେଲ:**

ଟ୍ରାଭେଲ ସମୟରେ ଆମେ ବିଭିନ୍ନ ପ୍ରକାର ଷ୍ଟାଇଲିଶ୍ ପୋଷାକ ପିନ୍ଧୁ । କିନ୍ତୁ ଏହା ଆମ ପାଇଁ ଆରାମଦାୟକ ହୋଇନଥାଏ । ସେଥିପାଇଁ ଟ୍ରାଭେଲ କରିବା ବେଳେ ଏମିତି ପୋଷାକ ହେବା ଦରକାର ଯାହା ଷ୍ଟାଇଲିଶ୍ ଦେଖାଯିବା ସହିତ ଆରାମଦାୟକ ହୋଇଥିବ । ଟ୍ରେକିଙ୍ଗ ପାଇଁ ମିଳିଟାରି ଡିଜାଇନର୍ କାର୍ଗୋ ପ୍ୟାଣ୍ଟ ପିନ୍ଧି ପାରିବେ । ଏହା କୁଲ୍ ଲୁକ୍ ଦେଇଥାଏ । ଏହା ସହିତ ଆପଣଙ୍କ ମନପସନ୍ଦର କୌଣସି ଟି-ସାର୍ଟ ପିନ୍ଧି ପାରିବେ । ଟ୍ରାଭେଲିଂ ବେଳେ ଆରାମ ଲାଗିବା ସହିତ ଟ୍ରାଭେଲିଂର ମଜା ନେଇ ପାରିବେ ।



**ଡେଟ୍:**

ଡେଟ୍‌ରେ ଝିଅଙ୍କୁ ଷ୍ଟାଇଲିଶ୍ ପୋଷାକ ଦରକାର । ହେଲେ ଅନେକ ସମୟରେ ସେମାନେ କମ୍ଫର୍ଟ କଥା ଭୁଲି ଯାଆନ୍ତି । ଏମିତିରେ ଡେଟ୍‌ରେ ମଜା ଫିକା ପଡ଼ିଯାଏ । ତେଣୁ କମ୍ଫର୍ଟେବଲ ଓ ଷ୍ଟାଇଲିଶ ପୋଷାକ ପିନ୍ଧିବା ଦରକାର । କାର୍ଗୋ ପ୍ୟାଣ୍ଟ ଡେଟିଂ ପାଇଁ ପରଫେକ୍ଟ । ଷ୍ଟାଇଲିଶ୍ ଲୁକ୍ ପାଇଁ ସ୍କିନ୍‌ଫିଟ୍ କାର୍ଗୋ ପ୍ୟାଣ୍ଟ ସହିତ କ୍ରପ୍ ଟପ୍ ପିନ୍ଧିପାରିବେ । ପସନ୍ଦ ଅନୁଯାୟୀ ସୁଜ୍ କିମ୍ବା ହାଇ ହିଲ୍ ପିନ୍ଧିପାରିବେ ।

**ହ୍ୟାଙ୍ଗଆଉଟ୍:**

ସାଙ୍ଗମାନଙ୍କ ସହ ହ୍ୟାଙ୍ଗଆଉଟ୍ ପାଇଁ ଯାଇଥିଲେ ଏଭରଗ୍ରୀନ୍ ଡେନିମ୍‌ର କାର୍ଗୋ ପ୍ୟାଣ୍ଟ ନିଅନ୍ତୁ । ଏହା ଫ୍ୟାଶନେବଲ ଲୁକ୍ ଦେଇଥାଏ । ଏହା ସହିତ ଟପ୍, ଟି-ସାର୍ଟ କିମ୍ବା ଡେନିମ୍ ଜ୍ୟାକେଟ୍ ମ୍ୟାଚ କରିପାରିବେ । ଡେନିମ୍ ସହିତ କୌଣସି ବି ଟପ୍‌କୁ ମ୍ୟାଚ କରି ଫଙ୍କି ଲୁକ୍ ଆଣିପାରିବେ । ଅନ୍ୟଙ୍କଠାରୁ ଭିନ୍ନ ଦିଶିବେ ।

**ଜିମ୍:**

କାର୍ଗୋ ପ୍ୟାଣ୍ଟ ଜିମ୍‌ରେ ମଧ ପିନ୍ଧି ହେବ । ଆରାମଦାୟକ ହୋଇଥିବାରୁ ସହଜରେ ଏକ୍ସରସାଇଜ କରି ହୁଏ । ଅଧିକାଂଶ ଜିମ୍ ଟ୍ରାଉଜର ପ୍ୟାଣ୍ଟ ସେପ୍‌ରେ ତିଆରି ହୋଇଥାଏ । ଯେଉଁଥିପାଇଁ ଏହାକୁ ପିନ୍ଧି ଏକ୍ସରସାଇଜ କରିବାକୁ ଝିଅମାନେ ଅସହଜ ମନେ କରନ୍ତି । କିନ୍ତୁ କାର୍ଗୋ ପ୍ୟାଣ୍ଟ ପିନ୍ଧିଲେ ସେପରି କୌଣସି ଅସୁବିଧା ନଥାଏ । ଏହାର ଫାବ୍ରିକ୍ ମୋଟା ହୋଇଥାଏ । ଜିମ୍ ପାଇଁ ମଲ୍ଟି ପକେଟ୍ ଥିବା କାର୍ଗୋ ପ୍ୟାଣ୍ଟ ନିଅନ୍ତୁ । ଜିନିଷ ରଖିବାରେ ସହଜ ହୁଏ । କଟନ୍ ଫାବ୍ରିକର କାର୍ଗୋ ଟ୍ରାଉଜର ଜିମ୍ ପାଇଁ ଭଲ ।

# ବାରାକୁଡ଼ା

ବାରାକୁଡ଼ା ଏକ ସାମୁଦ୍ରିକ ମାଛ । ଏହା ମଣିଷର ଖାଦ୍ୟ । ବିଶ୍ୱର ସମସ୍ତ ନାତିଶୀତୋଷ୍ଣ ଓ ବିଷୁବ ମଣ୍ଡଳୀୟ ସମୁଦ୍ରରେ ମୋଟି କୋଡ଼ିଏ ପ୍ରଜାତିର ବାରାକୁଡ଼ା ଦେଖାଯାଆନ୍ତି । ଏହା ମାଂସାହାରୀ ମାଛ । ଶରୀର ସୁଦୀର୍ଘ ଓ ସରୁଆ । ଲମ୍ବରେ ଚାରିରୁ ଛଅ ଫୁଟ୍ ଯାଏ ବଢ଼େ । ଶରୀରର ତୁଳନାରେ ଏହାର ପାଟି ବଡ଼, ମାଢ଼ି ଲମ୍ବା ଓ ଦାନ୍ତଗୁଡ଼ିକ ଭାରି ମୁନିଆ । କେତେକ ପ୍ରଜାତିର ବାରାକୁଡ଼ା ଏକୁଟିଆ ଶିକାର କରନ୍ତି ଏବଂ ଆଉ କେତେକ ଦଳରେ । ଅନ୍ୟ ସାମୁଦ୍ରିକ ମାଛ ବାରାକୁଡ଼ାରେ ମୁଖ୍ୟ ଖାଦ୍ୟ । ଏହା ହିଂସ୍ର ପ୍ରକୃତିର । ମଣିଷକୁ ମଧ୍ୟ ଆକ୍ରମଣ କରିବାକୁ ପଛାଏ ନାହିଁ । ବାରାକୁଡ଼ା ଆକ୍ରମଣରେ ଡାଇଭିଂ କରୁଥିବା ମଣିଷଙ୍କ ଜୀବନ ଯାଇଥିବାର ବହୁ ନଜିର ଅଛି । ଗୋଆ, କର୍ଣ୍ଣାଟକ ଓ କେରଳର ଅଧିକାଂଶ ଉପକୂଳବର୍ତ୍ତୀ ସହରରେ ଅନେକ ଭୋଜନାଳୟରେ ବାରାକୁଡ଼ା ମାଛ ତିଆରି ସ୍ୱତନ୍ତ୍ର ଖାଦ୍ୟ ପରିବେଷଣ କରାଯାଏ । ଏହି ମାଛ ପ୍ରସ୍ତୁତ ଖାଦ୍ୟ ବେଶ ସ୍ୱାଦିଷ୍ଟ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୦ ଡିସେମ୍ବର ୨୦୨୨, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନ୍ୟାୟିକ ବ୍ୟବସ୍ଥା....

ସଂସଦର ଚଳିତ ଅଧିବେଶନ କାଳରେ ପୁଣିଥରେ ଉଠିଛି ନ୍ୟାୟାଳୟରେ ବିଚାରପତି ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ପ୍ରସଙ୍ଗ । ସମ୍ପ୍ରତି ଏହି କ୍ଷେତ୍ରରେ କଲେଜିୟମ୍ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉଥିବାବେଳେ କେନ୍ଦ୍ର ଆଇନ୍ ମନ୍ତ୍ରୀ କିରେଣ ରିଜିଜୁ ଏହାକୁ ନେଇ ବେଶ୍ କିଛି ମାସ ହେବ ଅସନ୍ତୋଷ ବ୍ୟକ୍ତ କରି ଆସୁଛନ୍ତି । ବସ୍ତୁତଃ, ଶ୍ରୀଯୁକ୍ତ ରିଜୁଜୁ ଏହି ପ୍ରସଙ୍ଗକୁ ନେଇ ଏକଜିଦିଆ ହୋଇ ପଡ଼ିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଗତ ଗୁରୁବାର ଦିନ ସେ ରାଜ୍ୟସଭାରେ କହିଛନ୍ତି ଯେ ବିଚାରପତିମାନଙ୍କ ନିଯୁକ୍ତି ବାବଦରେ ଏକ 'ନୂଆ ବ୍ୟବସ୍ଥା' ତିଆରି ନହେବା ପର୍ଯ୍ୟନ୍ତ ଏହି ପ୍ରସଙ୍ଗର ସମାଧାନ ହେବନାହିଁ । ଏହା ପୂର୍ବରୁ ବୁଧବାର ଦିନ ସେ ମଧ୍ୟ ରାଜ୍ୟସଭାରେ ନୂଆଦିଲ୍ଲୀ ଆନ୍ତର୍ଜାତିକ ଆର୍ବିଟ୍ରେସନ୍ କେନ୍ଦ୍ର ବିଲ୍ ଆଗତ କରିବା ସମୟରେ କହିଛନ୍ତି ଯେ ଯଦି ସୁପ୍ରିମକୋର୍ଟ ଜାମିନ୍ ଆବେଦନଗୁଡ଼ିକର ତଥା ସମସ୍ତ 'ଅସାର ଜନସ୍ୱାର୍ଥ ମାମଲା'ର ଶୁଣାଣି ଆରମ୍ଭ କରନ୍ତି, ତା'ହେଲେ ଏହା ନିଜ ଉପରେ ଅନେକଗୁଡ଼ିଏ ଅତ୍ୟଧିକ ବୋଝ ଲଦିବେ, କାରଣ 'ଉଣା ଅଧିକେ' ଏହାଙ୍କୁ ଏକ ସାମ୍ବିଧାନିକ କୋର୍ଟ ଭାବରେ ବିବେଚନା କରାଯାଏ ।' ଜାମିନ୍ ଆବେଦନଗୁଡ଼ିକର ଶୁଣାଣି ଏବଂ ସମଗ୍ର ଦେଶରେ ଫଇସଲା ଅପେକ୍ଷାରେ ପଡ଼ିରହିଥିବା ମାମଲାଗୁଡ଼ିକ ସମ୍ପର୍କରେ ସଂସଦରେ କେନ୍ଦ୍ର ଆଇନ୍ ମନ୍ତ୍ରୀଙ୍କର ଏପରି ବକ୍ତବ୍ୟଗୁଡ଼ିକ ଯଦି ସରକାରଙ୍କ ଆଭିମୁଖ୍ୟ ଏବଂ ମନୋଭାବକୁ ପ୍ରତିଫଳିତ କରୁଥାଏ, ତା'ହେଲେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ । ଏକଥା କଦାପି କହିବା ସହଜ ନୁହେଁ ଯେ କେନ୍ଦ୍ର ଆଇନ୍ ମନ୍ତ୍ରୀ ସମ୍ବିଧାନର ଅନୁଚ୍ଛେଦ ୨୧ ସମ୍ପର୍କରେ ଜାଣିନାହାଁନ୍ତି ଯାହା 'କୌଣସି ବ୍ୟକ୍ତିଙ୍କୁ ଆଇନ୍ ଦ୍ୱାରା ପ୍ରତିଷ୍ଠିତ ପଦ୍ଧତି ଅନୁସାରେ ବ୍ୟତୀତ ତାଙ୍କର ଜୀବନ ବା ବ୍ୟକ୍ତିଗତ ସ୍ୱାଧୀନତାରୁ ବଂଚିତ କରାଯାଇପାରିବ ନାହିଁ' ବୋଲି ଅଧିଦେଶ ଜାରି କରିଛି । ସମ୍ବିଧାନର ସମଗ୍ର ସତ୍ତା ରାଷ୍ଟ୍ର ବିପକ୍ଷରେ ନାଗରିକର ସୁରକ୍ଷାର ନିଶ୍ଚିତତା ଆଧାରରେ ନିର୍ମାଣ କରାଯାଇଛି । ଅନୁଚ୍ଛେଦ ୨୧ ଏହି ସଂରଚନାର ମୁଖ୍ୟ ସ୍ତମ୍ଭ ଯାହାବିନା ଏହାର ସ୍ଥିତି ସମ୍ପର୍କରେ କଦାଚିତ୍ କଳ୍ପନା କରାଯାଇପାରିବ । ଯଦି ରାଷ୍ଟ୍ର ଏହା ଇଚ୍ଛାରେ ଲୋକମାନଙ୍କୁ ଦଣ୍ଡିତ କରିପାରିବ, ଏବଂ ନ୍ୟାୟିକ ବ୍ୟବସ୍ଥା ଯଦି ଅନ୍ୟ କୌଣସି ଉପାୟ ଖୋଜି ବସିବେ, ତେବେ ସେଭଳି ଏକ ରାଷ୍ଟ୍ର ନିଜକୁ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କ୍ୱଚିତ୍ କହିପାରିବ, ଏବଂ ସେହି ଅନୁସାରେ ସାମ୍ବିଧାନିକ ଗଣତନ୍ତ୍ର ବୋଲି ମଧ୍ୟ କହିବାରେ କଦାଚିତ୍ ସମର୍ଥ ହେବ । କେନ୍ଦ୍ର ଆଇନ ମନ୍ତ୍ରୀ ଏକଥା ଅନୁଭବକରିବା ଉଚିତ୍ ଯେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟ ଏବଂ ହାଇକୋର୍ଟଗୁଡ଼ିକ ଜାମିନ ଆବେଦନଗୁଡ଼ିକର ଶୁଣାଣୀ କରିବାକୁ ନେଇ ନୁହେଁ, ବରଂ ସେଗୁଡ଼ିକର ଶୁଣାଣି ନକଲେ ସେମାନଙ୍କର ସାମ୍ବିଧାନିକ କୋର୍ଟ ବୋଲାଇବାର ମାନ୍ୟତା ହରାଇବେ । ସେମାନେ ସେମାନଙ୍କର କାର୍ଯ୍ୟ କରୁଛନ୍ତି; ସେମାନଙ୍କର ମର୍ଯ୍ୟାଦା ରକ୍ଷା କରି ଚାଲିଛନ୍ତି । ତାଙ୍କ ନିଜ ଏଜେନ୍ସିମାନଙ୍କ ବିରୁଦ୍ଧରେ ଉପସ୍ଥାପନ କରାଯାଇଥିବା ଜାମିନ ଆବେଦନ ଗୁଡ଼ିକର ଶୁଣାଣି କରିବା ପାଇଁ କୋର୍ଟଗୁଡ଼ିକ କେଉଁ ପ୍ରକାରର ଆଭିମୁଖ୍ୟ ଗ୍ରହଣ କରିବା ଉଚିତ୍, ସେ ସମ୍ପର୍କରେ ସରକାରଙ୍କର ନିଜସ୍ୱ ଏକ ଅବଧାରଣା ରହିଥାଇପାରେ, କିନ୍ତୁ କେନ୍ଦ୍ର ଆଇନ୍ ମନ୍ତ୍ରୀ ସେ କଥାକୁ ସର୍ବସାଧାରଣରେ ପ୍ରକାଶ କରିବା ପଦ ମର୍ଯ୍ୟଦା ଏବଂ କ୍ଷମତା ଆବଣ୍ଟନର ଘୋର ଉଲ୍ଲଙ୍ଘନ । କୋର୍ଟଗୁଡ଼ିକରେ ଫଇସଲା ଅପେକ୍ଷାରେ ପଡ଼ି ରହିଥିବା ମାମଲାଗୁଡ଼ିକ ସମ୍ପର୍କରେ ମନ୍ତ୍ରୀ ମହୋଦୟ କହିବା ସ୍ପଷ୍ଟ ଭାବରେ ସୂଚାଉଛି ଯେ ସରକାର ଖଣ୍ଡପୀଠମାନଙ୍କରେ ଖାଲି ପଡ଼ିଥିବା ସ୍ଥାନ/ପଦ ଗୁଡ଼ିକର ପୂରଣ ନ କରିବାର ଏଥିପ୍ରତି ଅବଦାନ ରହିଛି ଏବଂ ଏହାର କିପରି ସମାଧାନ କରାଯାଇପାରିବ, ସେ ସମ୍ପର୍କରେ ସରକାର ଅବଗତ ଥିବା ସହିତ ଏହାର ସମାଧାନର ଉପାୟ ମଧ୍ୟ ଜାଣିଛନ୍ତି । ସାମ୍ପ୍ରତିକ ସମୟରେ ଖାଲି ପଡ଼ିଥିବା ପଦଗୁଡ଼ିକୁ ପୂରଣ କରିବା ନିମନ୍ତେ ସରକାରଙ୍କର କ୍ଷମତା ସୀମିତ ବୋଲି ସେ ଯେଉଁ ସଫେଇ ଦେଇଛନ୍ତି, ତାହା ସମ୍ପୂର୍ଣ୍ଣ ଠିକ୍ ନୁହେଁ- ସରକାର କିପରି ନିଯୁକ୍ତିଗୁଡ଼ିକ କ୍ଷେତ୍ରରେ ବିଳମ୍ବ କରୁଛନ୍ତି ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଖଣ୍ଡପୀଠରେ ଯୋଗ ଦେବାକୁ ଅଟକାଉଛନ୍ତି, ସେ ବାବଦରେ ସୁପ୍ରିମକୋର୍ଟ ସମୟାନ୍ତରରେ ଅଭିଯୋଗ ଉଠାଇ ଆସିଛନ୍ତି । ବିଚାରପତି ନିଯୁକ୍ତି ପ୍ରସଙ୍ଗରେ ସରକାର ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ ପ୍ରତିଷ୍ଠା କରିବାର ଏକ ପ୍ରସ୍ତାବ ଆଣିଥିବା ବେଳେ ସୁପ୍ରିମ୍‌କୋର୍ଟ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ, ଯାହାକୁ ନେଇ ସରକାର ଅସନ୍ତୁଷ୍ଟ ଅଛନ୍ତି ଏବଂ ତାଙ୍କର ଅସନ୍ତୁଷ୍ଟ ହେବା ମଧ୍ୟ ଯଥାର୍ଥ ।

# ଓଡିଆ ବିଚ୍ଛିନ୍ନାଞ୍ଚଳ ! ଏକ କ୍ଷୁଦ୍ର ସମୀକ୍ଷା

### ଡ. ଶ୍ରୀହରି ପଣ୍ଡା

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶ୍ରୀହୀନ ଉତ୍କଳ ସଙ୍ଗେ ଏବେ ଭାଷା ଉଚ୍ଛେଦ ଚକ୍ରାନ୍ତ ସଫଳ ହେବାରେ ଲାଗିଛି । ଧିରେଧିରେ ଆଗାମୀ ପୀଢିଙ୍କ ମଧ୍ୟରେ ଓଡିଆ ଭାଷାପ୍ରତି ଅନାଦର ବଢିବାରେ ଲାଗିଛି ।

ନବଗଠିତ ଓଡିଶା ପ୍ରଦେଶରେ ଚତୁଃପାର୍ଶ୍ୱରେ ଉତ୍ତର ଦିଗକୁ ଲାଗି ପଶ୍ଚିମବଙ୍ଗରେ, ଉତ୍ତର ପଶ୍ଚିମ ଦିଗସ୍ଥ ଝାଡଖଣ୍ଡ ଓ ଛତିଶଗଡ ତଥା ଦକ୍ଷିଣ ଦିଗସ୍ଥ ଆନ୍ଧ୍ରପ୍ରଦେଶରେ ଥିବା ଏହି ବିଛିନାଞ୍ଚଳରେ ବହୁଳ ଭାବରେ ସ୍ଥାୟୀ ଓଡିଆ ଲୋକ ରହିଛନ୍ତି । ବହୁ ବାହ୍ୟ ପ୍ରତିବନ୍ଧକ ସତ୍ତ୍ୱେ ସେମାନେ ଆଜିବି କେବଳ ଭାଷାକୁ ବଞ୍ଚାଇ ରଖିନାହାନ୍ତି ଅପରନ୍ତୁ ଓଡିଆ ସଂସ୍କୃତିକୁ ମଧ ବାନ୍ଧି ରଖିଛନ୍ତି । ଓଡିଆ ଭାଷା ପ୍ରତି ସେଠାକାର ଅଧିବାସୀଙ୍କର ରହିଛି ପ୍ରଚଣ୍ଡ ସ୍ୱାଭିମାନ ଓ ଆବେଗ । ସେଇଥିପାଇଁ ତ ଆଜି ନୂଆ ଓଡିଶାର ଗ୍ରାମଗୁଡିକରୁ ଅତିବଡିଙ୍କ ଭାଗବତର ସୁମଧୁର ପଦାବଳୀ ଶୁଭୁନଥିବା ବେଳେ ଓଡିଶାରେ ଭାଗବତର ସୁମଧୁର ପଦାବଳୀ କର୍ଣ୍ଣ-ମନକୁ ପବିତ୍ର କରୁଛି । ଓଡିଆ ଜାତୀୟତା ପ୍ରୀତି ଏମାନଙ୍କର ଦେହରେ ପ୍ରବାହିତ । ଉତ୍କଳୀୟ ଜୀବନଶୈଳୀକୁ ଆପଣେଇ ନେଇଥିବା ଏଠାକାର ଅଧିବାସୀ ମାନେ ବହୁ ସମୟରେ ସରକାରୀ ଉଦାସୀନତାର ଶିକାର ହୋଇ ପାଠ୍ୟ ପୁସ୍ତକାଦିର ଅଭାବରେ ରହୁଛନ୍ତି । କ୍ରମେ ନୂତନ ପୀଢି ସେ ରାଜ୍ୟର ଭାଷାକୁ ଗ୍ରହଣ କରିବା ଆରମ୍ଭ କଲେଣି । ଆଉ ବେଶୀ ସମୟ ନାହିଁ ଯଦି ସରକାର ଏ ଦିଗରେ ଦୃଢ ପଦକ୍ଷେପ ନ ନିଅନ୍ତି ତାହାଲେ ଏହି ସବୁ ବିଛିନ୍ନାଞ୍ଚଳରେ ଓଡିଆ ଭାଷା ସମ୍ପୂର୍ଣ୍ଣ ଲୋପ ପାଇଯିବ । ଓଡିଆ ଭାଷାକୁ ବଞ୍ଚାଇବା ନିମନ୍ତେ ଅହରହ ସଂଗ୍ରାମ କରୁଥିବା ଏଠାକାର ଯୋଦ୍ଧାଗଣ କ୍ରମେ ଥକିଗଲେଣି । ଏ ଲେଖକ ସେହିଭଳି କିଛି ଭାଷା ସତ୍ୟାଗ୍ରହୀଙ୍କ ସଂସ୍ପର୍ଶରେ ଆସିବାର ସୌଭାଗ୍ୟ ଅର୍ଜନ କରିଛି । ୧୯୯୦ରେ ହୋଇଥିବା ବିହାର ରାଜ୍ୟରେ ହୋଇଥିବା ଆନ୍ଦୋଳନରେ ନିର୍ଯ୍ୟାତନାର ଶୀକାର ହୋଇଥିବା କେତେକଙ୍କ ଦୁଃଖର କାହାଣି ଶୁଣି ନିଜ ମର୍ମ ଭିତରେ ସେ ଦୁଃଖକୁ ଅନୁଭବ କରିଛି । ମୂଳ ବାସିନ୍ଦା ହୋଇଥିବା ବେଳେ କିଛି ସତ୍ୟାଗ୍ରହୀ ଆଜି ପଳାତକ ସାଜି ଓଡିଶାରେ ଅବସ୍ଥାନ କରୁଛନ୍ତି । ସଂଗ୍ରାମ ପାଇଁ ସେମାନେ ଜୀବିକା ହରେଇଛନ୍ତି ତଥାପି ଏ ସ୍ୱାଭିମାନୀ ଓଡିଆ ସଂଗ୍ରାମରୁ ବିଶ୍ରାମ ନେଇନାହାନ୍ତି । ଓଡିଆ ଭାଷାକୁ ବଞ୍ଚାଇ ରଖିବା ନିମନ୍ତେ ପାଠାଗାର, ଅବୈତନିକ ଶିକ୍ଷାଦାନ ଭଳି କର୍ମରେ ଲିପ୍ତ ଅଛନ୍ତି । ସେହି ମହାନ ସତ୍ୟାଗ୍ରହୀଙ୍କ ଚରଣରେ ଏ ଅଧମର କୋଟି ପ୍ରଣତି ।

ଓଡିଶାର ସୀମାନ୍ତକୁ ସ୍ପର୍ଶ କରିଥିବା ଏହି ଉପାନ୍ତ ଅଞ୍ଚଳକୁ ଚାରୋଟି ଭାଗରେ ବିଭକ୍ତ କରାଯାଇପାରେ । ୧-ଉତ୍ତର ପୂର୍ବ ବିଛିନ୍ନାଞ୍ଚଳ- ପଶ୍ଚିମବଙ୍ଗ ରାଜ୍ୟ ଅନ୍ତର୍ଭୁକ୍ତ ଅଞ୍ଚଳ । ୨-ଉତ୍ତର ବିଛିନ୍ନାଞ୍ଚଳ - ଝାଡଖଣ୍ଡ ରାଜ୍ୟ ଅନ୍ତର୍ଭୁକ୍ତ ଅଞ୍ଚଳ । ୩- ଦକ୍ଷିଣ ବିଛିନ୍ନାଞ୍ଚଳ - ଆନ୍ଧ୍ରପ୍ରଦେଶ ସହ ଥିବା ଅଞ୍ଚଳ । ୪-ପଶ୍ଚିମ ବିଛିନ୍ନାଞ୍ଚଳ - ଛତିଶଗଡ ଶାସନାଭୁକ୍ତ ଅଞ୍ଚଳ । ଉତ୍ତରପୂର୍ବ ବିଛିନ୍ନାଞ୍ଚଳ - ପଶ୍ଚିମବଙ୍ଗ ରାଜ୍ୟ ଅନ୍ତର୍ଭୁକ୍ତ ମେଦିନୀପୁର ଅଞ୍ଚଳ ଯାହା ବର୍ତ୍ତମାନର ପୂର୍ବମେଦିନାପୁର ଓ ପଶ୍ଚିମମେଦିନାପୁର ଜିଲ୍ଲା । ଗୋପୀବଲ୍ଲଭପୁର, ତମଲୁକ, କାନ୍ଥି, ଖଡଗପୁର ପ୍ରଭୃତି ଅଞ୍ଚଳରେ ଓଡିଆମାନଙ୍କର ବିଭିନ୍ନ ଅନୁଷ୍ଠାନ ଅଛି । ୧୮୮୧ ମସିହାରେ ଯେତେବେଳେ ଓଡିଶାର ଲୋକସଂଖ୍ୟା ୩୦ ଲକ୍ଷଥିଲା ସେତେବେଳେ ମେଦିନାପୁର ଜିଲ୍ଲାର ଓଡିଆମାନଙ୍କ ସଂଖ୍ୟା ଥିଲା ୫ ଲକ୍ଷ ୭୨ହଜାର ୭୯୮ । ୧୯୦୧ରେ ଓଡିଆମାନଙ୍କ ସଂଖ୍ୟା କମି ୨ ଲକ୍ଷ ୭୦ ହଜାର ୪୯୨ ହୋଇଥିବା ବେଳେ ୧୯୨୧ ଜନଗଣନା ଅନୁସାରେ ଏହି ସଂଖ୍ୟା ୧ ଲକ୍ଷ ୧୧ ହଜାର ୮୦୧ରେ ପହଞ୍ଚିଥିଲା । ବର୍ତ୍ତମାନ ସଂଖ୍ୟା ୨୦,୦୦୦ରୁ କମ । ଅତ୍ୟନ୍ତ ଦୁଃଖର କଥା ଏଠାକାର ଓଡିଆମାନଙ୍କ ଖାଦ୍ୟ, ବେଶ ପୋଷାକ, ଯାନିଯାତ୍ରା, ଓଷାବ୍ରତ ସବୁ ଓଡିଆ ହୋଇଥିଲେ ହେଁ ଏଠାକାର ପଢାଯାଉଥିବା ଓଡିଆ ବହିର ଲିପି ବଙ୍ଗଳା । ଏଠାକର ଓଡିଆ ସାଙ୍ଗିଆଗୁଡିକ ମଧ ସମୟ ସହ ତାଳଦେଇ ମାହାନ୍ତି ରୁ ମାଇତି, ସାମଲରୁ ସାସମଲ, ମିଶ୍ର ରୁ ମିଶ୍ରା ଇତ୍ୟାଦିରେ ରୂପାନ୍ତର ଲଭିଛି । ଏହାର ମୂଳ କାରଣ ହେଉଛି ଯେ କୌଣସି ରାଜ୍ୟରେ ସେଠାକାର ସରକାର ପ୍ରଧାନ ଭାଷାର ଉନ୍ନତି କଳ୍ପେ ବହୁ ଯୋଜନାମାନ ପ୍ରଣୟନ କରିଥାନ୍ତି । ଫଳରେ ସେଠାକାର ଜନସାଧାରଣ ତାର ସୁଫଳ ନେବାକୁ ଚେଷ୍ଟା କରନ୍ତି ।

ଓଡିଶାର ଉତ୍ତର ପଶ୍ଚିମ ବିଛିନ୍ନାଞ୍ଚଳ ଯାହା ବର୍ତ୍ତମାନ ଝଡଖଣ୍ଡ ରାଜ୍ୟ ଅନ୍ତର୍ଭୁକ୍ତ । ଏହା ପୂର୍ବସିଂହଭୂମ, ପଶ୍ଚିମ ସିଂହଭୂମ, ଷଢେଇକଳା-ଖରସୁଆଁ, ଚୁସଲା, ରାଞ୍ଚି, ସିମକେଗା ପ୍ରଭୃତି ଅଞ୍ଚଳକୁ କୁହାଯାଇଛି । ଏହି ଅଞ୍ଚଳଗୁଡିକର ମୂଳ ଅଧିବାସୀମାନେ ପ୍ରାୟତଃ ଓଡିଆ । ମାତ୍ର କୌଣସି କାରଣ ବିନା ଏହି ଅଞ୍ଚଳକୁ ପ୍ରଥମେ ବିହାର ରାଜ୍ୟରେ ମିଶାଇ ଦିଆ ଯାଇଥିଲା । ଏଠାକାର ଅଧିବାସୀଙ୍କର ଭାଷା ଓଡିଆ ହୋଇଥିଲେ ହେଁ ଓଡିଆ ଭାଷାର ବିଲୋପ ନିମନ୍ତେ ସବୁ ପ୍ରକାର ପ୍ରୟାସ କରାଯାଇଛି । ବିଭିନ୍ନ ସମୟରେ ଏଠାକାର ସରକାରୀ ବାବୁମାନେ ଏ ଅଞ୍ଚଳରେ କଥିତ ଭାଷା ଓଡିଆ କରାଯିବାକୁ ପ୍ରସ୍ତାବ ଦେଇଥିଲେ ହେଁ ତାହା ସରକାରୀ ନାଲିଫାଇଲ ତଳେ ଚାପି ହୋଇରହିଛି । ଏହି ଅଞ୍ଚଳଗୁଡିକରେ ଓଡିଆ ଲୋକ ସଂଖ୍ୟା ଆନୁମାନିକ ୩୦,୦.୦୦୦ ( ତିରିଶ ଲକ୍ଷ) । ୧୯୧୧ ମସିହା ଜନଗଣନା ଅନୁସାରେ ସିଂହଭୂମ ଜିଲ୍ଲାର ୬ ଲକ୍ଷ ୯୪ ହଜାର ୩୯୪ ଅଧିବାସୀଙ୍କ ମଧରୁ ଓଡିଆଙ୍କ ସଂଖ୍ୟା ୧ ଲକ୍ଷ ୨୪ ହଜାର ୫୯୩ ।୧୯୩୧ ମସିହା ଜନଗଣନାରେ ଓଡିଆଙ୍କ ସଂଖ୍ୟା ୧୯.୪ ଶତାଂଶ ଥିଲା ।କ୍ରମଶଃ ଏହା ହ୍ରାସ ପାଇବାରେ ଲାଗିଛି । ଅବଶ୍ୟ ଏକଥା ନିଶ୍ଚିତ ଓଡିଶାର ଅନ୍ୟାନ୍ୟ ବିଛିନ୍ନାଞ୍ଚଳ ଅପେକ୍ଷା ଏହି ଅଞ୍ଚଳ ଓଡିଆ ଭାଷା ନିମନ୍ତେ ଅଧିକ ସୁରକ୍ଷିତ ଓ ସମୃଦ୍ଧ । ଯଦିଓ ଓଡିଆ ଶବ୍ଦଗୁଡିକ ହିନ୍ଦି ଭାଷାର ପ୍ରଭାବରେ ତାର ମୌଳିକତା ହରାଇଛି ତଥାପି ଏଠି ଓଡିଆ ପୁରାଣ, କାବ୍ୟ, ଶାସ୍ତ୍ରାଦିର ବହୁଳ ପ୍ରଚଳନ ଅଛି । ଏଠାକାର ପ୍ରମୁଖ ଉତ୍ସବ ମଧ୍ୟରେ ଓଡିଆର ଅନ୍ୟାନ୍ୟ ପର୍ବ ସହ ଓଡିଆ ପ୍ରାଣର ଠାକୁର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଚକ୍ରଧରପୁର ଅଞ୍ଚଳର ବେଶ ଆଡମ୍ବର ସହ ପାଳିତ ହୋଇଥାଏ । ଏଠାକାର ନବଜାତକର ଜାତକରେ ପୁରୀ ଗଜପତିଙ୍କ ଅଙ୍କର ପ୍ରଚଳନ, ବିବାହ,ବ୍ରତାଦିର ନିମନ୍ତ୍ରଣ ପତ୍ର ଓଡିଆରେ ଛପା ସୂଚାଇ ଦିଏ ଯେ ଏଠାକାର ଲୋକଙ୍କର ଓଡିଆ ପ୍ରୀତି କେତେ । ଏଠାକାର ସରକାର ଓଡିଆ ଭାଷାକୁ ସ୍ୱୀକୃତି ଦେଇଥିଲେ ହେଁ ଦ୍ୱିତୀୟ ମାତୃଭାଷାର ମାନ୍ୟତା ଏ ପର୍ଯ୍ୟନ୍ତ ମିଳିପାରିନାହିଁ । ବିହାର ରାଜ୍ୟର ସମୁଦାୟ ୨୨ ଟି ଜିଲ୍ଲା ମଧରୁ ୬ ଗୋଟି ଜିଲ୍ଲାର ଓଡିଆ ମାନଙ୍କର ସଂଖ୍ୟାଗରିଷ୍ଠତା ଅଛି । ଏଠାକାର ପର୍ବପର୍ବାଣି ଏବଂ ଚଳଣି ପ୍ରାୟତଃ ଓଡିଆ ସହ ସମାନ । କେବଳ ପର୍ବପର୍ବାଣି ନୁହେଁ ଏଠାକାର ଖାଦ୍ୟ ମଧ ପଖାଳ, ବଡି, ପିଠା, ମୁଢି ଏମାନଙ୍କୁ ଓଡିଆ ନୁହେଁ ଅପରନ୍ତୁ ଖାଣ୍ଟି ମୟୂରଭଞ୍ଜିଆ ଭାବରେ ସୂଚାଏ । ମୟୂରଭଞ୍ଜର ଛଉନୃତ୍ୟ ଏହି ଅଞ୍ଚଳର ପ୍ରମୁଖ ନାଚ ।

ମାତ୍ର ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଓଡିଆ ଭାଷା ଉପରେ ଆକ୍ରମଣ ଓ ପ୍ରାଦେଶିକ ଭାଷା ହିନ୍ଦୀର ବହୁଳ ପ୍ରସାର ଫଳରେ ଓଡିଆ ଭାଷା କ୍ରମଶଃ ପୂର୍ବାବସ୍ଥା ହରାଇଛି । ସ୍କୁଲ, କଲେଜରେ ପାଠ୍ୟପୁସ୍ତକର ଅଭାବ ସହିତ ଶିକ୍ଷକର ଅଭାବ ଏହାର ପ୍ରମୁଖ କାରଣ । ତଥାପି ଏଠାକାର କିଛି ଅନୁଷ୍ଠାନ ଓଡିଆ ଭାଷାକୁ ବଞ୍ଚାଇ ରଖିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ସେହିମାନଙ୍କ ପ୍ରଚେଷ୍ଟା ଫଳରେ ଏଠାକାର କିଛି ପତ୍ରିକା ମଧ ପ୍ରକାଶିତ ହେଉଅଛି । ସେହି ସାଧକମାନଙ୍କୁ ଗୋଟିଏ ପୁସ୍ତକରେ ଯଥା ସମ୍ଭବ ସଚିତ୍ର ବିବରଣୀ ଦେବାକୁ ଏ ଅଧମ ପ୍ରୟାସ କରୁଛି ।

ଦକ୍ଷିଣ ବିଛିନ୍ନାଞ୍ଚଳ ଆନ୍ଧ୍ରପ୍ରଦେଶ ଅନ୍ତର୍ଭୁକ୍ତ ଓଡିଆ ଭାଷାଭାଷୀ ଅଞ୍ଚଳ । ବିଜୟନଗରମ, ଇଛାପୁରମ, ଶ୍ରୀକାକୁଳମ ପ୍ରଭୃତି ଅଞ୍ଚଳରେ ଓଡିଆମାନଙ୍କ ସଂଖ୍ୟା ଅଧିକ । ପ୍ରାୟ ୩୦,୦୦୦ ଓଡିଆ ଏଠି ବାସ କରୁଥିଲେ ହେଁ ପରାଧିନ ଭାରତର ଇଂରେଜମାନଙ୍କୁ ସାହାଯ୍ୟ କରିବା ପାଇଁ ନିଯୁକ୍ତ ପାଇଥିବା ତେଲଗୁମାନେ ସେମାନଙ୍କର ଭାଷାକୁ ମୁଖ୍ୟ ଭାଷାରୂପେ ପ୍ରଚଳନ କରାଇଲେ । ଏଠାକାର ପ୍ରାଥମିକ ଶିକ୍ଷାଦାନ କେବଳ ତେଲଗୁର ହେଲା । କେବଳ ହାଇସ୍କୁଲ ପରୀକ୍ଷାରେ ଓଡିଆ ମାଧମରେ ପ୍ରୀକ୍ଷା ଦେବାକୁ ସୁଯୋଗ ରହିଲା । ୧୯୦୭ରେ ଗଠିତ ମଞ୍ଜୁଷା ଓଡିଆ ପାଠାଗାର ଓଡିଆ ଭାଷା ବଞ୍ଚାଇ ରଖିବାର ସହାୟକ ହୋଇଛି । ଅବଶ୍ୟ ଉତ୍କଳ ସମ୍ମିଳନୀ ତରଫରୁ ୨୦୦୪-୨୦୦୫ ବର୍ଷରେ ଇଛାପୁରମ, କାବିଡି, କାଞ୍ଚିଲି, ସୋମପେଟା, ମଣ୍ଡସା, ମାଲିପୁଟ୍ଟୀ, ପଥପାଟଣା, ଭାମିଡି, ପଲାସା ନରସେନାପଟା, ନନ୍ଦିଗାଁ, ଟେକାଲି, ଗରା ପ୍ରଭୃତି ସ୍ଥାନରେ ଓଡିଆ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରାଯାଇ ଓଡିଆ ଶିକ୍ଷା ପ୍ରଦାନର ସୁଯୋଗ ସୃଷ୍ଟି କରାଗଲା । ଆନ୍ଧ୍ର ସରକାରଙ୍କ ଉଦାସୀନା ଏବଂ ଓଡିଶା ସରକାରଙ୍କ ନିଷ୍କ୍ରିୟତା ଏହି ସବୁ ଅଞ୍ଚଳରେ ଓଡିଆ ଭାଷାକୁ ଦୁର୍ବଳ କରୁଥିଲେ ହେଁ ଏଠାକାର ମୁଷ୍ଟିମେୟ ଓଡିଆଚେତା ମାନେ ଓଡିଆ ଭାଷା ବଞ୍ଚାଇ ରଖିଛନ୍ତି ମୁମୂର୍ଷ ଅବସ୍ଥାରେ ।

ପଶ୍ଚିମ ବିଛିନ୍ନାଞ୍ଚଳ ବର୍ତ୍ତମାନ ଛତିଶଗଡ ଶାସନାଧୀନ ଓଡିଆ ଭାଷାଭାଷୀ ଅଞ୍ଚଳ । ଜଗଦଲପୁର, ଯଶପୁର, ରାୟପୁର, ମହାସମୁନ, ରାଇଗଡ ପ୍ରଭୃତି ଅଞ୍ଚଳ ଓଡିଆ ଅଞ୍ଚଳ । ଏହା ଥିଲା ପୂର୍ବ ମଧ ପ୍ରଦେଶ ରାଜ୍ୟରେ । ଏଥିରେ ପ୍ରାୟ ୨୫,୦୦.୦୦୦( ୨୫ଲକ୍ଷ) ଓଡିଆ ବସବାସ କରନ୍ତି । ୧୯୦୫ରେ ଓଡିଶା ଡିଭିଜନ ସହିତ ସମ୍ବଲପୁରର ମିଶ୍ରଣ ହେବା ପରେ ଓଡିଆ ଭାଷା କିଞ୍ଚିତ ପରିମାଣରେ ରକ୍ଷା ପାଇଗଲା । ଇଂରେଜ ଶାସନ ସମୟରେ ଏହି ଅଞ୍ଚଳରେ ବ୍ୟାପକ ହିନ୍ଦୀ ଶିକ୍ଷାର ପ୍ରଚଳନ ଫଳରେ ଓଡିଆ ଲୋପ ପାଇବାକୁ ବସିଥିଲା । ଏଠାକାର ଲୋକମାନେ ପ୍ରାୟ ୨୦ଲକ୍ଷ ହିନ୍ଦୀ ଭାଷାକୁ ଗ୍ରହଣ କରିନେଲେ । ଏ ଅଞ୍ଚଳରେ ଓଡିଆ ଶିକ୍ଷାକେନ୍ଦ୍ର ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା । ଏଠାକାର ଓଡିଆ ଶବ୍ଦ ହିନ୍ଦୀ ପ୍ରଭାବରେ ଆସି ବିକୃତ ହେବାରେ ଲାଗିଛି କେବଳ ସେତିକି ନୁହେଁ ଉତ୍ତର ପୀଢି ଆଉ ଓଡିଆ ଭାଷା ପ୍ରତି ମମତ୍ୱ ରଖୁନାହାନ୍ତି । ଏପରିକି ଏଠାକାର ଓଡିଆମାନେ ଭାଷାରେ କେତେକାଂଶରେ ଓଡିଆ କହୁଥିଲେ ମଧ ଓଡିଆ ଲିପିକୁ ସମ୍ପୂର୍ଣ୍ଣ ଭାବେ ଭୁଲି ଗଲେଣି । ବେଳ ହୁଁ ସାବଧାନ ନହେଲେ ବିଛିନାଞ୍ଚଳରେ ଓଡିଆ ଭାଷା ଯେ ସମ୍ପୂର୍ଣ୍ଣ ଲୋପ ପାଇବ ଏଥିରେ ଦ୍ୱିମତ ନାହିଁ । ଏଠାକାର ଲୋକମାନଙ୍କର ଓଡିଆ ଭାଷାପ୍ରୀତି ଥିଲେ ମଧ ପରିସ୍ଥିତି, ପରିବେଶ ଓ ପ୍ରୋତ୍ସହନ ଅଭାବ ଯୋଗୁଁ ଓଡିଆ ଭାଷା ସ୍ଥିତି ଉଦବେଗଜନକ ଅବସ୍ଥାଦେଇ ଗତି କରୁଛି । ଯେଉଁ ଦେଶରେ ଭାଷା ସୁରକ୍ଷିତ ନୁହେଁ ସେ ଦେଶ ସୁରକ୍ଷିତ ନୁହେଁ । ଆଜି ଓଡିଶାର ଅଙ୍ଗଛେଦ ପରେ ଭାଷା ଉଚ୍ଛେଦ ନିମନ୍ତେ ବିଛିନ୍ନାଞ୍ଚଳରେ ବିଧିବଦ୍ଧ ଯୋଜନା ଆରମ୍ଭ ହୋଇଛି । ବିଛିନ୍ନାଞ୍ଚଳର ଲୋକମାନଙ୍କୁ ସେଠାକାର ସରକରା ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ଭାଷା ବିଲୋପ କରିବାରେ ଏକରକମ ସମର୍ଥ ହେବାପରେ ପୁନର୍ବାର ବହୁ ଶ୍ରମ ସ୍ୱୀକାର କରି ମିଳିଥିବା ଖଣ୍ଡିତ ନବଗଠିତ ଓଡିଶାର ମାନଚିତ୍ର ମଧ ବଦଳିବାର ସମ୍ଭାବନା ଦେଖାଦେଲାଣି । ପ୍ରାୟ ପ୍ରତ୍ୟେକ ଦିନ ଖବରକାଗଜର ପୃଷ୍ଠା କେଉଁଠି ଆନ୍ଧ୍ର ଓଡିଶାର ସୀମାକୁ କବଳିତ କଲାଣି ତ କେଉଁଠି ପଶ୍ଚିମ ବଙ୍ଗ ଓଡିଶା ଭିତରକୁ ମାଡିଆସିଲାଣି ମଣ୍ଡନ କରୁଛି । ଯେଉଁ ଭାଷାଭିତ୍ତିକ ଓଡିଶାର ସ୍ୱପ୍ନ ଆମର ପୂର୍ବ ପୁରୁଷମାନେ ଦେଖିଥିଲେ ତାହା ପୁଣି କ୍ରମେ ନଷ୍ଟ ହେବାକୁ ଲାଗିଲାଣି । ଏଣୁ ନିଜ ଭୌଗୋଳିକ ସୀମାକୁ ସୁରକ୍ଷା ଦେବାକୁ ହେଲେ ଉପାନ୍ତ ଅଞ୍ଚଳର ଭାଷା, ସଂସ୍କୃତିକୁ ଦୃଢ କରିବାକୁ ପଡିବ । ଏଥିପାଇଁ ଛାମୁଆ ସଂଗଠନମାନ ଆଗକୁ ଆସିବା ଉଚିତ । ପ୍ରତ୍ୟେକ ସ୍ୱାଭିମାନୀ ଓଡିଆଙ୍କୁ ବିଛିନ୍ନାଞ୍ଚଳ ଗସ୍ତ କରିବା ସହ ସେଠାକାର ଯୋଦ୍ଧାମାନଙ୍କ ମନରେ ଉତ୍ସାହ ଭରିବାର ଚେଷ୍ଟା କରିବା ଉଚିତ । କାରଣ ସେହିମାନେ ହିଁ ହେଉଛନ୍ତି ଆମ ଭାଷାର ଜାଗ୍ରତ ପ୍ରହରୀ । ସେହିମାନଙ୍କ ପାଇଁ ଭାଷା ବଞ୍ଚିବ । ଭାଷା ବଞ୍ଚିଲେ ସଂସ୍କୃତି ବଞ୍ଚିବ । ॥ ଜୟ ଜଗନ୍ନାଥ ॥

(ସମାପ୍ତ)


ଅଧ୍ୟାପକ : ଓଡିଆ ବିଭାଗ
କପ୍ତିପଦା ମହାବିଦ୍ୟାଳୟ,
ନୂଆସାହି, ମୟୁରଭଂଜ
(ମୋ) ୯୮୫୩୯୪୮୪୫୮


# କୋଲ୍ଡ ଫ୍ଲଞ୍ଜ

### ବିଷ୍ଣୁପ୍ରସାଦ ମହାପାତ୍ର

ଧାଁ ଧଉଡ଼ ଓ କର୍ମବ୍ୟସ୍ତ ଜୀବନ ଭିତରେ ସମସ୍ତଙ୍କୁ ଅନେକ ସମୟରେ ଅବସନ୍ନ ଓ ଥକ୍କା ଅନୁଭବ ହୋଇଥାଏ । ଆମେ ଅନେକ ସମୟରେ ଶରୀର ପାଇଁ କିଛି ସମୟ ବିଶ୍ରାମ ଖୋଜିବା ସହ ଚାପ ଠାରୁ ଦୂରେଇବା ପାଇଁ କିଛି ସ୍ୱାସ୍ଥ୍ୟପ୍ରଦ ବ୍ୟବସ୍ଥା ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ରଖିଥାଉ । ଶରୀରକୁ ଅଧିକ କର୍ମତତ୍ପର, କ୍ରିୟାଶୀଳ ଓ ସତେଜ ରଖିବା ପାଇଁ ଯେଉଁ କିଛି ସ୍ୱାସ୍ଥ୍ୟପ୍ରଦ ବ୍ୟବସ୍ଥା ଅଛି ତାହା ଭିତରୁ କୋଲ୍ଡ ଫ୍ଲଂଜ ଅନ୍ୟତମ । ଅନେକ ଏହା ବିଷୟରେ ଜାଣିନଥାନ୍ତି । ଏହାରି ସମ୍ପର୍କରେ ଏକ ଛୋଟିଆ ଆଲୋଚନାରେ ଏଠାରେ ରଖୁଛୁ । ଶରୀର ଏବଂ ମନକୁ ଚାପମୁକ୍ତ ରଖିବା ପାଇଁ ଯୋଗ, ବ୍ୟାୟାମ ଠାରୁ ଆରମ୍ଭ କରି ଆମେ କେତେ କ'ଣ କରିଥାଉ । କିଛି ଲୋକ ଶରୀରକୁ ଚାପମୁକ୍ତ କରିବା ପାଇଁ ବିଭିନ୍ନ ଥେରାପିର ମଧ ସାହାଯ୍ୟ ନେଇଥାନ୍ତି । କୋଲ୍ଡ ଫ୍ଲଂଜ ମଧ ଏମିତି ଏକ ଥେରାପି । ଏହାକୁ ଆଇସ ବାଥ ମଧ କହିପାରିବା । ଏବେ ଏହି ଥେରାପି ମାଧମରେ ଲୋକମାନେ ଶରୀରକୁ ଚାପମୁକ୍ତ ରଖିପାରୁଛନ୍ତି । ଅଧିକାଂଶ ଲୋକଙ୍କ ଦିନ ଆରମ୍ଭ ହୋଇଥାଏ ଚା କିମ୍ବା କଫିରୁ । କାରଣ ଚା' ଓ କଫି ତୁରନ୍ତ ନିଦ ଭାଙ୍ଗିବା ସହିତ ସତେଜ ରଖିଥାଏ । କିନ୍ତୁ ସବୁଦିନ ଖାଲିପେଟରେ ଚା' ଓ କଫି ପିଇବା ଦ୍ୱାରା ଏହା ଶରୀରକୁ ମଧ କ୍ଷତି ପହଞ୍ଚାଇଥାଏ । କିଛି ଲୋକ ନିଦ ଭାଙ୍ଗିବା ପାଇଁ ପୁରା ଦିନରେ ୮-୯କପ ଚା' ପିଇଥାନ୍ତି । କିନ୍ତୁ ସପ୍ତାହକୁ ଦୁଇଥର କୋଲ୍ଡ ଫ୍ଲଂଜ ନେବା ଦ୍ୱାରା ଦିନ ସାରା ସତେଜ ରହିବା ପାଇଁ ଚା' ଓ କଫିର ଆବଶ୍ୟକତା ନଥାଏ । ଅଧ୍ୟୟନରୁ ଜଣାପଡ଼ିଛି ଥଣ୍ଡା ପାଣିରେ ଶରୀରକୁ ବୁଡ଼ାଇବା ଦ୍ୱାରା ମସ୍ତିଷ୍କରେ ନରପେନେଫ୍ରିନ ସୃଷ୍ଟି ହୋଇଥାଏ । ଏହା ଆମର କାମ କରିବା ପ୍ରତି ଧ୍ୟାନ ଏବଂ ଶରୀରକୁ ସତେଜ ରଖିବାରେ ସାହାଯ୍ୟ କରିଥାଏ । କେବଳ ସେତିକି ନୁହେଁ ଯେଉଁମାନେ ଆଥଲେଟ ସେମାନେ ମଧ କୋଲ୍ଡ ଫ୍ଲଂଜ ଥେରାପି ମାଧମରେ ମାଂସପେଶୀ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିପାରିଥାନ୍ତି । ଶରୀରରେ ହରମୋନ ଅଭାବ କାରଣରୁ ଏହା ଅବସାଦର ରୂପ ନେଇଥାଏ । କିନ୍ତୁ ଯେତେବେଳେ କୋଲ୍ଡ ଫ୍ଲଂଜ କରାଯାଏ ମସ୍ତିଷ୍କରେ ନରପେନେଫ୍ରିନ କ୍ଷରଣ ହେବା କାରଣରୁ ଏହା ଅବସାଦର ଲକ୍ଷଣକୁ କମ କରିଥାଏ । ମସ୍ତିଷ୍କ ପୁଣିଥରେ ସାମାନ୍ୟ ରୂପରେ କାମ କରେ । କୋଲ୍ଡ ଫ୍ଲଂଜ ନେଉଥିବା ବ୍ୟକ୍ତି ଶରୀରକୁ ୨ ମିନିଟ ପର୍ଯ୍ୟନ୍ତ ଥଣ୍ଡା ପାଣିରେ ବୁଡ଼ାଇ ରଖିଥାନ୍ତି । ୨ମିନିଟ ପର୍ଯ୍ୟନ୍ତ ଶରୀରକୁ ତିନିଥର ବୁଡ଼ାଇବାକୁ ହୋଇଥାଏ । କେହି କେହି ଛାତି ପର୍ଯ୍ୟନ୍ତ ବୁଡ଼ାଇଥାନ୍ତତି ଆଉ କେହି ପୁରା ଶରୀରକୁ ଥଣ୍ଡା ପାଣିରେ ବୁଡ଼ାଇଥାନ୍ତି । ଏହାଦ୍ୱାରା ଶରୀରରେ ଏହି ସମୟରେ ବିଭିନ୍ନ ପ୍ରତିକ୍ରିୟା ଘଟିଥାଏ । ଥଣ୍ଡା ପାଣି କାରଣରୁ ରକ୍ତ ଧମନୀ ଗୁଡ଼ିକ ଶିଥିଳ ପଡ଼ିଯାଏ । ହେଲେ ପୁଣିଥରେ ପାଣିରୁ ବାହାରକୁ ଆସିବା ପରେ ଏହା କ୍ରିୟାଶୀଳ ହୋଇଥାଏ ଏବଂ ଶରୀରକୁ ସତେଜ ଅନୁଭବ କରାଇଥାଏ ।


+ସହଯୋଗୀ ପ୍ରଫେସର,
ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ
କେୟାର, ଏମକେଜି, ବ୍ରହ୍ମପୁର,
ମୋ : ୮୨୮୦୧୨୭୯୧୦





## ପ୍ରେମିକାର ଛାଇ

### ଦୀନବନ୍ଧୁ ପୋଇ

ଆସିଲାଣି ଶୀତ ଧରାକୁ
ଆସିଲାଣି ଶୀତ ଧରାକୁ ଓହ୍ଲାଇ
ହସାଇବ ଆମ କ୍ଷେତ
ପନିପରିବାରେ ପୂରି ଯିବ ଧରା
ଚଷାର ବଢିବ ବିତ୍ତ ।
କିଏ ଆଳୁ କିଏ ଓଲକୋବି ପୁଣି
କିଏ ରୋଉଥିବ ମୂଳା
କାକୁଡି କଲରା ଶିମ୍ବ ବାଇଗଣ
ବସିବ ପରିବା ମେଳା ।
କିଆରି କିଆରି ଧାଡ଼ି ଧାଡି କରି
ଲାଗିଥିବ ଫୁଲକୋବି
ଦିନ କେଇଟାରେ ଫଳ ତା ପାଇବ
ଚଷା ହେଉଥିବ ଭାବି ।
ସଂଜେ କୋଳାହଳ ଧିରେ କମିଯିବ
ଦାଣ୍ଡ ହେବ ଶୂନଶାନ
ଗାଆଁ ଭାଗବତ ଟୁଙ୍ଗି ରେ ଶୁଭିବ
ଅଜାଙ୍କ ଖଞ୍ଜଣି ଗାନ ।
ଶାଲ ସୁଇଟର କମ୍ବଳ ଚଦର
ସଭିଙ୍କର ହେବ ଖୋଜା
ବିଦ୍ୟାଳୟେ ମାଆ ସ୍ୱରସ୍ୱତୀଙ୍କର
ପିଲାଏ କରିବେ ପୂଜା ।
ସବୁଠୁ ସୁନ୍ଦର ଶୀତ ସକାଳର
ସୋରିଷ କ୍ଷେତର ଫୁଲ
କବିର ମନରେ ଭାବନା ଆସଇ
ଲେଖଇ କବିତା ଭଲ ।
ଧନ୍ୟ ହେ ସବିତା ତୁମେ ଯେ ବିଧାତା
ଶକଳ ଶକ୍ତି ଆଧାର
ତୁମ ପାଇଁ ସିନା ପୃଥିବୀ ପୃଷ୍ଠରେ
ଜୀବନ ଅଛି ଆମର ।


+ଗୋରଡ଼ାପାଳ, କରମୂଳ,
ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨


## ଅନ୍ତରାତ୍ମାର କୋହ

### ଶିବ ପ୍ରସାଦ ବାହିନୀପତି

ସେଦିନର ସେ ଝଡ଼ବର୍ଷା ରାତି
ଏବେ ବି ପାଶୋରିନି ;
ମନେଅଛି ମୋର
ହେ' ମୋର ସାଥୀ !
ତୁମର କ'ଣ ମନେ ନାହିଁ
ସେଦିନର କଥା !
କେଇଦିନ ହେବ
ବିଦେଶ ଗସ୍ତ କଲ ଯେ
ସବୁ ପାଶୋରି ପକେଇଲ ମନରୁ !
ଯାଇଛ ଯେ ଯାଇଛ ତମେ
ଆଉ ଫେରିନ ଯିବା ଦିନରୁ ।
ସମସ୍ତେ ଫେରୁଛନ୍ତି ନିଜ ମାତୃଭୂମିକୁ
ହେଲେ ତମେ ତ ଫେରୁନ !
କ'ଣ ଅଭିମାନ କରିଛ କି
ମୋ' ଉପରେ ?
ହେଲା ହେଲା ଏବେ ମନେ ପଡ଼ିଲା
ପିଲାଦିନେ ଶୁଣିଥିଲି
ଆଇମା' କାହାଣୀ
ଏ ସୃଷ୍ଟି ବାହାରେ ଅଛି
ଆଉ ଏକ ଦେଶ
ସେ ଦେଶକୁ ଥରେ ଯିଏ ଯାଏ ନା
ଆଉ ଫେରେନି କଦାପି ।
ପ୍ରଥମେ ପ୍ରଥମେ ମୁଁ ଭାବୁଥିଲି
ସେଇଟା ଗୋଟେ କାହାଣୀ ମାତ୍ର
କିନ୍ତୁ ଏବେ ଅନୁମାନ କରୁଛି
ସେଇଟା ସତ
ସୁଖଶାନ୍ତିରେ ପରିପୂର୍ଣ୍ଣ ସେ ଦେଶ ।
ଏତେ ସୁଖଶାନ୍ତି ଭିତରେ ଅଛ ଯେ
ଆଉ ଫେରିବାକୁ ଇଚ୍ଛା କରୁନ
ମୋ' କଥା ବି ଆଉ
ମନେ ପଡୁନି ତୁମର ।
ହୁଁ , ଆଉ ବା କାହିଁ ମନେ ପଡ଼ିବ ?
ତୁମେ ସେଠି ନୂଆ ସାଥୀଟେ ପାଇଥିବ
ମୋତେ ବା ଆଉ ପଚାରେ କିଏ ?
ଥରେ ମନେ ପକେଇଲ ତମେ
ସେଦିନର ସେ ଝଡ଼ବର୍ଷା ରାତିର କଥା
ଅମାବାସ୍ୟାର ସେ ନିସ୍ତବ୍ଧ ଯାମିନୀ
ମନେ ପଡୁଛି କିଛି କି ତୁମର ?
ଆକାଶରେ ନଥିଲା ଚନ୍ଦ୍ରମା ; କିନ୍ତୁ
ଥିଲା ତାରାମାନଙ୍କର ଚିକ୍‌ମିକ୍ ଜ୍ୟୋତି
ନକ୍ଷତ୍ରାଲୋକରେ ହସି ଉଠୁଥିଲା ଧରା
ବହୁତ ସୁନ୍ଦର ଲାଗୁଥିଲା ପରିବେଶ ।
ତୁମ ନିଜ କରସ୍ପର୍ଶେ ତିଆରି ବଗିଚା
ତା' ଭିତରେ ପଡ଼ିଥିବା କଂକ୍ରିଟ୍ ?
ବେଞ୍ଚରେ
ତମେ ଆଉ ମୁଁ ଦୁଇଜଣଙ୍କ
ଆଳାପ ବେଶ୍ ଘନେଇ ଆସିଥିଲା ।
ସମୟ ସେତେବେଳେ
ରାତି ଦଶଟା କେତେ
ହଠାତ କୁଆଡୁ ଘୋଟି ଆସିଥିଲା
ଖଣ୍ଡ ଖଣ୍ଡ କୃଷ୍ଣକାୟ ବାଦଲ ଆକାଶେ
ଲୁଚିଗଲେ ଉଆଁସ ଚନ୍ଦ୍ର ଗୁଡ଼ିକ ।
ହେଇ ବର୍ଷା ଆସିଲା କହୁକହୁକା
ହଠାତ୍ ବିରାଟ ଝଡ଼ର ପ୍ରାରମ୍ଭ
ବୁଢ଼ୀ ଅସୁରଣୀ ପରି ମାଡ଼ି ଆସିଥିଲା
ଅଣଚାସ ବାଆ ବଳବେଗ ନେଇ ।
ଭୟାନକ ଥିଲା ସେଦିନ ସେହି ଦୃଶ୍ୟ
ହଠାତ୍ ଅକଳ ଗୁଡୁମ୍ ଆମର
କ'ଣ କରାଯିବ ପଡ଼ିଲା ଭାଳେଣି
ବୁଦ୍ଧିବାଟ ବଣା; କେଉଁଆଡ଼େ ଯିବା ?
ଚାଲ ଦୁହେଁ ଫେରିଯିବା ବସାକୁ
କଷ୍ଟେମଷ୍ଟେ ଯେନତେନ ପ୍ରକାରେଣ
ପହଞ୍ଚିବାର ଅଛି ଆମ ବସାରେ
ବିଧିର ନିର୍ଦ୍ଦେଶ କିନ୍ତୁ
ଅନ୍ୟ କିଛି ଥିଲା ।
ହଠାତ୍ ଘୁ'ଘୁ' ଗର୍ଜନ କରି
ସଁ ସଁ ଶବ୍ଦରେ ପବନ ସାଙ୍ଗକୁ
ଆରମ୍ଭ ହୋଇଗଲା
ମୂଷଳ ବରଷାର ତାଣ୍ଡବ ଲୀଳା
ନିରୁପାୟ ଅବିକା ତମେ ଆଉ ମୁଁ ।
ବେନି ପ୍ରାଣୀ ଆମେ ବର୍ଷା ଜଳେ ସିକ୍ତ
ନିବାଡ଼ିଆ ବଟବୃକ୍ଷ ତଳେ ଛିଡ଼ା ହୋଇ
ବିଭୁଙ୍କୁ ବିନମ୍ର ପ୍ରାର୍ଥନା କରିବା ଛଡ଼ା
ଆଉ ବା ଆମର ଉପାୟ କଅଣ ?
ଏମିତି ବିତିଗଲା ସେ ବୃକ୍ଷ ମୂଳେ
ଦୀର୍ଘ ବ୍ୟବଧାନ ଦୁଇ ଘଣ୍ଟା ପ୍ରାୟ
ଥମିଲା ବତାସ କମିଲା ବରଷା
ଦୁହିଁଙ୍କର କିନ୍ତୁ ଓଦା ଜୁଡୁବୁଡୁ ଦେହ ।
ଥରି ଉଠୁଥାଏ ଦୁଇଟି ଶରୀର
ଏବେ ବି ସାକ୍ଷୀ ସେ ବଟବୃକ୍ଷ
ଅସ୍ପଷ୍ଟ କଣ୍ଠରେ ସେଦିନ ରାତ୍ରିରେ
ଥରି ଥରି କହି ନଥିଲ ମତେ ?
ସ୍ମରଣ ଆସୁଛି କି ନା ନାହିଁ ?
ଆଜି ଯେଉଁପରି ଦୁହେଁ ସାଥୀ ହୋଇ
ଝଡ଼ବର୍ଷା ରାତିରେ ଏକାଠି ଅଛେଁ
ଯେତେ ଝଡ଼ଝଞ୍ଜା ଆସିଲେ ବି ସୁଦ୍ଧା
ଖାତିର୍ ନକରି ଏକାଠି ରହିବା ।
ଯେତେ ବଡ଼ ସୁନାମୀ ଆସୁ ପଛେ
କେହି କାହାର ହାତ ଛାଡ଼ିବା ନାହିଁ
ଏକାଠି ବଞ୍ଚିବା ଆଉ ଏକାଠି ମରିବା
ସୁଖ ଦୁଃଖକୁ ଭାଗ ବାଣ୍ଟି ଚଳିବା ।
ହେଇ ଦେଖ ତ
ମୁଁ ମୋର ବଚନ ରଖିଛି
ଏବେ ବି ସୁଦ୍ଧା ସାଇତି ରଖିଛି ମୁଁ
ଅତୀତର ତୁମ ବିନୟ ବଚନ ସ୍ମୃତି
ସାଇତିଛି ତୁମକୁ ମୋ' ହୃଦ
ଗମ୍ଭୀରାରେ ।
ଶୟନେ ସ୍ୱପନେ ଉଜା ଜାଗରଣେ
ମୋ' ଆଖି ପଲକେ ବି
ତୁମେ ଅଛ ଜୀବନ୍ତ
ହେଲେ ସାଥୀ ତମେ କ'ଣ କଲ ?
ଥରେ ଭାବି ଦେଖ ତ
କ'ଣ କରିଛ ତମେ ।
ଅର୍ଦ୍ଧପଥେ କରଛଡ଼ା ଦେଇ ଚାଲିଗଲ
ପୁନରାୟ ମତେ ଏକା କରିଦେଲ
ସେଦିନ ରାତିରେ ତୁମେ
ଦେଇଥିବା କଥା
ତୁମେ ନିଜେ ରଖି ପାରିଛ କି ?
ସାଇତି ପାରିଛ କି ତମେ ମୋ' ସ୍ମୃତି ?
କୁହ, ଜବାବ ଦିଅ ମତେ
ଦେଇ ପାରିବ ମୋ' ପ୍ରଶ୍ନର ଉତ୍ତର ?
ନା, ମୁଁ ଜାଣିଛି ଦେଇ ପାରିବନି ।
କାହିଁକି ନା ତମେ ସାଇତି ପାରିନ
ମୋର ସ୍ମୃତି ଆଉ ମତେ କେବେ
ବୋଧହୁଏ ମୋ' ଅନୁମାନ ଠିକ୍ ଥିଲା
ତମେ ଅନ୍ତରରୁ କଦାପି ଭଲପାଇନ ।
ତୁମ ପ୍ରେମରେ ଥିଲା ଛଳନା -
ପ୍ରତାରଣା
ସତରେ ତମେ ଜଣେ ସ୍ୱାର୍ଥପର
ମଣିଷ
ବିଶ୍ୱାସର ଦ୍ୱାହି ଦେଇ
ଠକିଦେଲ ମତେ
ଲୋହିତାଶ୍ରୁ ନିଗାଡ଼ି ଦେଲ
ମୋ' ନେତ୍ରରୁ ।
ଏବେ ବି ମୁଁ ଗୁମୁରି ଗୁମୁରି କାନ୍ଦୁଛି
ତମେ ତ ମୋ' ଠାରୁ
ବହୁତ ଦୂରରେ
ତମେ କ'ଣ ଶୁଣି ପାରିବ କି ମୋର
ଅନ୍ତର ଆତ୍ମାର କ୍ରନ୍ଦନର ରୋଳ !
ଥରେ ପ୍ରତ୍ୟାବର୍ତ୍ତି ଦେଖିଦେଇ ଯାଅ
ମୁଁ କେମିତି କାନ୍ଦୁଛି ଦେଖ
ନିଜ ଆଖିରେ
ଅନ୍ତତଃ ତମେ ତ ଟିକେ ଖୁସି ହେବ
ମୋ' ଦୁଃଖ ଯନ୍ତ୍ରଣାକୁ
ଦେଖିଲା ପରେ ।
ମୁଁ ବି ତୁମକୁ ଆଖି ପୂରେଇ
ଭଲ ଭାବେ ଦେଖିନେବି ପୁଣି ଥରେ
ମୋ' ଅବସ୍ଥା ଦେଖି
ଖୁସି ହେବ ଯଦି
ଏ ଅନ୍ତର ଆତ୍ମା ମୋର ଶାନ୍ତି
ପାଇଯିବ ।


ସମ୍ପାଦକ - ଉଦୟ ଭାନୁ
ପ୍ରତିଷ୍ଠାତା/ସମ୍ପାଦକ - ସୁଦେଷ୍ଣା
ପ୍ରମୋଦ ସାହିତ୍ୟ ସଂସଦ
(ମୋ) ୮୯୧୭୪୮୦୫୩୬

## ମୁହଁ ଖୋଲିଲେ ବିପଦ


### ରତ୍ନାକର ରାଉତ




ତୁମେ ମୋତେ ପଚାରୁଛ
ମୁଁ କାହିଁକି ବସୁଅଛି
ଚୁପ୍‌ଚାପ୍
ମୁହଁ ଖୋଲୁ ନାହିଁ ।

ଶବ୍ଦ ବ୍ରହ୍ମ,
ଅସମୟେ କଥାପଦେ ଖସିଲେ ଓଠରୁ
କେତେକଣ ଅଘଟଣ
ଘଟିଯିବ ପର ମୁହୂର୍ତ୍ତରେ ।

ତୁମେ ତ' ଜାଣିଛ,
ମାଲିକର ବୋଲକରା ତୁଣ୍ଡି
ଲାଗିଛି ମୁହଁରେ,
ହାତରେ ପଡ଼ିଛି କଡ଼ି
ପାଦରେ ଶିକୁଳି,
ଜୀବିକା ପାଇଁ ବଂଧା ପଡ଼ିଛି ଜୀବନ ।

ସବୁ ଦେଖୁଥିଲେ ମଧ କିଛି ଦେଖୁନାହିଁ,
ସବୁ ଶୁଣୁଥିଲେ ମଧ କିଛି ଶୁଣୁନାହିଁ ।

ଯାହା ସବୁ ଦେଖୁଅଛି
ଶୁଣୁଅଛି ନିତିପ୍ରତି
ଅନୁଭବ କରୁଅଛି ଆପଣା ହିତରେ,
ସେ ସବୁକୁ କହିବାର ଯୁ' ନାହିଁ ମୋର ।

ଯାହା କିଛି କହୁଅଛି କେବେ କେବେ
ମାପି ଚୁପି, ଆଗପଛ ବିଚାରି ଅନେକ
ସେସବୁ ପୁଟଦିଆ ଜରି କାମ ଭଳି ।

ପିଲା ଛୁଆ ପରିବାର ଗୁଜୁରାଣ ପାଇଁ
ଦାନାର ପୁଡ଼ିଆ ସମ
ଜୀବିକାକୁ କୌଶଳେ ସମ୍ଭାଳି
ପାରୁନାହିଁ ସୁଲଭର ପ୍ରଲୋଭନ ଛାଡ଼ି
ବେସାହାରା କଣ୍ଟକିତ ପଥକୁ ଆଦରି ।

ଅପ୍ରିୟ ହେବାଟା କିଛି ବଡ଼କଥା ନୁହେଁ
ବିପଦର ବୁଢ଼ିଆଣୀ ଜାଲସବୁ
ଅକ୍ଟୋପସି ବଂଧନରେ ଛନ୍ଦି ଦେବେ
ଜୀବନର ଯାତ୍ରା,
ଓ ଆଗାମୀର ସଂଭାବନା ଯେତେ ।

ହରଡ଼ ଘଣାରେ ପଶିଗଲେ
ମିଶିବନି କୂଳ ଓ କିନାରା,
ଝିଟିପିଟି ଜିହ୍ୱାଗ୍ରରେ ଲାଗିଥିବା
ଅସହାୟ ପତଙ୍ଗରେ ତୁଲ୍ୟ ।

ଛଳନା ରାଜ୍ୟରେ
ଶଠତାର ଇନ୍ଦ୍ରଜାଲେ ଯେବେ
ସର୍ବେ ମୋହ୍ୟମାନ,
ସ୍ୱାର୍ଥ ଯହିଁ ଚିତ୍ତବାହା ପ୍ରସାରିତ କରି
ଲୁଟିନିଏ ପ୍ରେମପ୍ରୀତି, ହୃଦୟର ଭାଷା
ଅନ୍ୟପ୍ରତି ଅସୂୟାରେ ଅହର୍ନିଶ
ଉଦ୍‌ବିଗ୍ନ ଅନେକ,
ମୁହଁ ଖୋଲି ହୃଦୟର ବାଣୀ ବଖାଣିଲେ
ଘୁଂଚିବନି ଅମା ଅଂଧକାର
ବରଂ ଅସମୟେ ଜଳିଜଳି
ନିଃସ୍ୱ ହେବା ସାର ।

ଜାଣିଛକି' ନାହିଁ,
କାନ୍ଥର ବି' କାନ ଅଛି ଏଠି
କିଏ ଯଦି କେତେବେଳେ
ବଖାଣିଲା କାହା ଆଗେ
ହୃଦୟର କିଛି ଭାଷା, ନିଛକ ସତ୍ୟକୁ,
ମଣିଷ ପଣିଆ ଯହିଁ ସବୁଠୁ ନିମ୍ନରେ
ଅପରକୁ ପଛରେ ପକାଇ
ଆଗକୁ ବଢ଼ିଯିବାର ଅଦମ୍ୟ ପିପାସା
ଯହିଁ ଜୀବର ଆଦର୍ଶ

ସେ ସମୟେ ହୃଦୟର ଭାଷା ପାଇଁ
ମଣିଷଟେ କାହିଁ ?
ସେଥିପାଇଁ ଏ ଅବେଳେ
ଖୋଲୁ ନାହିଁ ମୁହଁ,
ସବୁ ଦେଖି, ସବୁ ଶୁଣି
ଚୁପ୍‌ଚାପ୍ ରହିଯିବା ଭଲ ।

ସମୟ ଆସିଲେ,
ଆପେ ଆପେ ଖୋଲିଯିବ ମୁଖପଦ୍ମ
ଉନ୍ମୀଳିତ ହୋଇଯିବ
ଅସୁମାରି ଭାଷାର କୋରକ,
ସେ ମହାର୍ଘ ସମୟର
ଅପେକ୍ଷାରେ ରହିବାକୁ ହେବ ।

## ଆତଙ୍କବାଦୀ


### ପ୍ର. ଗିରିଜା ଶଂକର ଶର୍ମା




ସଂଦେହର ଗୁଳ୍ମ ସବୁ ଚେରେଇ ଯାନ୍ତି
ତାର ଅନୁର୍ବର ପଡ଼ିଆରେ
ତା କଅଁଳ ମାଂସପେଶୀରେ
ବୁଣି ଦିଅନ୍ତି ଅବିଶ୍ୱାସର ମଂଜି ।
ତାକୁ ସେମିତି ପ୍ରସ୍ତୁତ କରନ୍ତି ସେମାନେ
ଯୁଦ୍ଧ ଭୂଇଁରେ ଅଘୋଷିତ ସମ୍ରାଟ ହେବାକୁ
ସେ ବି ଉନ୍ମତ୍ତ ହୁଏ ।
ତା ଆୟୁଷକୁ ସେ ଝୁଲେଇ ଦେଇଥାଏ
ଲୁଚକାଳି ଖେଳୁଥିବା ସମୟ ଖୁଣ୍ଟରେ ।
କୌଣସି ମୁହୂର୍ତ୍ତରେ ଅନ୍ତିମ ଯାତ୍ରା ପାଇଁ
ଆହ୍ୱାନ ଆସିପାରେ ।
ସେ ଜାଣିଛି ଜୀବନର ରେଖାରେ
ଶହ ଶହ ପୂର୍ଣ୍ଣଚ୍ଛେଦ
କେଉଁ ପୂର୍ଣ୍ଣଚ୍ଛେଦରେ ସେ ରହିଯାଇପାରେ
ତାକୁ ଜଣା ନାହିଁ ।

ସେ ସ୍ୱପ୍ନ ଦେଖେ,
ଗୋଟିଏ ରଂଗୀନ ଜୀବନର
ଅନେକ ହସିନାଙ୍କ ମେଳରେ
ସେ ଥାଏ ଏକ ଛତ୍ରପତି ।
କଳ୍ପନାରେ ସୁରାସାକିର ସୁନ୍ଦର ଦୁନିଆ ।
ଏପଟେ ମଧୁର ସଂଗୀତର ତାଳେ ତାଳେ
ଲାସ୍ୟରତା ଅପସରାର ଅଂଗଭଂଗୀ
ବାସ୍ତବ ଦୁନିଆ କି ସ୍ୱପ୍ନର ବୈଭବ
ଜାଣି ହୁଏନା ।
ଏପରି ଏକ ସ୍ୱପ୍ନର ତଲାଶରେ
ସେ ଚାଲିଥାଏ ଜୀବନର ବଂଧୁର
ରାସ୍ତାରେ ।

ସୁତାରେ ବନ୍ଧା କଣ୍ଢେଇ
ନାଚୁଥାଏ ନଚାଉଥିବା ଲୋକଙ୍କର
ଇସାରାରେ ।
ସେ ଭଲ ଭାବରେ ଜାଣିଥାଏ
କେବେ ସେମାନେ ନିଷ୍କପଟ ଶିଶୁ ଥିଲେ ।

ବିଶ୍ୱାସ କରୁଥିଲେ ସମସ୍ତଙ୍କୁ
ଆକାଶକୁ, ପାଣିକୁ, ପବନକୁ, ମାଟିକୁ
ଗୀତ ଗାଉଥିବା ଶାନ୍ତିର କପୋତକୁ,
ଏବେ କିନ୍ତୁ ଶୁଭୁନି ଶାନ୍ତିର ସଂଗୀତ
କି କପୋତର ଗୁମୁର ।
ସବୁଠି ଯେପରି ବିଭିଷିକା, ହାହାକାର
ମନୁଷ୍ୟର କରୁଣ ଆର୍ତ୍ତନାଦ ଓ
ଦାରୁଣ ଚିତ୍କାର,
ସହସ୍ର, ଡେସିବେଲ ଶବ୍ଦ ବମ ଫାଟିବାର
ଥରେଇ ଦେଉଛି ଖଣ୍ଡମଣ୍ଡଳ
ମାଟିରୁ ଆକାଶ, ମଣିଷ ପଶୁପକ୍ଷୀ
ସମସ୍ତେ ଭୀତତ୍ରସ୍ତ ଡହଳ ବିକଳ

ଯା ବିନିମୟରେ ସେ କଣ ପାଇବ ଯେ ?
ତାର କଳ୍ପିତ ଅମରାବତୀ
ନା ସେ କେବେ ଚିନ୍ତା କରିନଥିବ
ଜହନ୍ନୁମର ଦ୍ୱାର ।
ଘୃଣା ଓ ଅସୂୟାର ପାତ୍ରରେ
କେବେ କି ଫୁଟି ପାରେ ସ୍ୱର୍ଗର ପାରିଜାତ ?
ସେ ଷଡ଼ଯନ୍ତ୍ରର ଶୀକାର ହୋଇଛି
ଶୀକାର କରିବାକୁ ଯାଇ ନିଜେ ଶୀକାର
ହୋଇଛି,
ଘୃଣା ସୋପାନର ବର୍ଯ୍ୟବସ୍ତୁ ସେ ।
କେବଳ ଦୟାର ପାତ୍ର
ଭ୍ରମିତ, ଦିଗଭ୍ରଷ୍ଟ ଓ କେବଳ ବ୍ୟବହୃତ ।


♥ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨


## ନାଦ ବ୍ରହ୍ମ ସ୍ୱର




### ସୁଧୀର ମହାନ୍ତି (ଟୁନା)


କର୍ଣ୍ଣେ ମନୋହର ମକର କୁଣ୍ଡଳ
କଣ୍ଠେ ଶୋଭା ମୁକ୍ତାହାର
ଗଳାରେ ଲମ୍ବିଛି ବନ ଫୁଲମାଳ
ପାଦରେ ଛନ୍ଦା ନୂପୁର ।
ମୟୂର ଚନ୍ଦ୍ରିକା ଶିରରେ ସୁନ୍ଦର
ହୃଦୟେ କୌସ୍ତୁଭ ମଣି
କସ୍ତୁରୀ ତିଳକ ଲାଗି ଲଲାଟର
ତ୍ରିଭଙ୍ଗୀ ଠାଣି ଚାହାଣୀ ।
କଟିରେ ମେଖଳା ନାସାଗ୍ରେ ମୁକୁତା
ସର୍ବାଙ୍ଗେ ହରି ଚନ୍ଦନ
ହସ୍ତରେ କଙ୍କଣ କପାଳରେ ଚିତା
ଶ୍ରୀଅଙ୍ଗେ ପୀତ ବସନ ।
ଯମୁନା କୂଳରେ କଦମ୍ବର ମୂଳେ
ମହାରସେ ଆଦି ସ୍ୱର
ନଟବର ବେଣୁ ଗାଏ ପଞ୍ଚ ତାଳେ
କୋଟି କନ୍ଦର୍ପ ବିଭୋର ।
ବରଦା ଦେବୀଙ୍କ ବୀଣାର ଝଙ୍କାର
ପରଂବ୍ରହ୍ମ ବେଦ ଗାନ
ଡମ୍ବରୁ ନାଦରେ କମ୍ପେ ତିନିପୁର
ସୁମଧୁର ବଂଶୀ ସ୍ୱନ ।


♥ବାଗ ବୃନ୍ଦାବନ, ବାଲେଶ୍ୱର
ମୋ: ୮୩୩୯୯୩୦୦୭୩


## ଅନ୍ଧାରକୁ ପଚାରିଲି ଦିନେ


### ପ୍ରଭାତ କୁମାର ଆଚାର୍ଯ୍ୟ




ଅନ୍ଧାରକୁ ପଚାରିଲି ଦିନେ
ତୁମେ କିଆଁ ଏତେ ଡର ଲାଗ ମୋତେ
ହାତ ପାଦ ମୋର କାଇଁ ବାନ୍ଧି ହୋଇଯାଏ ?
ଆଲୁଅରେ ଏତେ ରଙ୍ଗ
ଏତେ ସଜବାଜ
ତୁମେ କିଆଁ ଏତେ ନୀରବ ନିବୁଜ ?
ଥିରି ଥିରି ଅନ୍ଧାର କହିଲା
ଆଲୁଅରେ ତୁମେ ଜୀବନକୁ ଦେଖ
ମୁଁ କିନ୍ତୁ ତୁମ ଜୀବନ ପରଖେ

ଅନ୍ଧାରରେ ସତମାନେ ଘର କରିଥାନ୍ତି
ଆଖି ବୁଜିଦେଲେ କବାଟ ଫିଟାନ୍ତି
ହିସାବ ମାଗନ୍ତି, ପୁଣି ହସାନ୍ତି,କନ୍ଦାନ୍ତି ।
ଆଲୁଅ ବିଛିଦିଏ ସପନ ଅଭିର
ମେଲିଦିଏ ଜୀବନର ବିପଣୀ ବେଭାର
ମୁଁ କିନ୍ତୁ ଛୁଇଁଯାଏ
ବୁକୁତଳ ଅମଡ଼ା ବାଟରେ

ସେଇ ବାଟେ ଚାଲି ଚାଲି ଥକିଯାଅ
ବାଟ ତ ନ ସରେ ।
ଆଲୁଅ ଦେଖାଏ ଯେବେ
ବାଟସାରା ଲମ୍ବା ଲମ୍ବା ଆଶା
ମୁଁ ଅନ୍ଧାର କେଇମୁଠା ସ୍ମୃତିର ଭରସା
ଆଲୁଅରେ ଯେବେ
ତମାମ୍ ମିଛ ବିକ୍ରି ହୁଏ
ଅନ୍ଧାରରେ ସିନା ସତର ମିନାର୍ ଗଢ଼ି ହୁଏ
ମଣିଷ କରୁଛି ମଣିଷ ହାଟ
ବାନ୍ଧିଛି ବାଇୟା ବସା
ଅନ୍ଧାର ମୁଁ
ମଣିଷ ମନର ନିର୍ଭୟ ଭାଷା ।


♥ଜାନୁଗଞ୍ଜ, ବାଲେଶ୍ୱର


## ଆସ ମୋ କତିକି ପାଖରେ ବସ


### ତାରାପ୍ରସାଦ ଜେନା




ଆସ ମୋ କତିକି ପାଖରେ ବସ
ଅଳପ ଚାହିଁକି ମୁରୁକି ହସ !
ଅନେକ ଯାତନା କ୍ଷଣକେ ଦଳି
ସୁଖର ସାନ୍ତ୍ୱନା ଉଠିବ ଝଳି !
ଆସ ମୋ କତିକି ପାଖରେ ବସ...

ମୁହଁରେ ପଢ଼ିବା ଜୀବନ ବେଦ
ରହିବ ନାହିଁଟି ଅଭାବ ଖେଦ !
କାହାଣୀ ଗଢ଼ିବା ଅନେକ ଆଶା
ନାୟକ ନାୟିକା ହୋଇବା ଭାଷା !
ଆସ ମୋ କତିକି ପାଖରେ ବସ...

ଭାବନା ନଥିବ ନାଟକ ରଙ୍ଗ
ଆପଣା ଭିତରେ ବଢ଼ିଆ ସାଙ୍ଗ !
ଲୁହରେ ଲୁହକୁ ହୋଇବା ଓଦା
ସ୍ନେହରେ ସ୍ନେହକୁ ବୁଝିବା ନିଦା !
ଆସ ମୋ କତିକି ପାଖରେ ବସ...

ଅନ୍ତରେ ଅନ୍ତର ହେବାନି କେହି
କେବଳ ଆନନ୍ଦ ଦେଖିବା ମହୀ !
ଆବିଳ ପାଖକୁ ଯିବାନି ଜମା
ପୁଣ୍ୟର ଘରକୁ ଶରଧା ସୀମା !

ଆସ ମୋ କତିକି ପାଖରେ ବସ...

ମନର ଦର୍ପଣେ ଆନକୁ ଦେଖି
ନିରତ ନୀରବେ ହୋଇବା ସୁଖୀ !
ବ୍ୟଥାରେ ନଥିବ ଅଲଣା ରାଗ
କଥାର ମଣିଷ ସହଜ ବାଗ !
ଆସ ମୋ କତିକି ପାଖରେ ବସ...

ସ୍ୱଭାବ ଗୁଣରେ ହୋଇବା ଭଲ
ଦୁନିଆ ଆଗରେ ମହକ ଫୁଲ !
ଯିଏ ବି ଦେଖିବେ ଚକିତ ହେବେ
ମଙ୍ଗଳ ଆଶିଷ ଅଜାଡ଼ିଦେବେ !
ଆସ ମୋ କତିକି ପାଖରେ ବସ...


♥ରାଜ ରଣପୁର,
ଜିଲ୍ଲା-ନୟାଗଡ଼-୫୨୦୨୬,
ମୋ:୯୩୪୮୦୫୪୩୦୦


## କହିବକି ସାଥୀ ମୁଁ କିଏ ତୁମର


### ଶ୍ରୀମତୀ ରଞ୍ଜିତା ରାଉଳ




କାହିଁକି ନିଜଠୁ ନିଜର ଭାବୁଛ
ମୁଁ ଅବା କିଏ ତୁମର
ଓଠରେ ହସର କାରଣ ସଜାଇ
ପ୍ରେମକୁ କର ଅମର ।
ମୋ ଖୁସିରେ କେବେ ଉଣା କରିନାହଁ
ମୁଁ ଯେ ତମ ପ୍ରିୟତମା,
ସାତଜନ୍ମ ପାଇଁ ସାଥୀ କରିଅଛ
ଭୂଲିବନି ମୋତେ ଜମା ।

ନିଜର କଷ୍ଟକୁ ଲୁକାୟିତ କରି
ହସୁଥାଅ ମୋର ସାଥେ,
ସୌଭାଗ୍ୟବତୀ ମୁଁ ଏଇ ଦୁନିଆରେ
ତୁମକୁ ପାଇକି ସତେ ॥

ପଥର ପଡିଲେ ସହି ଯାଉଥିବ
ମନେ ଦୃଢୀଭୂତ କରି
ସମାଜର ଶିକ୍ଷା ସଂସ୍କାର ମାର୍ଗରେ
ପ୍ରେରଣା ଦେଉଛ ଭରି ।

ଧୈର୍ଯ୍ୟ ଓ ସାହସ ସୁପଥର ଗାମୀ
ବତାଉଛ ମୋତେ କାନେ
ଉତ୍ସାହିତ ହୋଇ ଆଗକୁ ବଢିଲେ
ଅରଜିବ ପୂଣ୍ୟ ଦିନେ ।

କୋଟି କୋଟି ଜନ୍ମ ପୂଣ୍ୟର ବଳରେ
ତୁମ ହାତେ ହାତ ଛନ୍ଦି,
ସେହି ହାତ ମୋର ସୁଖର ସଂସାର
ସାକ୍ଷୀ ଥିଲା ମାଟି ବେଦୀ ।
ତୁମକୁ ପାଇ ମୁଁ ସ୍ୱର୍ଗ ପାଇଅଛି
ପ୍ରାର୍ଥନା ଥିଲା ମୋହର
ତୁମରି ଆଖିରେ ଦୂନିଆ ଦେଖେ ମୁଁ
ତୁମେ ମୋ ଶଙ୍ଖା ସିନ୍ଦୂର ।

ଏତେ ପ୍ରେମ ସତେ ମୋ ପାଇଁ ରଖିଛ
ହୃଦୟର ପ୍ରତି କୋଣେ
ତୁମରି ଆଜ୍ଞା କୁ ସମ୍ମାନ ଦେବି ମୁଁ
ତୁମର କେହି ମୁ ଜଣେ ।
କହିବକି ସାଥୀ ମୁଁ କିଏ ତୁମର
କାହିଁ ଏତେ ଭଲପାଅ
ଏକ ମନ ଆମ ଗୋଟିଏ ଭାବନା
ହୃଦୟରେ ଲେଖିଦିଅ ।


♥ ଅନୁଗୋଳ,(ରାଜ୍ୟ ସହ
ସଂପାଦିକା)ଝ
ଓଡ଼ିଶା ସାହିତ୍ୟିକ
ସଂଗଠନ,ଭୁବନେଶ୍ୱର,(ଓଡିଶା)ଝ


## ସୁଭଦ୍ରା ନନ୍ଦନ ପାଖରେ ବସ


### ପୁଷ୍ପଲତା ମିଶ୍ର




ପାଣ୍ଡବ କୁଳର ବୀର ଅଭିମନ୍ୟୁ
ସୁଭଦ୍ରା କୂଳ ନନ୍ଦନ,
ଅଧର୍ମ ବିରୋଧୀ କନିଷ୍ଠ ଯୋଦ୍ଧା ସେ
ତେଜସ୍ୱୀନି ଦିପ୍ତୀମାନ ।
ମହାଭାରତ ର ଅଧର୍ମ ସମରେ
ଶକତି ସାମର୍ଥ୍ୟ ବାର୍ତ୍ତା,
ସତ୍ୟ ଧର୍ମ ନ୍ୟାୟ ପ୍ରତିଷ୍ଠା ପାଇଁ କି
ସଂଗ୍ରାମ ର ଜୟ ଯାତ୍ରା ।
ମାତା ପିତାଙ୍କର ମହାନୁଭବ ସେ
ଶତ୍ରୁ ପକ୍ଷଙ୍କର ଅରି,

ସପ୍ତରଥି ହସ୍ତେ ସମର୍ପି ଜୀବନ
ବୋଲାଇଲା ଯଶ କାରି ।
ଅସ୍ତ୍ର ଶୂନ୍ୟ ହସ୍ତେ ଯଶ ରଖି ଗଲା
କରିନି ଜୀବନ ଭିକ୍ଷା,
ମୃତ୍ୟୁ ଉତ୍ପୀଡିନ ସହ୍ୟ କରିଗଲା
ପାଇଲାନି ସେହି ରକ୍ଷା ।
ଡ଼ହଳ ବିକଳ ହେଲା କୁରୁକ୍ଷେତ୍ରେ
ଦେଲେ ନାହିଁ ମୁନ୍ଦେ ଜଳ,
ନୀତି ଉଲଙ୍ଘନ କରି ବେଢ଼ି ଥିଲେ

ରକ୍ତ ମୁଖା ମହା କାଳ ।
ଦ୍ରୋଣ, ଶଲ୍ୟ, ଅଶ୍ୱତ୍ଥାମା ଓ ଶକୁନି
ଦୁର୍ଯ୍ୟୋଧନ, ଦୁଃଶାସନ,
କର୍ଣ୍ଣ , କୃପାଚାର୍ଯ୍ୟ କପଟ ରୂପେଣ
ନିଃଶେଷ କଲେ ଜୀବନ ।
ଇତିହାସ ମୂକ ସାକ୍ଷୀ ରହିଗଲା
ପାରାକାଷ୍ଠା ବୀରତ୍ୱର,
ସୁଭଦ୍ରା ଦୁଲାଳ ବାଳୁତ ବୟସରେ
ଗଲା ସିଏ ସ୍ୱର୍ଗ ପୁରା।
କ୍ଷମତା ବଳରେ କୁରୁ ରାଜ ବଂଶ
ମାଟିରେ ମିଶିଲା ଯାଇ,
ଯୁଗେ ଯୁଗେ ଦେଖ ଧର୍ମ ର ପତାକା
ଉଡ଼େ ଫର ଫର ହୋଇ ।


♥ଭୁବନେଶ୍ୱର
ମୋ: ୯୩୩୮୨୯୪୬୫୭




## କିଛି କଥାଝ


### ସାବିତ୍ରୀ ଭୋଇ


ସମୟର ଧାସରେ ହୁଏତଝ
ଆମ ପ୍ରେମ ଅପୂରଣୀୟଝ
କିନ୍ତୁ ଜୀବନରେ ତୁମଠୁ ନିଜରଝ
କେହି ନାହିଁ ଯାହା ଗ୍ରହଣୀୟ ।
ଝ
ମୁଁ ହେଇ ପାରେ ତୁମ ପାଇଁଝ
ଦେଉଳ ବାହ୍ୟରେ ଥିବା ପଥରଝ
କିନ୍ତୁ ମୋ ମନ କୁଞ୍ଜବନେ ତୁମେଝ
ମୋ ପ୍ରେମର ସ୍ୱର୍ଣ୍ଣ ସମ୍ଭାର ।
ଝ
ତୁମେ ଭୁଲି ଯାଇ ପାର ମତେଝ
ହେଲେ ହୃଦ ମନ୍ଦିରରେ ତୁମେଝ
ଖାସ୍ ଏକ ପ୍ରତିଛବିଝ
ତୁମେ ଭୁଲି ଯାଇ ପାର ମୋ ପ୍ରେମଝ
ସକାଳର ସ୍ୱଚ୍ଛ କାକରରେଝ
ତୁମେ ଚେଇଁ ରହିଛ ଏ ମନେ ଆଜିବିଝ ।

ମୁଁ ମରୁଭୂମି ର ସେ ବାଲିଝ
କିନ୍ତୁ ତୁମେ ମୋର ସାଗରଝ
ଆଜିବି ଉପେକ୍ଷା ଓ ଅପେକ୍ଷାଝ
ମନର ଶୋଷ ଓ ସ୍ପୃହା ପୁରଣଝ
କରିବ ମୋ ମନର ।ଝ


♥ପୁରୀ, ବୀରହରେକୃଷ୍ଣ ପୁରଝ


## ମହମ କଣ୍ଢେଇ !


### ପ୍ରୀତିପ୍ରଜ୍ଞା ପ୍ରଧାନ




ନା' ମା ।
ମୁଁ ଜମାରୁ ମହମ କଣ୍ଢେଇଟେ ନୁହେଁ ଯେ,
ତୁମେ ମୋତେ ଛୁଇଁବ ସନ୍ତର୍ପଣରେ,
କାଳେ ମୁଁ ତରଳି ଯିବି ଟିକିଏ ଉତ୍ତାପରେ,
ସେଇ ଭୟରେ !
ମୁଁ ପରୀଟିଏ ବି ନୁହେଁ,
ଯେ ଓହ୍ଲାଇ ଆସିଛି ତଳକୁ
ନିଜ ପର ହଜାଇ ଦେବାର
ଅସହାୟତାରେ !
ମୋର ଜମା ଇ ଲୋଡ଼ା ନାହିଁ
ତୁମେ ମୋତେ ତୁଳା ଭଳି ହାଲୁକାରେ
କୋଳ କରି ତୋଳିନେବା !
ଲୋଡ଼ା ନାହିଁ ବି ତୁମ ନିରନ୍ତର ଭଲପାଇବା

ମୋତେ !
ମୋ' ପ୍ରତି ତୁମ ଅସରା ଆକର୍ଷଣ;
ସେ ବି କାମ୍ୟ ନୁହେଁ ମୋର !
ତୁମେ ମୋତେ ଜୀବନଠୁ ବେଶି ଭଲ ପାଅ କି
ମୋ' ବିନା ନିରର୍ଥକ ତୁମେ,
ଦରକାର ନାହିଁ ବି ଏ ପ୍ରକାର ମିଠା କଥା
ମୋତେ !

ଏ କଥା ସତ ଯେ,
ନରମ ମନ ମୋର ଛଳଛଳ ଭଲ
ପାଇବାରେ ।

ହେଲେ ନିମିଷକେ ମୁଁ ଯେ
ପଥର ବି ପାଲଟି ପାରେ କାହା ଛଳନାରେ,
ଏ କଥା ବି ସତ !
ତେବେ ଗୋଟେ କଥା ଜାଣ ?
ସବୁ ଭିତରେ ବି ଖାଲି ଗୋଟେ ଇଚ୍ଛା

ବେଳେବେଳେ ଅଥୟ କରେ ମୋତେ ।
ତମେ ଥା'ନ୍ତ ମୋ' ପାଖରେ
ଛୋଟ ଛୋଟ ଖୁସି ଅବା
କୁନି କୁନି ଦୁଃଖ ମାନଙ୍କୁ
ବାଣ୍ଟି ନେବା ପାଇଁ !
ଅବା କେବେ କେବେ
ଏମିତି କିଛି ଛୋଟମୋଟ ଅର୍ଥହୀନ କଥା
ସବୁକୁ
ବନ୍ଧୁତାର ଅର୍ଥ ଦେବା ପାଇଁ,
ଆଗ୍ରହରେ ଉଜାଗର ରହି !!!


♥ଭୁବନେଶ୍ୱର
ମୋ: ୯୨୩୮୯୯୯୭୫୮


## ତମେ ଆସ


### ଅରୁଣ କୁମାର ତ୍ରିପାଠୀ




ତମେ ଆସ
ଆଉ ଯାଅ...ସେହି ଭିତରେ
ତମେ କେତେବେଳେ ଯେ
ମନ ଚୋରି କରିନିଅ
ତାହାର ଠିକଣା ମୁଁ ଖୋଜି ପାଏନା

ତମ ସାଗର ନୟନ ବେଳାଭୂଇଁରେ
ପହଁରିବାକୁ ସବୁବେଳେ
ମନ ମୋର ଅଳିକରେ
ତୁମ ବାକ୍ୟ ଭରିଦିଏ
ମନରେ ନୂତନ ସମ୍ଭାବନା
ଆଉ ତମ ଫୁଲେଇ ପଣରେ
ଗେଲ କରିବାକୁ ଇଚ୍ଛା ହୁଏ
ତୁମେ ରାଗିଲେ ବି
ଭଲ ଲାଗ

ଅଦରି ନିଏ ତମକୁ କୋଳେଇ

ବାହୁବନ୍ଧନରେ ରଖି ସ୍ୱପ୍ନ ଦେଖିବାକୁ
ମନ କୁହେ
ହେଲେ ତମେ ତ ଅଭିମାନୀ
ଚାଲିଯାଅ ସେହି କ୍ଷଣେ ମୋ କଥା ନମାନି
ତଥାପି ତୁମକୁ ଝୁରେ ପ୍ରତି ନିମିଷେ
ତୁମ ଅଞ୍ଚଳର ପବନବି ତୁମଭଳି ଅଭିମାନୀ
ଯାହାର ପ୍ରତ୍ୟେକ ସ୍ପର୍ଶ ହୃଦୟ ବିଦାରେ
ତୁମ କଥମାନି !


♥ଜୟପୁର
ମୋ : ୯୦୭୮୮୩୮୬୨୭

# ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିଷ୍ଠିତ କରିବା ପାଇଁ ଯୁବବର୍ଗ ଉଦ୍ୟୋଗ କ୍ଷେତ୍ରରେ ନେତୃତ୍ୱ ନେବା ଆବଶ୍ୟକ: ମନ୍ତ୍ରୀ ଶ୍ରୀ ଦେବ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଆଜି ସ୍ଥାନୀୟ ଓ-ହବ୍‌ଠାରେ ଷ୍ଟାର୍ଟଅପ୍ ଓଡ଼ିଶାର ଏକ ବର୍ଷ ପୂର୍ତ୍ତି ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି, ଶିଳ୍ପ ଓ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଶ୍ରୀ ପ୍ରତାପ କେଶରୀ ଦେବ ଉଦ୍ୟୋଗ କ୍ଷେତ୍ରରେ ଓଡ଼ିଶାକୁ ଭାରତ ମାନଚିତ୍ରରେ ପ୍ରତିଷ୍ଠିତ କରିବାକୁ ଯୁବବର୍ଗ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଯୁବବର୍ଗ ତାଙ୍କର ସୃଜନଶୀଳ ପ୍ରତିଭା ଏବଂ ବୁଦ୍ଧିମତ୍ତାକୁ ପ୍ରୟୋଗ କରି ଉଦ୍ୟୋଗୀ ହେବା ଆବଶ୍ୟକ ବୋଲି ସେ କହିଥିଲେ ।

ଏହି ଅବସରରେ ଷ୍ଟାର୍ଟଅପ୍ ଓଡ଼ିଶାର ନିର୍ବାହୀ ଅଧ୍ୟକ୍ଷ ଡ. ଓମ୍‌କାର ରାଏ ରାଜ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱରେ ଆଜି ଷ୍ଟାର୍ଟଅପ୍ ଓଡ଼ିଶା ରାଜ୍ୟରେ ଏକ ପ୍ରମୁଖ ଇନ୍‌କ୍ୟୁବେଟର ପ୍ରତିଷ୍ଠା କରିବା ସହ ଏକ ଉତ୍ତମ ଷ୍ଟାର୍ଟଅପ୍ ପରିମଣ୍ଡଳ ସୃଷ୍ଟି ହୋଇପାରିଥିବା କହିଥିଲେ । ବର୍ତ୍ତମାନ ରାଜ୍ୟରେ ୧୪୫୦ଟି ଷ୍ଟାର୍ଟଅପ୍ ବିଭିନ୍ନ କ୍ଷେତ୍ରରେ ହୋଇପାରିଥିବାବେଳେ ୨୫ଟି ଇନ୍‌କ୍ୟୁବେଟର ପ୍ରତିଷ୍ଠା ହୋଇ ବିଭିନ୍ନ ପ୍ରକାରର ଉତ୍ପାଦ ତିଆରି କରିପାରୁଥିବା ସେ ପ୍ରକାଶ କରିଥିଲେ ।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏମ୍ଏସ୍ଏମ୍ଇ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର କହିଥିଲେ ଯେ ଷ୍ଟାର୍ଟଅପ୍‌ର ବିକାଶ ପାଇଁ ରାଜ୍ୟ ସବୁ ପ୍ରକାର ସାହାଯ୍ୟ ଦେବାକୁ ପ୍ରସ୍ତୁତ । ଆଗକୁ ଏକ ସ୍ୱଚ୍ଛ ନୀତି ପ୍ରଣୟନ କରାଯିବ, ଯାହା ଏହି ଉଦ୍ୟମକୁ ତ୍ୱରିତ ଭାବେ ଷ୍ଟାର୍ଟଅପ୍ ସୁସ୍ଥ ପରିମଣ୍ଡଳ ସୃଷ୍ଟି କରିପାରିବ ବୋଲି କହିଥିଲେ ।

ଏହି ଅବସରରେ ଓ-ହବ୍ ବୁକ୍‌ଲେଟ୍ ଉନ୍ମୋଚନ କରାଯାଇଥିଲା । ଏହି ବୁକ୍‌ଲେଟ୍‌ରେ ବିଭିନ୍ନ କାର୍ଯ୍ୟକ୍ରମ କାହାଣୀ ସହ ଓ-ହବ୍ ଦ୍ୱାରା କରାଯାଇଥିବା କାର୍ଯ୍ୟଗୁଡ଼ିକ ବ୍ୟାଖ୍ୟା କରାଯାଇଛି । ଏଥି ସହିତ ମେଂଟର କନେକଫ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରାଯାଇଥିଲା । ଏହା ଦ୍ୱାରା ବିଶେଷଜ୍ଞମାନଙ୍କ ଦ୍ୱାରା ଉପଯୁକ୍ତ ସହଯୋଗ ମିଳିପାରିବ । ପରେ ଅତିଥିମାନେ ଉପସ୍ଥିତ ଷ୍ଟାର୍ଟଅପ୍, ଉଦ୍ୟୋଗୀ ଏବଂ ଇନ୍‌କ୍ୟୁବେଟରମାନଙ୍କ ସହ ଖୋଲା ଆଲୋଚନା କରିଥିଲେ । ଯୁବ ଉଦ୍ୟୋଗୀମାନଙ୍କୁ ତାଙ୍କର ସୃଜନଶୀଳତାର ପରିପ୍ରକାଶ କରିବା, ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ଏବଂ ନୂତନ ଜ୍ଞାନକୌଶଳ ପ୍ରୟୋଗରେ ନୂଆ ଉପକରଣ ବିକଶିତ କରିବା ଆଦି ଲକ୍ଷ୍ୟ ରଖି ରାଜ୍ୟ ସରକାର ଭୁବନେଶ୍ୱରଠାରେ ଏକ ବିଶ୍ୱସ୍ତରୀୟ ଭିତ୍ତିଭୂମିର ବିକାଶ କରୁଛନ୍ତି । ଗତବର୍ଷ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଓ-ହବ୍‌ର ଶୁଭ ଉଦ୍‌ଘାଟନ କରିଥିଲେ । ଏହା ଷ୍ଟାର୍ଟଅପସ୍ ଓଡ଼ିଶାର ଇନ୍‌କ୍ୟୁବେସନ୍ କେନ୍ଦ୍ର । ୨୦୧୬ ମସିହାଠାରୁ ଆଜି ପର୍ଯ୍ୟନ୍ତ ସର୍ବମୋଟ ୧୪୫୦ଟି ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରାଯାଇଛି । ଏଥି ମଧ୍ୟରୁ ମହିଳାମାନଙ୍କ ଦ୍ୱାରା ୫୯୦ଟି ଷ୍ଟାର୍ଟଅପସ୍ ପରିଚାଳିତ । ରାଜ୍ୟରେ ଗତ ଏକ ବର୍ଷ ମଧ୍ୟରେ ଏହି ଓ-ହବ୍ ଷ୍ଟାର୍ଟଅପସ୍ ପରିମଣ୍ଡଳ ସୃଷ୍ଟି କରିବାରେ ବିଶେଷ ଭୂମିକା ଗ୍ରହଣ କରାଯାଇଛି । ଏହା ନିରନ୍ତର ଭାବେ ଏ କ୍ଷେତ୍ରରେ କାର୍ଯ୍ୟ କରିବା ସହ ଅଧିକରୁ ଅଧିକ ଷ୍ଟାର୍ଟଅପ୍ ଏଥିରେ ସାମିଲ ହେବା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି । ଏକବର୍ଷର ସଫଳତା ସକାଶେ ଏହାକୁ ଆଡମ୍ବର ସକାଶେ ପାଳନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ଏଠାରେ ନିର୍ମିତ ଦୁଇଟି ସୁଦୃଶ୍ୟ ସୁଉଚ୍ଚ ଟାୱାରରେ ଷ୍ଟାର୍ଟଅପ୍ ସକାଶେ ଆବଶ୍ୟକ ସବୁପ୍ରକାର ସୁବିଧା ଉପଲବ୍ଧ କରାଯାଇଛି । ଆଗକୁ ଏଠାରେ ସୁପର ଡିଜିଟାଲ୍ ଫାବ୍ରିକେସନ୍ ଲାବୋରେଟୋରୀ (ଫାବ୍‌ଲ୍ୟାବ୍) ପ୍ରତିଷ୍ଠା ହେବାର ଯୋଜନା ରଖାଯାଇଛି ।

# ସାରସ୍ୱତ ବାଲ ମନ୍ଦିରର ବାର୍ଷିକ ପ୍ରଦର୍ଶନୀ ଉତ୍ସବ

ଜୟପୁର, ୧୮/୧୨ (ନି.ପ୍ର): ସାରସ୍ୱତ ବାଲ ମନ୍ଦିର ବିଦ୍ୟାଳୟ ପ୍ରାଙ୍ଗଣରେ ବାର୍ଷିକ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ନର୍ସରୀ ଠାରୁ ପଂଚମ ଶ୍ରେଣୀ ମଧ୍ୟରେ ଥିବା ଏହି ଅନୁଷ୍ଠାନରେ ପିଲାମାନେ ସର୍ବମୋଟ ୮ ଗୋଟି ବିବିଧ ପ୍ରଦର୍ଶନର ଆୟୋଜନ କରିଥିଲେ । ଚିତ୍ରାଙ୍କନ, ହସ୍ତକର୍ମ, ଖାଦ୍ୟ, ଟେଡି, ଔଷଧୀୟ ବୃକ୍ଷ, ଫୁଲ ଏବଂ ବିଜ୍ଞାନ ପ୍ରଦର୍ଶନୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗ ଦେଇଥିଲେ ବିଦ୍ୟାଳୟର ସଭାପତି ଅନୁପ କୁମାର ସାମନ୍ତରାୟ, ଉପସଭାପତି ନବୀନ ମହାନ୍ତି, ସମ୍ପାଦକ ନିରଞ୍ଜନ ପାଣିଗ୍ରାହି, ସହ ସମ୍ପାଦକ ଚନ୍ଦ୍ରଶେଖର ମହାପାତ୍ର, ଶ୍ରାବଣୀ ସଭାପତି ସୁରେଶ ହୋତା, ଓଡିଶ କ୍ରୀଡା ସଂଗଠନର ଯୁଗ୍ମ ସମ୍ପାଦକ ରବି ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା, ବିଜ୍ଞାନ ଶିକ୍ଷକ ନଳିନୀ ପାତ୍ର, କ୍ରୀଡା ଧୁରିଣ ଶ୍ରୀକାନ୍ତ ଚୌଧୁରୀ, ସଭାପତି ସମ୍ବାଦ ସାହିତ୍ୟଘର ଉଦୟ ଶଙ୍କର ଯାନୀ, କାଉନସିଲାର ୱାର୍ଡ-୧ ଗୋପୀନାଥ ମହାନ୍ତି, କାଉନସିଲର ୱାର୍ଡ-୨ ଅଜିତ ବେହେରା ଉପସ୍ଥିତ ଥିଲେ । କୁନି କୁନି ପିଲାମାନଙ୍କର ଉଚ୍ଚ ପ୍ରଶଂସିତ ନିଖୁଣ ଉପସ୍ଥାପନ ପ୍ରତ୍ୟେକ ପ୍ରଦର୍ଶନୀକୁ ସଫଳ କରାଇବା ସହିତ ମଂଚରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆମୋଦିତ କରିଥିଲା । ମଂଚରେ ଅଭିଭାବକମାନଙ୍କର ଅନୁଭୂତି ଉପସ୍ଥାପନାରେ ବିଦ୍ୟାଳୟର ପିଲାମାନଙ୍କର ଓ ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କର ଭୁରି ଭୁରି ପ୍ରଶଂସା ଶୁଣିବାକୁ ମିଳିଥିଲା । ଅଭିଭାବକ ମାନଙ୍କର ସହଯୋଗରେ ହୋଇଥିବା ଖାଦ୍ୟ ଏବଂ ହସ୍ତକର୍ମ ପ୍ରଦର୍ଶନରେ ପିଲାମାନଙ୍କର ହାତ ତିଆରି ଦ୍ରବ୍ୟକୁ ବିକ୍ରୟ କରାଯାଇଥିଲା । ପିଲାମାନଙ୍କ ପାଖରେ ଅଦରକାରୀ ଦ୍ରବ୍ୟର ସଦୁପଯୋଗ କରିବା ଶିକ୍ଷ୍ୟା ଦେବା ସହ ତାଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ବିକଶିତ କରାଇବାର ଏକ ସଫଳ ଉଦ୍ୟମ କରିଥିଲା ସାରସ୍ୱତ ବାଲ ମନ୍ଦିର । ବିଦ୍ୟାଳୟର ଅଧ୍ୟକ୍ଷା ରିତାଲି ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ମୈତ୍ରୀ ତ୍ରିପାଠୀ ।

# ଓଡ଼ିଶା ନାଗରିକ ସମାଜର ୧୩ତମ ସ୍ୱନକ୍ଷତ୍ର ଦିବସ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଓଡ଼ିଶା ନାଗରିକ ସମାଜର ୧୩ତମ ସ୍ୱନକ୍ଷତ୍ର ଦିବସ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ନାଗରିକ ସମାଜର ସଭାପତି ଇଂ ଲଳିତ ମୋହନ ପଟ୍ଟନାୟକଙ୍କ ପୌରହିତ୍ୟରେ 'ଓଡ଼ିଶା-୨୦୩୬'ଶୀର୍ଷକ ଏକ ଆଲୋଚନାଚକ୍ରରେ ଓଡ଼ିଶାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସାମ୍ବାଦିକ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ଏକ ଖସଡ଼ା ପ୍ରସ୍ତୁତ କରିଥିଲେ । ପରିସଂଖ୍ୟାନ ଅନୁଯାୟୀ ରେଳପଥ, ଆକାଶପଥ, ଜଳ, ଜଙ୍ଗଲ, ଜମି, ଖଣି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପ୍ରତ୍ୟେକ କ୍ଷେତ୍ରରେ ଅନେକ ଉନ୍ନତିକରଣର ଆବଶ୍ୟକତା ରହିଛି ଓ ଏଥିରେ ନାଗରିକ ସମାଜର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଇଂ ପଟ୍ଟନାୟକ ସ୍ପଷ୍ଟ ମତ ରଖିଥିଲେ । ବିଶିଷ୍ଟ ବକ୍ତାମାନଙ୍କ ମଧ୍ୟରେ ବିଧାୟକ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, କଂଗ୍ରେସ ମୁଖପାତ୍ର ଶ୍ରୀ ସୁଦର୍ଶନ ଦାସ, ବିଜେପି ନେତା ଦୀପକ କୁମାର ପୁରୋହିତ ପ୍ରମୁଖ ଯୋଗ ଦେଇ ନିଜ ନିଜର ଆଭିମୁଖ୍ୟକୁ ପ୍ରକାଶ କରିଥିଲେ । ଓଡ଼ିଶା ନାଗରିକ ସମାଜର ଉପଦେଷ୍ଟା ଡଃ ଭଗବାନ ପ୍ରକାଶଙ୍କ ଦ୍ୱାରା ପ୍ରସ୍ତୁତ ଏକ ବହୁସୂତ୍ରୀ ଆଭିମୁଖ୍ୟର ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହିତ କରାଯାଇଥିଲା । ସମସ୍ତଙ୍କୁ ମାଗଣା ଓ ଗୁଣାତ୍ମକ ଶିକ୍ଷା ମିଳିବା ଆମର ମୌଳିକ ଅଧିକାର ଓ ଏହାକୁ କିପରି କାର୍ଯ୍ୟକାରୀ କରାଯାଇ ପାରିବ, ସେ ନେଇ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରାଯିବା ପାଇଁ ପ୍ରସ୍ତାବ ରଖିଥିଲେ ଓଡ଼ିଶା ଅଭିଭାବକ ସଂଘର ଅଧ୍ୟକ୍ଷ ଶ୍ରୀ ବାସୁଦେବ ଭଟ୍ଟ । ଜାତିର ଉନ୍ନତି ପାଇଁ ମାତୃଭାଷାର ସୁରକ୍ଷା ଜରୁରୀ ବୋଲି ବରିଷ୍ଠ ଉପଦେଷ୍ଟା ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି ମତବ୍ୟକ୍ତ କରିଥିଲେ । ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ମାନି ଆଗେଇଲେ ଏକ ସୁନ୍ଦର ସମାଜ ପ୍ରତିଷ୍ଠା ହୋଇପାରିବ ବୋଲି ଅତ୍ୟତମ ଅତିଥି ଗୁରୁମା ଅରୁନ୍ଧତୀ ଦେବୀ ମତପକ୍ରାଶ କରିଥିଲେ । ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁନୀତା ବର୍ମା, ଡଃ ଲିନୁ ଚଇନି, ଗଗନ ବିହାରୀ ପଇତାଳ, ପୂର୍ଣ୍ଣଚନ୍ଦ୍ର ଦାଶ, କୈଳାଶ ଚନ୍ଦ୍ର ବେହେରା, ଅଭିମନ୍ୟୁ ଜେନା, ଅରୁନ୍ଧତୀ ଦେବୀ, କଳ୍ପନା ସାହୁ, ଶିବ ନାରାୟଣ ମିଶ୍ର ଏବଂ କୈଳାଶ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶା ନାଗରିକ ସମାଜର ଉପସଭାପତି ଡଃ ରୀନା ରାଉତରାୟ ମଂଚ ପରିଚାଳନା କରିଥିବା ବେଳେ ରମେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶା ନାଗରିକ ସମାଜର ବରିଷ୍ଠ କର୍ମକର୍ତ୍ତା ବିନୋଦିନୀ ଦେବୀ, ଜ୍ୟୋତ୍ସ୍ନା ମହାନ୍ତି, ସଙ୍ଗୀତା ମାଝୀ, ମଧୁସୂଦନ ଦାସ, ପ୍ରସନ୍ନ ବିଶୋଇ, ଶେଖ ଜିଆଉଦ୍ଦିନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା ।

# ମାଲକାନଗିରି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହାକୁମ୍ଭ ଉଦ୍‌ଯାପିତ

ମାଲକାନଗିରି, ୧୮/୧୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ୪୨ତମ ବାର୍ଷିକ କ୍ରୀଡା ମହୋତ୍ସବ ଆଜି ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ. ରଞ୍ଜନ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର କୁମାର ନାୟକ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ରୂପେ ଏସ୍.ଡି.ସି ମୁଖ୍ୟ ଆଡମାରାବା ଯୋଗଦାନ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ଲିଙ୍ଗରାଜ ମିଶ୍ର ଅଂଶଗ୍ରହଣ କରି ପ୍ରତିଯୋଗିଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଅଧ୍ୟାପିକା ନମିତା ଦଣ୍ଡସେନା ମଂଚ ପରିଚାଳନା କରିଥିଲେ । ଅଧ୍ୟାପିକା ପ୍ରେମରେଖା ଭତ୍ରା ଅତିଥି ପରିଚୟ ପ୍ରଦାନ କରିଥିଲେ । କ୍ରୀଡା ସଂସଦର ସଦସ୍ୟମାନଙ୍କ ମଧ୍ୟରେ କ୍ରୀଡା ଅଧ୍ୟାପକ ଜୀମୂତ ନାୟକ, ଅଧ୍ୟାପକ ସୁଶାନ୍ତ ମାଝୀ, କ୍ରୀଡା ପ୍ରଶିକ୍ଷକ ଅଭିମନ୍ୟୁ ଦଳବେହେରା ଉକ୍ତ ସଭାକୁ ଆଗେଇ ନେଇଥିଲେ । ଏହି କ୍ରୀଡା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଚାମ୍ପିଅନ୍ ପାଇଁ ଉଭୟ ଛାତ୍ର ଓ ଛାତ୍ରୀ ପକ୍ଷରୁ ଦୁଇ ଜଣଙ୍କୁ ଚୟନ କରାଯାଇ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ସଭାରେ ଅଧ୍ୟାପକ ରମେଶ ଚନ୍ଦ୍ର ରାଉତ, ଅଧ୍ୟାପକ ପ୍ରମୀୟ ମହାନ୍ତି, ଅଧ୍ୟାପକ ଗୋକୁଳନନ୍ଦ ପାତ୍ର, ଅଧ୍ୟାପକ ଟୁକୁନା ପ୍ରସାଦ ବଡୁ, ଅଧ୍ୟାପକ ତପନ କୁମାର ବେହେରା, ଅଧ୍ୟାପକ ଗୁପ୍ତେଶ୍ୱର ରାଓ, ଅଧ୍ୟାପିକା ଭାରତୀ ଦିଗାଲ୍, ଅଧ୍ୟାପିକା ଲକ୍ଷ୍ମୀ କୁଜୁର, ଅଧ୍ୟାପିକା ସୀତାଂଶୁ ମାଳିନୀ ପରିଡା, ଅଧ୍ୟାପିକା ଦୀପ୍ତିରେଖା ମିଶ୍ର, ଅଧ୍ୟାପିକା ଗୀତାଞ୍ଜଳି ଖେମୁଡୁ, ରିତୁ ମଣ୍ଡଳ, ଅଧ୍ୟାପକ ଦଶରଥ ସାଣ୍ଡି, ସ୍ନିଗ୍ଧା ସର୍ଦ୍ଦାର ଏବଂ ସମସ୍ତ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

## ହିଞ୍ଜିଳ ଜଗାରେ ହାର୍ଟ ଚେକଅଫ୍ ଶିବିର

ପୁରୀ, ୧୮/୧୨ (ନି.ପ୍ର): ବାଲିସାହି ହିଞ୍ଜିଳ ଜାଗା ପରିସରରେ ଥିବା କଲ୍ୟାଣ ମଣ୍ଡପରେ ୨ ଦିନିଆ ହାର୍ଟ ଚେକଅଫ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଶିବିରକୁ ଉଦ୍‌ଘାଟନ କରିଥିଲେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ । ହାର୍ଟର କିପରି ଯତ୍ନ ନେବ, ଖାଦ୍ୟ, ବ୍ୟାୟାମ ସମ୍ପର୍କରେ ଡ଼ାକ୍ତରମାନେ ପରାମର୍ଶ ଦେଇଥିଲେ । ଏଥିରେ ଜାଗାର ସଭାପତି ଜିତେନ୍ଦ୍ର ମୁଦୁଲି, ସମ୍ପାଦକ କୁଳମଣି ସାହୁ, ଜାଗାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ବରିଷ୍ଠ ଛାତି ରୋଗ ବିଶେଷଜ୍ଞ ଡ଼ାକ୍ତର ଭାରତ ବିଜୟ ପୁରୋହିତ ଓ ତାଙ୍କ ଟିମ୍‌ର ୧୦ଜଣ ସଦସ୍ୟମାନେ ୧୦୦ଜଣ ବ୍ୟକ୍ତିଙ୍କ ହାର୍ଟ ଚେକଅଫ୍ କରିଥିଲେ । ଏହି ଶିବିର ଦୁଇଦିନ ଧରି ଚାଲିବ ।

## ଭଗବତୀ ମନ୍ଦିର ପରିସରରେ ସଫେଇ ଓ ପଲିଥିନ ମୁକ୍ତ ଅଭିଯାନ

ସୁବର୍ଣ୍ଣପୁର, ୧୮/୧୨ (ନି.ପ୍ର): ସ୍ଥାନୀୟ ମା ଭଗବତୀ ମନ୍ଦିର ପରିସରରେ ଆଜି ସ୍ୱଚ୍ଛ ଭାରତ ସଂଗଠନ ସୋନପୁର - ମନମୁଣ୍ଡା ପକ୍ଷରୁ ଏକ ସଫେଇ ଓ ପଲିଥିନ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ସଭାପତି ଲକ୍ଷ୍ମୀ ନାରାୟଣ ମେହେରଙ୍କ ପରାମର୍ଶ କ୍ରମେ ସଂଘ ଉପଦେଷ୍ଟା ଗରିବ ଲୋଇ, ଇନ୍ଦୁମତୀ ପୁରୋହିତଙ୍କ ତତ୍ତ୍ୱାବଧାନରେ ମନୋରଞ୍ଜନ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘ ର ଉଦ୍ୟୋକ୍ତା ସୟଦ ଅଲିମୁଲ ଇସଲାମ, ପ୍ରହଲ୍ଲାଦ ମିଶ୍ର, ରାମଚନ୍ଦ୍ର ଅଗ୍ରୱାଲା, ପ୍ରତାପ ଦାଶ, ଗଣେଶ ମିଶ୍ର, ପ୍ରମୋଦ ମହାରଣା, ଗୋପାଳ ମେହେର, ପ୍ରମୋଦ କୁମାର ସାହୁ, ଡା, ସରୋଜ ପଟେଲ, ତରଣୀ ମେହେର, ଅମର ଭୁତ, ସିମାଂଚଳ ହୋତା, ପ୍ରମୋଦ ମହାରଣା, ଜୟନ୍ତ ବେହେରା, କ୍ରିଷ୍ଣା ମେହେର, ଅମର ଭୁତ, ତରଣୀ ମେହେର, ତ୍ରିଲୋଚନ ତରିଆ ପ୍ରମୁଖ ସ୍ୱଚ୍ଛ ଭାରତର ଅନେକ ସଭ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ଦିର ପରିସରରେ ଅଳିଆ ଆବର୍ଜନା ଓ ପଲିଥିନ ସଫେଇ କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

## ଡିସେମ୍ବର ୨୬ରେ ବିଜେଡି ପାଳନ କରିବ ସ୍ଥାପନା ଦିବସ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଆଗାମୀ ଡିସେମ୍ବର ୨୬ ରେ ବିଜେଡି ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ପାଳନ କରାଯିବ । ଏହି ଅବସରରେ ପୁରୀରେ ଏକ ବିଶାଳ ସମାବେଶ ଦଳ ପକ୍ଷରୁ ଅନୁଷ୍ଠିତ ହେବ । ଦଳର ଉପସଭାପତି ଦେବୀ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୨୬ ତାରିଖ ଦିନ ପୁରୀରେ ୨୫ତମ ପୂର୍ତ୍ତି ଦିବସ ବିଜୁ ଜନତା ଦଳର ପାଳନ ହେବ ହେବ । ସେ କହିଛନ୍ତି ଯେ, ଦଳର ରାଜ୍ୟ, ଜିଲ୍ଲା, ବ୍ଲକ ଓ ସହରାଞ୍ଚଳର କର୍ମକର୍ତ୍ତାମାନେ ଓ ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେବେ । ପୂର୍ବାହ୍ନରେ ଦଳର ସଭାପତି ନବୀନ ପଟ୍ଟନାୟକ କର୍ମୀଙ୍କୁ ସମ୍ବୋଧିତ କରିବେ । ଆଗାମୀ ୧୫ଦିନ ପର୍ଯ୍ୟନ୍ତ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଏହି ସମାରୋହ ପାଳନ କରାଯିବ ।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ-୨୦୨୨ ଅନୁଷ୍ଠିତ

ନୂଆପଡ଼ା, ୧୮/୧୨ (ନି.ପ୍ର): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଖଡ଼ିଆଳ ବ୍ଲକ ଶାଖା ଆନୁକୂଲ୍ୟରେ ପଂଚାୟତ ଉଚ୍ଚବିଦ୍ୟାଳୟ, ଖୁଦପେଜ୍ ଠାରେ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ-୨୦୨୨ ବର୍ଣ୍ଣାଢ୍ୟ ସହକାରେ ପାଳିତ ହୋଇଯାଇଛି । ଖଡ଼ିଆଳ ବ୍ଲକ ଶାଖା ଓଷ୍ଟା ଉପ ସଭାପତି ଛବି ପୋଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରେଣ୍ୟ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବରେ ଯଶୋଦା ଶତପଥୀ, ସରପଞ୍ଚ, ଖୁଦପେଜ୍ ଗ୍ରାମ ପଂଚାୟତ, ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର ନାଥ ଯୋଷୀ, ନୂଆପଡ଼ା ଜିଲ୍ଲା ସମ୍ପାଦକ, ଓଷ୍ଟା, ସମ୍ମାନନୀୟ ଅତିଥି ଭାବରେ ବନବିହାରୀ ମେହେର, ଜିଲ୍ଲା ସଭାପତି, ଓଷ୍ଟା, ଭାନୁମତୀ ମାଝୀ, ସମିତି ସଭ୍ୟା,ଖୁଦପେଜ, ଗ୍ରାମ ପଂଚାୟତ, ଡଃ. ସୁଶାନ୍ତ କୁମାର ବିଶି, ପ୍ରଧାନ ଶିକ୍ଷକ, ରୁଦ୍ର ପଦ୍ମିନୀ ଉଚ୍ଚ ବିଦ୍ୟାଳୟ, ଚିନ୍ଦାଗୁଡା, ପରମେଶ୍ୱର କଠାର, ପ୍ରଧାନ ଶିକ୍ଷକ, ପଂଚାୟତ ଉଚ୍ଚବିଦ୍ୟାଳୟ ଖୁଦପେଜ୍ ପ୍ରମୁଖ ସଦୟ ଯୋଗଦାନ କରିଥିଲେ । ଜୟକିଷାନ୍ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଜୟଦେବ ବେହେରା ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଂଚ ପରିଚାଳନା କରିଥିଲେ । ପଂଚାୟତ ଉଚ୍ଚବିଦ୍ୟାଳୟର ଛାତ୍ରୀ ମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ବ୍ଲକ ସମ୍ପାଦକ ଭରତ ଚନ୍ଦ୍ର ବେହେରା ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ଶିଶୁ ଉତ୍ସବ ଶୁଭ ଉଦ୍ଘାଟନ ହେଲା ପରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ତର୍କ, କଣ୍ଠ ସଂଗୀତ, କବିତା ରଚନା, ଗଳ୍ପ ରଚନା, କବିତା ଆବୃତି,ଏକକ ଅଭିନୟ,ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ୍, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ଉପରୋକ୍ତ ପ୍ରତିଯୋଗିତାରେ ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବହୁ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଛାତ୍ରୀମାନଙ୍କ ନୈପୁଣ୍ୟପୂର୍ଣ୍ଣ ଲୋକ ନୃତ୍ୟର ତାଳେତାଳେ ଦର୍ଶକମାନେ ଝୁମି ଯାଇଥିଲେ । ଏହାପରେ ଉଦଯାପନୀ ସମାରୋହ ତଥା ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ସଫଳ ହୋଇଥିବା ୩୦ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କୃତି ଛାତ୍ର ଛାତ୍ରୀମାନେ ଜିଲ୍ଲା ସ୍ତରୀୟ ଶିଶୁ ଉତ୍ସବରେ ଭାଗ ନେବେ । ଉକ୍ତ ସମାରୋହରେ ସହ ସଂପାଦକ ଚିତ ରଞ୍ଜନ ଦୁବେ, ଦିଲ୍ଲୀପ କୁମାର ନାଏକ, ଦେବାନନ୍ଦ ବେହେରା, ଚତୁର୍ଭୁଜ ସିଂ ଦେଓ, ହିମାଂଶୁ ପୋଡ଼, ପୁରନ୍ଦର ସୁନାନୀ, ଦେବରାଜ ସ୍ୱାଇଁ, ନରୋତ୍ତମ ଭୋଇ, ପୁସ୍ତମ ମୁଣ୍ଡ, ଲଭ ଶତପଥୀ, କୃଷ୍ଣ ଚନ୍ଦ୍ର ମହାନ୍ତି,କମଲ ଲୋଚନ ସଗରିଆ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ବହୁ ଶିକ୍ଷକ ଓ କର୍ମଚାରୀ ଯୋଗଦାନ କରିଥିଲେ । ବରିଷ୍ଠ ଶିକ୍ଷକ ଦେବାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏଆଇଡିଏସଓର ଉଦ୍ୟୋଗରେ ପ୍ରଥମ କୋରାପୁଟ ଜିଲ୍ଲାସ୍ତରୀୟ ଛାତ୍ର ସମ୍ମିଳନୀ ଅନୁଷ୍ଠିତ

ଜୟପୁର, ୧୮/୧୨ (ନି.ପ୍ର): ଏ.ଆଇ.ଡି.ଏସ୍.ଓ. କୋରାପୁଟ ଜିଲ୍ଲା ସ୍ତରୀୟ ଛାତ୍ର ସମ୍ମିଳନୀ ସ୍ଥାନୀୟ ଟାଉନ ହଲ୍ ଠାରେ ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ସାମାଜିକ କର୍ମୀ ସଦାଶିବ ଦାଶଙ୍କ ଦ୍ୱାରା ଶହୀଦ ଲକ୍ଷ୍ମଣ ନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ଦାଶ ତାଙ୍କ ବକ୍ତବ୍ୟରେ ଶିକ୍ଷା, ସଂସ୍କୃତିର ଅବକ୍ଷୟ ଫଳରେ ଛାତ୍ର ସମାଜ ଆଜି ଦିଗହରା ହୋଇ ବିଭିନ୍ନ ନିଶାଦ୍ରବ୍ୟ ସେବନ ତଥା କୁକର୍ମରେ ଲିପ୍ତ ହୋଇ ଯାଉଛନ୍ତି । ତେଣୁ ଏଭଳି ଏକ ଦୁର୍ଦ୍ଦିନରେ ସମାଜକୁ ରକ୍ଷା କରିବାକୁ ହେଲେ ମହାପୁରୁଷମାନଙ୍କ ଜୀବନୀ ଚର୍ଚ୍ଚାର ବ୍ୟାପକତା ହେବା ଦରକାର ବୋଲି ନିଜର ଅଭିଭାଷଣରେ କହିଥିଲେ । କୋରାପୁଟ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜରୁ ଆସିଥିବା ଛାତ୍ରଛାତ୍ରୀ ମାନେ ସଂଗଠନ ପକ୍ଷରୁ ଆଗତ କରାଯାଇଥିବା ମୁଖ୍ୟ ଚିଠା ପ୍ରସ୍ତାବ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ । ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଏ.ଆଇ.ଡି.ଏସ୍.ଓ. ର ରାଜ୍ୟ ପରିଷଦର ସମ୍ପାଦକ କମ୍ରେଡ୍ ସିଦ୍ଧାର୍ଥ ରଥ, ଯୋଗଦେଇ ଏ.ଆଇ.ଡି.ଏସ୍.ଓ. ସାରା ରାଜ୍ୟରେ ଶିକ୍ଷାଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦ ବିରୁଦ୍ଧରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ । ରାଜ୍ୟ ଉପସଭାପତି କମ୍ରେଡ୍ ଭାଗ୍ୟରବି ଦାଶ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ଗଢ଼ି ତୋଳିବା ପାଇଁ କୋରାପୁଟ ଜିଲ୍ଲାରେ ଏକ ୩୩ ଜଣିଆ ଜିଲ୍ଲା କମିଟି ଗଠନ ପାଇଁ ରଖିଥିବା ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା ।

## ପତ୍ନୀକୁ ହତ୍ୟା ଅଭିଯୋଗ: ସ୍ୱାମୀକୁ ପୋଲିସ ଜିମାଦେଲେ ଗ୍ରାମବାସୀ

ଗଞ୍ଜାମ, ୧୮/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ଜୁରାଗାଁ ବଡ଼ସାହିରେ ଘଟିଛି ହତ୍ୟାକାଣ୍ଡ । ପତ୍ନୀକୁ ହତ୍ୟା କରି ଘରପଛ ପାର୍ଶ୍ୱ ବିଲରେ ଫୋପାଡ଼ିଛି ମଦ୍ୟପ ସ୍ୱାମୀ । ଘଟଣାରେ ଅଭିଯୁକ୍ତ ସ୍ୱାମୀକୁ ଅଟକ ରଖି ପୋଲିସ ଜିମା ଦେଇଛନ୍ତି ଗ୍ରାମବାସୀ । ପାଟପୁର ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଛି ।

# ସଜେଇ ହେଉଛି ରାଉରକେଲା : ଗ୍ରିଲ, ପାଇପ କାଟି ନେଉଛନ୍ତି ଲୁହାଚୋର, ସୁରକ୍ଷା ଦେବାରେ ପୁଲିସ ବିଫଳ

ରାଉରକେଲା, ୧୮/୧୨ (ନି.ପ୍ର): ରାଉରକେଲା ସହରରେ ବିଶ୍ୱ ହକି ଲାଗି ଦିନରାତି କାମ ଚାଲିବା ସହ ସହରକୁ ସଜେଇବାରେ ପ୍ରଶାସନ ଲାଗି ପଡିଥିବା ବେଳେ ବିଭିନ୍ନ ଯାଗାରେ ଲାଗିଥିବା ପାଇପ ଓ ଗ୍ରିଲକୁ କାଟିନେଉଛନ୍ତି ଲୁହା ଚୋର । ନାନା ଦିଗରୁ ସୁରକ୍ଷା ଦେବାକୁ କହୁଥିବା ପୁଲିସ ବିଭାଗ ମଧ୍ୟ ଏ ଦିଗରେ ଦୃଷ୍ଟି ଦେବାରେ ଫେଲ ମାରିଥିବା ଦେଖାଯାଇଛି । ବିଶ୍ୱ ହକି ପୂର୍ବରୁ ରାଉରକେଲାର ଡିଏଭି ପୋଖରୀକୁ ସଜାଯିବା ସହ ସେଠାରେ ନଉକା ଚାଳନା, ପାଣିର ସିଂଚନ ଓ ଲାଇଟର ସୁନ୍ଦର ବ୍ୟବସ୍ଥା କରାଯାଇଛି । ଲୋକେ ସେଠାରେ ଏବେ ଠାରୁ ପହଁଚି ଦୃଶ୍ୟକୁ ଉପଭୋଗ କରିବା ସହ ସେଲଫି ନେଉଥିବା ଦେଖାଯାଉଛି । ସହର ବାସୀ ସେ ଯାଗାରେ ଏବେ ଠାରୁ ସକାଳ ସନ୍ଧ୍ୟା ଭିଡ ଜମାଉଛନ୍ତି । ହେଲେ ପୋଖରୀ ଚାଲିପଟେ ବୁଲିଥିବା ଗାର୍ଡ ପାଚେରୀରେ ଲାଗିଥିବା ଲୁହା ପାଇପ ଗୁଡିକୁ ଇତି ମଧ୍ୟରେ ଲୁହା ଚୋର ମାନେ କାଟି ନେଇଥିବା ଦେଖାଯାଇଛି । ରିଂ ରୋଡରୁ ପୋଖରୀ କଡରେ ବାସନ୍ତୀ କଲୋନୀ ଯିବା ରାସ୍ତାରେ ଥିବା ପାଚେରୀରେ ପ୍ରାୟ ୨୫ଟି ପାଇପ କାଟି ନିଆଯାଇଥିବା ଦେଖାଯାଇଥିଲା । ପରେ ଏହାକୁ ଦେଖିବା ପରେ ପୁର୍ନବାର ସେହିପାଇପ ଗୁଡିକୁ ଲଗାଯାଇଛି । ସେହିଭଳି ସହର ସାରା ଛେଣ୍ଡ କଲୋନୀର ରାସ୍ତା ଦୁଇପାଖ ମଝିରେ ଥିବା ଗଛକୁ ସୁରକ୍ଷା ଦେବା ଲାଗି ଗ୍ରିଲ ମାନ ଲଗାଯାଇ ରଙ୍ଗ ଦିଆଚାଲିଛି । ବିମାନ ବନ୍ଦର ପାଖରେ ମଧ୍ୟ ଗ୍ରିଲ ଲଗା ଚାଲିଛି । ହେଲେ ବିମାନ ବନ୍ଦର ପାଖରେ ନିୟମିତ ଗ୍ରିଲ ଲଗା ଚାଲିଛି ଓ କାଟିକି ଚୋରୀ ମଧ୍ୟ ଚାଲିଛି । ରାଉରକେଲା ସଜେଇ ହେବା ସମୟରେ ସାଧାରଣରେ ଏକ ଆଲୋଚନା ଚାଲିଥିଲା ଯେ, ଏତେ ସିନା ସଜା ଚାଲିଛି, ହେଲେ ହକି ସରିବା ପରେ ଲଗାଯାଇଥିବା ଗ୍ରିଲ ଗୁଡିକ କଂଟା ବେପାରୀଙ୍କ ଲାଗି ବେଶ ଲାଭଦାୟକ ହେବ । ଠିକ ସେଇଆ ହେଲା ଖେଳ ଆରମ୍ଭ ନହେବା ଆଗରୁ ସେ ସବୁ ଚୋରୀ ହେବା ଆରମ୍ଭ ହେଲାଣି ।ରାଉରକେଲାରେ ହକି ସମୟରେ ସୁରକ୍ଷାକୁ ଅଧିକ କଡାକଡି କରାଜିବ ବୋଲି ପୁଲିସ ବିଭାଗ ପକ୍ଷରୁ କୁହାଯାଉଛି, ନାନା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି, ହେଲେ ରାସ୍ତା କଡରେ ଥିବା ପାଇପ ଗ୍ରିଲକୁ ଯଦି ସୁରକ୍ଷା ଦିଆଯାଇପାରୁନି ସେତେବେଳେ କିପ୍ରକାର ସୁରକ୍ଷା ଦିଆଜିବ ସେ ନେଇ ଉଠିଲାଣି ପ୍ରଶ୍ନ । ସହରରେ ପାଟ୍ରୋଲିଂ ଅଭାବ ଯୋଗୁ ଏସବୁ ଅପରାଧ ବଢୁଥିବା ନେଇ ଅନେକ ସମୟରେ ଅଭିଯୋଗ ହେଉଛି, ହେଲେ ବ୍ୟବସ୍ଥା ଏହାକୁ କର୍ଣ୍ଣପାତ କଲା ଭଳି ମନେ ହେଉନାହିଁ । ଅତିତରେ ପୂର୍ବତନ ଡିଆଜି ଗୋପାଳ ନନ୍ଦଙ୍କ ସମୟରେ କଂଟା କାରବାର ସହରରେ ସଂପୂର୍ଣ୍ଣ ବନ୍ଦ ହୋଇଜିବା ଓ ଗୋଟାଏ ଛୁଟିଂ ଯଦି କେଉଁଠି ଦେଖିବାକୁ ମିଳେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି ତାଙ୍କର ଯେଉଁ କଡା ଆଭିମୁଖ୍ୟ ଥିଲା ତାହା ଆଜିବି ଜାଣିବା ଶୁଣିବା ମହଲରେ ଆଲୋଚନା ହୁଏ । ହେଲେ ତାପରେ ଯେଉଁ ବାବୁ ମାନେ ଆସିଲେ ସେହି ପରଂପରାକୁ ରଖିପାରିଲେନି, ଦିନକୁ ଦିନ ଏହି କଂଟା କାରବାର ତାର କରିସ୍ମା ମୁଖ୍ୟ ରାସ୍ତା ଓ ବିମାନ କ୍ଷେତ୍ରରେ ଦେଖାଇ ଦେଲା । ଦେଖାଯାଉ ଖେଳ ଆରମ୍ଭ ଓ ସରିବା ଭିତରେ ଆଉ କେତେ ଗ୍ରିଲ କଟାଯାଉଛି ଓ ଏସବୁକୁ ସହରରେ ସୁରକ୍ଷା ଦିଆଯାଇ ପାରୁଛି କି ନାହିଁ ତାହା ସମୟ କହିବ ।

## କବାଟ ତାଡ଼ି ଦୋକାନରୁ, ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ଲୁଟ୍

ବସ୍ତା, ୧୯/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା, ସିଂଲା ଥାନା ଅନ୍ତର୍ଗତ ଦନେଇପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏକ ଗ୍ରୋସରୀ ଦୋକାନ ର କବାଟ ତାଡ଼ି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଆସବାବପତ୍ର ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏନେଇ ଗ୍ରୋସରୀ ଦୋକାନର ମାଲିକ ପ୍ରଦୀପ ରାଜ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ସବୁଦିନ ଭଳି ଗତକାଲି ରାତି ରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ, ଆଜି ସକାଳେ ତାଙ୍କ ଦୋକାନ ପାଖକୁ ଲାଗି ରହିଥିବା ଏକ ଚା ଦୋକାନୀ ଆସି ଦୋକାନ ଖୋଲିବା ବେଳେ, ଗ୍ରୋସରୀ ଦୋକାନର କବାଟ ଭଙ୍ଗା ଯାଇଥିବା ଦେଖି ସଙ୍ଗେ ସଙ୍ଗେ ଦୋକାନ ମାଲିକଙ୍କୁ ଖବର ଦେଇଥିଲେ । ଦୋକାନରେ ଥିବା ଏକ ଫ୍ରିଜ୍, କମ୍ପ୍ୟୁଟର ପାଲି, ଇନଭେଟର ସହିତ ବିଦ୍ୟୁତ୍ ସାମଗ୍ରୀ ସହିତ ବହୁ ଗ୍ରୋସରି ସାମଗ୍ରୀ ଲୁଟି ନେଇଥିବା ନେଇ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପ୍ରଦୀପ। ଅଭିଯୋଗ କୁ ଭିତ୍ତି କରି ସିଂଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ, ପୋଲିସ ପେଟ୍ରୋଲିଂକୁ ଅଧିକ କଡ଼ା କଡି କରିବାକୁ ସାଧାରଣରେ ଦାବି ହେଉଛି।

## ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

ବସ୍ତା, ୧୯/୧୨ (ନି.ପ୍ର): ବସ୍ତାବ୍ଲକ ସିଂଲା ଥାନା ତାଡ଼ଦା ଗ୍ରାମରେ ଅଘଟଣ। ବିଦ୍ୟୁତ୍ ଟ୍ରାନସଫର୍ମରକୁ ଉଠି ବିଦ୍ୟୁତ୍ ସଂଯୋଗ କରୁଥିବା ବେଳେ, ୧୧ କେଭି ବିଦ୍ୟୁତ୍ ତାର ସଂପର୍କରେ ଆସି ଟ୍ରାନ୍ସଫର୍ମର ଉପରେ ଝୁଲନ୍ତା ଅବସ୍ଥାରେ ଯୁବକର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର, ସୂର୍ଯ୍ୟକାନ୍ତ ବିଶ୍ୱାଳ। ତେବେ ସେ କାହିଁକି ଟ୍ରାନସଫର୍ମରକୁ ଉଠିଥିଲେ, ତାଙ୍କୁ କିଏ ଉଠିବାକୁ କହିଥିଲେ ତାହାକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ । ସିଂଲା ପୋଲିସ ଖବର ପାଇ, ବିଦ୍ୟୁତ୍ ବିଭାଗ ସହାୟତରେ ମୃତ ଶରୀରକୁ ତଳକୁ ଉହ୍ଲାଇବା ସହିତ ୩୮/୨୨ ଅପମୃତ୍ ମାମଲା ରୁଜୁ କରି, ଅଧିକ ତଦନ୍ତ ଜାରି ରଖିଛି। ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ, ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଜଳେଶ୍ୱର, ୧୯/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟଚାଁରାମଚନ୍ଦ୍ରପୁର ଗାଁର ଜଗବନ୍ଧୁ ଜେନାଙ୍କ ସହଧର୍ମିଣୀ ରେବତୀ ରାଣୀ ଜେନା (୬୨)ଙ୍କର ଶନିବାର ରାତି ୩ଟାରେ ପରଲୋକ ଘଟିଛି। ସେ ମଧ୍ୟରାତିରେ ଅଠାତ୍ ଅସୁସ୍ଥ ହେବା ପରେ ତାଙ୍କୁ ନିଜ ବାସଗୃହରେ ଚିକିତ୍ସାର ବ୍ୟବସ୍ଥା କରାଯାଇଥିଲା । ସବୁ ପ୍ରଚେଷ୍ଟା ସତ୍ତ୍ୱେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ସମୟରେ ଝିଅ କନକଲତା, ପୁଷ୍ପଲତା, ପରିବାର ବର୍ଗ ଓ କେତେକ ବଂଧୁବାନ୍ଧ ଉପସ୍ଥିତ ଥିବା ବେଳେ ପୁଅ ଦୋଳଗୋବିନ୍ଦ ସୁଦୂର ସିକନ୍ଦରାବାଦରେ ଥିବାରୁ ପହଞ୍ଚି ପାରିନଥିଲେ । ସେ ଜଣେ ପରପୋକାରୀ, ମିଷ୍ଟଭାଷୀ, ଧର୍ମପରାୟଣା, ଦରଦୀ, ମେଳାପି ମହିଳା ଥିଲେ । ତାଙ୍କୁ ସୁବର୍ଣ୍ଣରେଖା ନଦୀକୂଳ ଶ୍ମଶାନରେ ପୁତୁରା ଚନ୍ଦ୍ରକାନ୍ତ ମୁଖାଗ୍ନି ଦେଇଥିଲେ । ମୃତ ରେବତୀ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନାଙ୍କ ଭାଉଜ ଅଟନ୍ତି ।

# ବାରିପଦା ବ୍ଲକ ସ୍ତରୀୟ ଶିଶୁ ମେଳା ଓ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ



ବାରିପଦା, ୧୯/୧୨ (ନି.ପ୍ର): ବାରୁଣୀ ରୋଡ ସ୍ଥିତ ବିଦ୍ୟାବିହାର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୁଲ୍ୟରେ ବାରିପଦା ବ୍ଲକ ଓ ମ୍ୟୁନିସିପାଲିଟି ସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମକୁ ଓଷ୍ଟାର ଜିଲ୍ଲା ସଭାପତି ସନ୍ତୋଷ କୁମାର କାସ୍ତ ଉଦଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ସଂପାଦକ ଚିତରଂଜନ ପଳତା, ଶାମାଖୁଂଟା ବ୍ଲକ୍ ସମ୍ପାଦକ ଦୟାନିଧି ମହାନ୍ତ, ଅଧାପକ ପରମେଶ୍ୱର ଦେ ଏବଂ ବିଦ୍ୟାଳୟର ସଭାପତି ବିଜୟ କୁମାର ରାୟ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ପାଠ୍ୟ ପୁସ୍ତକରେ ସୀମିତ ନରହି ଛାତ୍ରଛାତ୍ରୀ ମାନେ କଳାତ୍ମକ ଦିଗ ଏବଂ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ପାଇଁ ଆହ୍ୱାନ ଜଣାଇ ଥିଲେ । ବ୍ଲକ ସଂପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ, ବ୍ଲକ୍ ଉପସଭାପତି ସୁରଥ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଶିଶୁ ମେଳାରେ ବ୍ଲକ୍‌ର ୧୨ ଟି ଉଚ୍ଚ ବିଦ୍ୟାଳୟରୁ ଶତାଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟରେ ଆଗାମୀ ତିନି ବର୍ଷ ପାଇଁ ସଂଗଠନର କର୍ମକର୍ତା ଚୟନ ହୋଇଥିଲା । ସଭାପତି ଭାବରେ ଲକ୍ଷ୍ମୀଧର ବସା, ଉପ ସଭାପତି ସୁକାନ୍ତ କୁମାର ବେହେରା ଓ ଅନୁପମା ବେହେରା, ସଂପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତ, ଯୁଗ୍ମ ସଂପାଦକ ଅଜିତ କୁମାର ମହାନ୍ତି ଓ ସୁରଥ କୁମାର ମଲ୍ଲିକ, ରାଜ୍ୟ ପାରିଷଦ ଭାବେ ଜ୍ୟୋତିରଂଜନ ବାରିକ, ଜିଲ୍ଲା ପରିଷଦ ସଭ୍ୟ ଭାବରେ ସତ୍ୟବ୍ରତ ସିଂହ, ରବୀନ୍ଦ୍ର କୁମାର ମହାନ୍ତ, ପ୍ରଦୀପ କୁମାର ଆଚାର୍ଯ୍ୟ ଓ ପ୍ରଭାତ କୁମାର ସାହୁ ସର୍ବସମ୍ମତ ଭାବରେ ଦାୟୀତ୍ୱ ଗ୍ରହଣ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରଥ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳେଶ୍ୱରରେ ନିଯୁକ୍ତି ମେଳା : ୪୮୮ ପଂଜିକରଣ, ତାଲିମ ଲାଗି ଚୟନ ହେଲେ ୬୭

ଜଳେଶ୍ୱର, ୧୯/୧୨ (ନି.ପ୍ର): ପୂର୍ବ ସୂଚନା ଅନୁଯାୟୀ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଭିନ୍ନ ସ୍ଥାନରୁ ୪୮୮ ଜଣ ଯୁବକ ଯୁବତୀ ନାମ ପଂଜିକରଣ କରିଥିବା ବେଳେ ୧୪ଟି କମ୍ପାନୀ ଦ୍ୱାରା ୬୭ ଜଣ ନିଯୁକ୍ତି ପାଇବାଲାଗି ତାଲିମ ପାଇଁ ଚୟନ ହୋଇଛନ୍ତି । ଜିଲା ଓ ଜିଲା ବାହାରର ୧୪ଟି ସଂସ୍ଥାର କର୍ମକର୍ତ୍ତା ଉପସ୍ଥିତ ରହି ଚୟନ ପରେ ସେମାନଙ୍କୁ ତାଲିମ ଲାଗି ବିଭିନ୍ନ ସ୍ଥାନକୁ ପଠାଯିବାର ସୂଚନା ଦେଇଛନ୍ତି । ବିଶ୍ୱାସ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏ ସମସ୍ତ କାର୍ଯ୍ୟ ଆୟୋଜନ କରାଯାଇଥିବା ବେଳେ ଏଥିରେ ଜଲେଜ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ଦେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ସାମ୍ପ୍ରତିକ ସ୍ଥିତିରେ ରୋଜଗାର ମିଳିବା କଷ୍ଟକର ହୋଇଥିଲେ ମଧ୍ୟ ଦୃଢ ମାନସିକତା ଓ ପ୍ରଚେଷ୍ଟା ଜାରି ରହିଲେ ତାହା ସମ୍ଭବ ହୁଏ ବୋଲି କହିଥିଲେ । ଜଳେଶ୍ୱର ବ୍ଲକ ଆଇପିଓ ଅକ୍ଷୟ ଚରଣ ଦାସ, ବିଶ୍ୱାସର ସଂପାଦକ ସଂଗ୍ରାମ କେଶରୀ ପରିଡା, ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଓ ଖଗେନ୍ଦ୍ର ନାୟକ ଯୋଗ ଦେଇ ଚୟନ ହୋଇଥିବା ଯୁବକମାନେ ନିଷ୍ଠାପରଭାବେ କାର୍ଯ୍ୟ କଲେ ସେମାନେ ଚାକିରୀ କ୍ଷେତ୍ରରେ ଅଗ୍ରଗତି କରିପାରିବେ ବୋଲି କହିଥିଲେ ।

## ଅତିରିକ୍ତ ସହାୟକ ଦେବୋତ୍ତର କମିଶନରଙ୍କ ନୀଳଗିରି ରଘୁନାଥ ଜୀଉ ମଠ ପରିଦର୍ଶନ

ନୀଳଗିରି, ୧୯/୧୨ (ନି.ପ୍ର): ଓଡ଼ିଶାର ଦେବୋତର ବିଭାଗ କଟକ ଶାଖାର ଅତିରିକ୍ତ ସହାୟକ ଦୋବତର କମିଶନର ସଂଜୟ ଶୁଭ୍ରଜିତ ଆଚାର୍ଯ୍ୟ ନୀଳଗିରିକୁ ପରିଦର୍ଶନରେ ଆସି ଜଗନ୍ନାଥ ମନ୍ଦିର ସନ୍ନିକଟ ରଘୁନାଥ ଜୀଉ ମଠ ପରିଦର୍ଶନ କରିଥିଲେ । ମଠର ଆୟ ବ୍ୟୟର ହିସାବ, ବିବାହ ରେଜିଷ୍ଟାର, କ୍ୟାସବୁକ୍, ଓ ରସିଦ୍ ତଦାରଖ କରିଥିଲେ । ମଠରେ ସ୍ଥାୟୀ ନିର୍ବାହୀ ଅଧିକାରୀ ନ ଥିବାରୁ ଖୁବ୍ ଶୀଘ୍ର ନିଯୁକ୍ତି କରାଯିବାକୁ ପ୍ରତିଶୃତି ଦେଇଥିଲେ । ମଠ ଅଧିନରେ ଥିବା ୭ଏକର ସଂପତିକୁ ଖୁବଶୀଘ୍ର ପୁନରୁଦ୍ଧାର କରାଯିବାକୁ ପରାମର୍ଶ ଦେଇଥିଲେ । ତାଙ୍କ ସହ ଦେବୋତର ନିରୀକ୍ଷକ ଦେବବ୍ରତ ବିଶ୍ୱାଳ, ମଠର ସଦସ୍ୟ ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ, ରାଜପରିବାରର ସଦସ୍ୟ ହରପ୍ରସାଦ ମର୍ଦ୍ଦରାଜ, ସଦସ୍ୟ ରାମଚନ୍ଦ୍ର ମହଲ, କମଳଲୋଚନ ମିଶ୍ର, ମହେନ୍ଦ୍ରନାଥ ବେହେରା, କ୍ଷୀରୋଦ କୁମାର ଦାସ, ମଠର ପୁରୋହିତ ରବିନାରାୟଣ ଆଚାର୍ଯ୍ୟ, ପୂଜକ ଚିନ୍ମୟ ଷଡ଼ଙ୍ଗୀ, ସମାଜସେବୀ ଦାଶରଥି ରାଉତ, ସେବାୟତ ଶ୍ରୀକାନ୍ତ ବିଶ୍ୱାଳ, ପ୍ରସାଦ ପରିଚାଳକ ପ୍ରୁଫୁଲ୍ଲ କୁମାର ପରିଚ୍ଛା ଉପସ୍ଥିତ ଥିଲେ । ମଠ ସାମ୍ନରେ ଥିବା ନୂତନ ମାର୍କେଟ କମ୍ପ୍ଲେକ୍ସକୁ କମିଶନର ବୁଲି ଦେଖିବା ସହ ମଠର ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଥିଲେ ।

## ହୀରାପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ ପାଳିତ



ବସ୍ତା, ୧୯/୧୨ (ନି.ପ୍ର): ପୁରାତନ ଛାତ୍ରଛାତ୍ରୀ ବିଦ୍ୟାଳୟର ସମ୍ପତ୍ତି । ତେଣୁ ପୁରାତନ ଛାତ୍ରଛାତ୍ରୀ ମାନେ ସହଯୋଗ ମନୋଭାବ ନେଇ ଛାତ୍ର ସଂସଦର ସଦସ୍ୟଭାବେ ସାମିଲ ହେବା ପାଇଁ ବାଘାଯତୀନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାଧବାନନ୍ଦ ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ବସ୍ତା ବ୍ଲକ ଅଧୀନ ରୂପସାସ୍ଥିତ ହୀରାପୁର ସରକାରୀ ହାଇସ୍କୁଲ ପରିସରରେ ହୀରାପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ତୃତୀୟ ପ୍ରତିଷ୍ଠା ଦିବସ ପାଳନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଛାତ୍ରସଂସଦର ସଭାପତି ଗୋପାଳ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ସାରସ୍ୱତ ମହାବିଦ୍ୟାଳୟର ଅଧାପକ ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଅସିତ କୁମାର ଜେନା, ପ୍ରଧାନଶିକ୍ଷକ ସୁବଳ କୁମାର ବେହେରା, ମହାପାତ୍ର ହାଇସ୍କୁଲ ପୁରାତନ ଛାତ୍ରସଂସଦର ସମ୍ପାଦକ ସୁଧାକର ଗିରି ଓ ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦେବ ପ୍ରମୁଖ ଯୋଗଦେଇଥିଲେ । ସହସମ୍ପାଦିକା ମମତା ସ୍ୱାଇଁ ଛାତ୍ର ସଂସଦର ବିବରଣୀ ପାଠ କରିଥିଲେ। ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ। ଉମେଶ କୁମାର ପାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ, ସସ୍ମିତା ପାଲ, ଯାଜ୍ଞସେନି ରାଉତ, ସସ୍ମିତା ମହାନ୍ତି ଓ ବୀଣାପାଣି ପାଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟୁଜିକ ଚେଆରର କୃତିପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ ।

# ୨୦୧୪ ପରଠାରୁ ଉତ୍ତର ପୂର୍ବାଞ୍ଚଳରେ ଶାନ୍ତିର ଯୁଗ ଆରମ୍ଭ ହୋଇଛି



ନୂଆଦିଲ୍ଲୀ, ୧୯/୧୨ : କେନ୍ଦ୍ର ମନ୍ତ୍ରୀ ଶ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି ଯେ, ଭାରତ ସରକାର ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି । ସରକାରଙ୍କ ଆତଙ୍କବାଦ ମୁକାବିଲା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଠାକୁର ନିଜ ବାସଭବନରେ ଗଣମାଧମକୁ ବିସ୍ତୃତ ସୂଚନା ଦେଇଥିଲେ । ସେ କହିଥିଲେ ଯେ, ସରକାର ଗୋଟିଏ ପଟେ ବେଆଇନ କାର୍ଯ୍ୟକଳାପ ନିଷେଧ ଆଇନ (ୟୁଏପିଏ)କୁ ସୁଦୃଢ଼ କରିବା ଲାଗି ଆଇନଗତ ଦିଗରେ କାର୍ଯ୍ୟ କରିଛନ୍ତି । ଅନ୍ୟପଟେ ଜାତୀୟ ଯାଞ୍ଚ ଏଜେନ୍ସି (ସଂଶୋଧନ) ଆଇନ ପ୍ରଚଳନ କରିବା ଜରିଆରେ ଜାତୀୟ ଯାଞ୍ଚ ଏଜେନ୍ସି (ଏନଆଇଏ)କୁ ଏକ ବାସ୍ତବ ସଂଘୀୟ ଢାଞ୍ଚା ପ୍ରଦାନ କରିଛନ୍ତି । ଏସବୁ ସାମୂହିକ ପ୍ରୟାସ ଆତଙ୍କବାଦର ଇକୋସିଷ୍ଟମକୁ ଦୁର୍ବଳ କରୁଛି । କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଅନ୍ତର୍ଜାତୀୟ ମଞ୍ଚରେ ଭାରତ ସବୁବେଳେ ଆତଙ୍କବାଦ ବିରୋଧରେ ନିଜର ଚିନ୍ତା ବ୍ୟକ୍ତ କରି ଆସିଛି । ଅନ୍ତର୍ଜାତୀୟ ସମ୍ମିଳନୀ ଓ ବୈଠକରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆତଙ୍କବାଦ ବିରୋଧରେ ବିଶ୍ୱକୁ ଏକଜୁଟ ହେବା ପାଇଁ ଆହ୍ୱାନ କରି ଆସିଛନ୍ତି । ନିକଟରେ ଭାରତରେ ଇଣ୍ଟରପୋଲର ୯୦ତମ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ବିଶ୍ୱରୁ ୨୦୦୦ରୁ ଅଧିକ ବିଦେଶୀ ଅତିଥି ଯୋଗ ଦେଇଥିଲେ। ଏହି ଅବସରରେ 'ଆତଙ୍କବାଦ ବିରୋଧରେ ବିଶ୍ୱସ୍ତରୀୟ କାର୍ଯ୍ୟାନୁଷ୍ଠାନ' ପାଇଁ ଘୋଷଣା କରାଯାଇଥିଲା ବୋଲି ଶ୍ରୀ ଠାକୁର କହିଥିଲେ । ସେ ଆହୁରି କହିଥିଲେ ଯେ, ସର୍ଜିକାଲ ଷ୍ଟ୍ରାଇକ୍ ଠାରୁ ଆରମ୍ଭ କରି ବାଲାକୋଟ୍ ଏୟାରଷ୍ଟ୍ରାଇକ୍ ପର୍ଯ୍ୟନ୍ତ ଆତଙ୍କବାଦ ବିରୋଧରେ ସରକାରଙ୍କ ଦୃଢ଼ ସଂକଳ୍ପ ବାରମ୍ବାର ପ୍ରକାଶିତ ହୋଇଛି । ସେନାବାହିନୀର କାର୍ଯ୍ୟାନୁଷ୍ଠାନ ଯୋଗୁ ଜମ୍ମୁ ଓ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ୧୬୮% ହ୍ରାସ ପାଇଛି । ଅନୁରୂପ ଭାବେ ଆତଙ୍କବାଦକୁ ପାଣ୍ଠି ଯୋଗାଣ ମାମଲାରେ ୯୪% ଦଣ୍ଡବିଧାନ ହୋଇଛି ବୋଲି ଶ୍ରୀ ଠାକୁର କହିଥିଲେ । ଉତ୍ତରପୂର୍ବାଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଲାଗି ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଠାକୁର କହିଥିଲେ ଯେ ୨୦୧୪ ପରଠାରୁ ଉତ୍ତର ପୂର୍ବ ଭାରତରେ ଶାନ୍ତିର ସୂର୍ଯ୍ୟୋଦୟ ହୋଇଛି । ଏହି କ୍ଷେତ୍ରରେ ହିଂସାତ୍ମକ ଘଟଣାରେ ୮୦% ହ୍ରାସ ଦେଖିବାକୁ ମିଳିଛି ଏବଂ ନାଗରିକଙ୍କ ମୃତ୍ୟୁ ସଂଖ୍ୟା ୮୯ ପ୍ରତିଶତ ହ୍ରାସ ପାଇଛି । ଏଥିସହିତ ୨୦୧୪ ପରଠାରୁ ଏବେ ସୁଦ୍ଧା ୬ ହଜାରରୁ ଅଧିକ ଆତଙ୍କବାଦୀ ଆତ୍ମସମର୍ପଣ କରି ସାରିଛନ୍ତି । ବାମପନ୍ଥୀ ଉଗ୍ରବାଦ ବିରୋଧରେ ସରକାରଙ୍କ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ କାରଣରୁ ଦେଶରେ ହିଂସା ଘଟଣାରେ ୨୬୫ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି । ସରକାର କେବଳ ସଶସ୍ତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି, ବରଂ ଏହା ଠାରୁ ଊର୍ଦ୍ଧ୍ୱକୁ ଯାଇ ଦୀର୍ଘସ୍ଥାୟୀ କ୍ଷେତ୍ରୀୟ ଶାନ୍ତି ପ୍ରତିଷ୍ଠା ଲାଗି କାର୍ଯ୍ୟ କରିଛନ୍ତି । ସରକାରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ଶାନ୍ତି ରାଜିନାମା ଏହାର ଏକ ଉଦାହରଣ ବୋଲି ଶ୍ରୀ ଠାକୁର କହିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କୋଭିଡ ପରେ ବଢୁଛି ଜଟିଳ....

ଦେଖାଯାଉଛି ବୋଲି କହିଛନ୍ତି ଦିଲ୍ଲୀ ଏମ୍ସର ହୃଦରୋଗ ବିଶେଷଜ୍ଞ ଡାକ୍ତର ରାକେଶ ଯାଦବ । କୋଭିଡରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କର ପରବର୍ତ୍ତୀ ସମୟରେ ଫୁସଫୁସ ଓ ହୃତ୍ପିଣ୍ଡରେ ସମସ୍ୟା ଦେଖାଯାଉଛି । କିଛି ଆକ୍ରାନ୍ତଙ୍କ କ୍ଷେତ୍ରରେ ଫୁସଫୁସ ଓ ହୃତପିଣ୍ଡରେ ରକ୍ତ ଜମାଟ ବାନ୍ଧୁଛି ବୋଲି କହିଛନ୍ତି ବରିଷ୍ଠ ଡାକ୍ତର । ଫୁସଫୁସ ପ୍ରଭାବିତ ହେଲେ ଏହାର ପ୍ରଭାବ ହୃତପିଣ୍ଡ ଉପରେ ମଧ ପଡିଥାଏ ବୋଲି କହିଛନ୍ତି ହୃଦରୋଗ ବିଶେଷଜ୍ଞ । ହୃଦରୋଗରେ ପୀଡିତ ଥିବା ରୋଗୀ କୋଭିଡ ପରେ ପରେ ଅସୁସ୍ଥ ହେଉଥିବା ଦେଖିବାକୁ ମିଳୁଛି । କିଛି ଆକ୍ରାନ୍ତଙ୍କ କ୍ଷେତ୍ରରେ ଏହା ଘାତକ ହେଉଥିବା ଡାକ୍ତର କହିଛନ୍ତି । କୋଭିଡ ହୋଇଥିବା ବ୍ୟକ୍ତିଙ୍କର ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଥିଲେ କିମ୍ବା ମାତ୍ରାଧିକ ଝାଳ ବାହାରିବା ସହ ଜ୍ୱ ହେଉଥିଲେ ଏସବୁ ହୃଦରୋଗର କାରଣ ହୋଇପାରେ ବୋଲି ସତର୍କ କରାଇଛନ୍ତି ଡାକ୍ତର । ଏଭଳି ପରିସ୍ଥିତିରେ ତୁରନ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କର ପରାମର୍ଶ ନେବାକୁ କୁହାଯାଇଛି । ଏମ୍ସ ହୃଦରୋଗ ବିଭାଗର ପ୍ରଫେସର ଡାକ୍ତର ରାକେଶ ଯାଦବ ଏବଂ ତାଙ୍କର ସହକର୍ମୀ ୨୦୨୦ରେ ଇଣ୍ଡିଆନ ହାର୍ଟ ଜର୍ଣ୍ଣାଲରେ ଏକ ଆର୍ଟିକଲ ଲେଖିଥିଲେ । ଲମ୍ବା ସମୟ କରୋନାରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତି ହଠାତ ହୃଦଘାତର ଶିକାର ହୋଇ ପ୍ରାଣ ହରାଇବା ଆଶଙ୍କା ରହିଥିବା ନେଇ ଏହି ନିବନ୍ଧରେ ଦର୍ଶାଇଥିଲେ ।

### ବିଶ୍ୱକପ୍ ହକି ପାଇଁ ୫୦୦୦....

ପାଖରେ ରୋଜଗାର ନଥିବାରୁ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ଭବିଷ୍ୟତରେ ଜୀବିକା ହରାଇଥିବା ବ୍ୟକ୍ତିମାନେ ଚୋରି, ଟାଉଟର, ଛିନତାଇ କରିବାକୁ ପଛାଇବେ ନାହିଁ। ସେଥିପାଇଁ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ଘଟେ, ରାଜ୍ୟ ସରକାର, ବିଡ଼ିଏ, ବିଏମ୍‌ସି, ପୋଲିସ୍, ଜିଏ ଅଧିକାରୀମାନେ ଦାୟୀ ରହିବେ। ସୋମବାର ଦିନ କାନନ ବିହାର ଅ ଳରେ ଉଚ୍ଛେଦ ଚାଲିଥିବା ସମୟରେ ବହୁ ମହିଳା, ପୁରୁଷ ହାତରେ ବ୍ୟାନର ଧରି ଖେଳ ନୁହେଁ ଭାତ ଚାହୁଁ, ସ୍ମାର୍ଟ ସିଟି ନୁହେଁ ରୁଟି ଚାହୁଁ, ଖେଳ ନାମରେ ଗରିବ ମାରଣ ନୀତି ଚଳିବ ନାହିଁ, ଖେଳ ନାମରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସମ୍ବିଧାନ ଆଇନକୁ ଅଣଦେଖା କରିବା ଚଳିବ ନାହିଁ ଆଦି ସ୍ଲୋଗାନ ଦେଇ ରାସ୍ତାରେ ବିକ୍ଷୋଭ କରିଥିଲେ। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଅଭିଯୋଗ କରି କହିଛନ୍ତି ଯେ, ନବୀନ ବାବୁ ନିଜ ନାମକୁ ବିଦେଶରେ ପ୍ରଚାର କରିବା ପାଇଁ ୫୦୦୦ ପରିବାରକୁ ଗୋଡ଼ରେ ଦଳି ଦେଇ ଯେଉଁ ସୁନା ମୁକୁଟ ପିନ୍ଧିବା ପାଇଁ ଚେଷ୍ଟା କରୁଛନ୍ତି ତାହା ଗରିବଙ୍କ ଲୁହରେ ଭାସିଯିବେ। ନବୀନ ବାବୁଙ୍କ ଅହଙ୍କାର, ତାଙ୍କ କର୍ମଚାରୀଙ୍କ ଦୁର୍ନୀତିଖୋର ମନୋଭାବ, ବିଏମ୍‌ସି କମିଶନରଙ୍କ ଚାଟୁକାରିତା ଦିନେ ନା ଦିନେ ନବୀନ ବାବୁ ଭୋଗିବାକୁ ପଡ଼ିବ।

### ମା' କୋଳକୁ ଫେରିଲା....

ଅମ୍ରିତ ଘରକୁ ଫେରିନଥିଲେ । ନିର୍ଦ୍ଦିଷ୍ଟ ସମୟରେ ପୁଅ ଘରକୁ ନଫେରିବାରୁ ପୁଅକୁ ଖୋଜାଖୋଜି କରିଥିଲେ ପରିବାର ଲୋକ । ପରେ ଘରଠାରୁ ଅଳ୍ପ ଦୂରରେ ଅମ୍ରତଙ୍କ ସାଇକେଲ ମିଳିବାରୁ କେହି ତାଙ୍କୁ ଅପହରଣ କରିନେଇଥିବା ସନ୍ଦେହ ବଢିଥିଲା । ବାପା ପୂର୍ଣ୍ଣଚନ୍ଦ୍ର ପାତ୍ର ବ୍ୟବସାୟ କରୁଥିବାରୁ ଅର୍ଥ ପାଇଁ କେହି ଅପହରଣ କରିଥାଇପାରନ୍ତି ବୋଲି କୁହାଯାଉଥିଲା । ହେଲେ ଅପହରଣକାରୀଙ୍କ ପାଖରୁ ସେଭଳି କୌଣସି ଦାବି ହୋଇନଥିଲା । ଏବେ ୫ ଦିନ ପରେ ପୁଅ ଅଚାନକ ସେହି ଗାଁରୁ ମିଳିବା ପୁରା ଘଟଣାକୁ ସନ୍ଦିହାନ କରିପକାଇଛି । ଅନୁମାନ କରାଯାଉଛି ଅମ୍ରିତ ହିଁ ଏ ସମସ୍ତ ପ୍ରଶ୍ନ ଉପରୁ ପରଦା ଉଠାଇ ପାରିବେ । ତେବେ ଘରକୁ ଫେରିବା ପରେ ଅମ୍ରିତ ପରିବାର ଆଗରେ କଣ କହୁଛନ୍ତି ତାହା ହିଁ ସବୁଠାରୁ ଉତ୍କଣ୍ଠାର ବିଷୟ ହୋଇ ରହିଛି ।

### ଜେଲ୍‌କୁ ଫେରିଲେ....

କହିଥିବା ଅର୍ଚ୍ଚନା କ'ଣ ସବୁ ଉଗାରିଛନ୍ତି, ସେ ସଂପର୍କରେ କିଛି ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ଇଡିକୁ ଅର୍ଚ୍ଚନା ସହଯୋଗ କରି ନଥିବା ଜଣାପଡ଼ିଛି। ଅର୍ଚ୍ଚନାଙ୍କ ଓକିଲ ଠାକୁର ସଂଗ୍ରାମ ସିଂ କହିଛନ୍ତି, ଯେଉଁ କାରଣ ଦର୍ଶାଇ ଅର୍ଚ୍ଚନାଙ୍କ ରିମାଣ୍ଡ ଅବଧି ବୃଦ୍ଧି ପାଇଁ ଆବେଦନ କରାଯାଇଥିଲା, ତାହା ଠିକ୍ ନଥିଲା। ଅର୍ଚ୍ଚନା ତଦନ୍ତରେ ସହଯୋଗ କରୁ ନଥିବା କଥା ଠିକ୍ ନୁହେଁ। ଅର୍ଚ୍ଚନା ଓ ଜଗବନ୍ଧୁ ଯେମିତି ଉତ୍ତର ରଖିବା କଥା ସେମିତି ରଖୁଛନ୍ତି। ସୂଚନାଯୋଗ୍ୟ, ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ୯ ଦିନିଆ ଇଡି ରିମାଣ୍ଡରେ ଅଛନ୍ତି। ସେ କି ତଥ୍ୟ ଦେଲେଣି, ତାହା ବି ଜଣାପଡ଼ିନି।

## 'କାବ୍ୟଲୋକ' କବିତା ଉତ୍ସବ : ପୁସ୍ତକ ଲୋକାର୍ପଣ ଓ ସାରସ୍ୱତ ସଭା



ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଚତୁର୍ଥ 'ଅକ୍ଷର' ପୁସ୍ତକମେଳା ପରିସର କବି ଜୟଦେବ ମଞ୍ଚରେ 'କାବ୍ୟଲୋକ' ପୁସ୍ତକ ପ୍ରକାଶନ ସଂସ୍ଥାଙ୍କ ତରଫରୁ ଏକ ସାରସ୍ୱତ ସଭା ଆୟୋଜନ କରାଯାଇ ଅପରାହ୍ନ ୩ ଘଟିକାରେ କବି ଓ ଆଲୋଚକ ପ୍ରଫେସର ଡକ୍ଟର ପ୍ରସନ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ମନୋଜ୍ଞ କବିତା ଉତ୍ସବ କରାଯାଇଥିଲା । ପ୍ରାୟ ଶତାଧିକ କବି ଏହି ଉତ୍ସବରେ ସେମାନଙ୍କ କବିତା ଆବୃତି କରିଥିବାବେଳେ ଅତିଥି ଆଲୋଚକ ଭାବେ ଯୋଗଦାନ କରିଥିଲେ ଡକ୍ଟର ଶରତ ଚନ୍ଦ୍ର ରଥ, ଡକ୍ଟର ଦୁର୍ଯ୍ୟୋଧନ କାଠୁଆ, କବି ଡକ୍ଟର ନୀତା ମହିଦାର ଓ କବି ତଥା ସାହିତ୍ୟ ସମାଲୋଚନ ଶ୍ରୀଯୁକ୍ତ ପ୍ରଭାକର ମହାପାତ୍ର । ସଂଯୋଜକ ଥିଲେ ଅଧ୍ୟାପକ ପୁଣ୍ୟଦର୍ଶନ ସାହୁ, କବି ସରୋଜିନୀ ଜେନା ଓ ଡକ୍ଟର ସୁକାନ୍ତି ମହାପାତ୍ର । ଦ୍ୱିତୀୟ ପର୍ଯ୍ୟାୟ ବିଶେଷ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ରତ୍ନାକର ରାଉତ । ସମ୍ମାନିତ ଅତିଥି ଓ ଆଲୋଚକ ଭାବେ ଯୋଗଦାନ କରି ୧୦ଟି ପୁସ୍ତକକୁ ଲୋକାର୍ପିତ କରିବା ସହିତ 'କବିତାର ଜୀବନ କେତେ ମନନ କେତେ ଦହନ' ଶୀର୍ଷକ ଆଲୋଚନାରେ ବକ୍ତ୍ୟବ୍ୟ ରଖିଥିଲେ କବି ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର , ଶ୍ରୀଯୁକ୍ତ ଦାଶରଥି ଶତପଥୀ, ଡକ୍ଟର ଗିରିଜା ଶର୍ମା ଓ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା କବି ଅଞ୍ଜୁମନ ଆରା । ଲୋକାର୍ପିତ ପୁସ୍ତକ ମାନଙ୍କ ମଧ୍ୟରେ ଥିଲା- ଡକ୍ଟର ପ୍ରିୟଲତା ଜେନାଙ୍କ ଗଳ୍ପ 'ତପସ୍ୟା', ଡ. ପ୍ରଜ୍ଞା ପାରମିତା ଜେନାଙ୍କ କବିତା 'ପ୍ରଜ୍ଞାସ୍ପନ୍ଦନ', ଡକ୍ଟର ପ୍ରସନ୍ନ କୁମାର ନାୟକଙ୍କ 'ପାଣ୍ଡୁଲିପି ସମ୍ପାଦନା', ନଗେନ୍ଦ୍ରନାଥ ପଟ୍ଟନାୟକଙ୍କ ଆଧ୍ୟାତ୍ମିକ ପୁସ୍ତକ 'ସାଧୁସନ୍ଥଙ୍କ କଥା ଶତକ' କବି ସତ୍ୟପ୍ରିୟା ପଟ୍ଟନାୟକଙ୍କ କବିତା 'କବିତା ଅନେଶତ', ମିନତି ପଟ୍ଟନାୟକଙ୍କ କବିତା 'କବିତା ଅନେଶତ', ମିନତି ପଟ୍ଟନାୟକଙ୍କ ଅନୁବାଦ 'ହସୀନା ବୀର ଘର', ଡାକ୍ତର ସୁରେନ୍ଦ୍ରନାଥ ଦାଶଙ୍କ ଅନୁବାଦ 'ମରୁଦେବତା' ଓ 'ପୁରାଣଯୁଗର କଥା କାହାଣୀ' ତାପସ କୁମାର ସାହାଙ୍କ ଉପନ୍ୟାସ 'ନାୟିକାର ନାମ ଚନ୍ଦ୍ରା' । କବି ଭିକାରୀ ଧଳ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଆଡ୍‌ଭୋକେଟ୍ ସ୍ୱାହା ଧଳ ।

## ଟ୍ରେନରେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ



ବାରିପଦା, ୧୯/୧୨ (ନି.ପ୍ର): ଶନିବାର ସକାଳୁ ବାରିପଦା ପୁରୁଣାହାଟସାହି ୱାର୍ଡ ନମ୍ବର ୭ର ଗୋପାଳ ମୁଖିଙ୍କ ସାନ ପୁଅ ବିଭୁ ରଂଜନ ମୁଖିଙ୍କ କିଛି ଦିନ ଧରି ଦେହ ଭଲ ରହୁନଥିବା ବେଳେ ଗତକାଲି ସକାଳୁ କଟକ ବଡ ମେଡ଼ିକାଲକୁ ଡାକ୍ତର ଦେଖାଇବା ପାଇଁ ତାଙ୍କ ବଡ ଭାଇ ଓ ଭେଣେଇଙ୍କ ସହିତ ଯାଇଥିଲେ । ତେବେ ଡାକ୍ତର ଦେଖାଇ ଟ୍ରେନ ଯୋଗେ ଫେରୁଥିବା ସମୟରେ ଗତକାଲି ଯାଜପୁର ଷ୍ଟେସନ ପାଖରେ ବିଭୁଙ୍କ ଶରୀର ଅସୁସ୍ଥ ହୋଇ ଅଣନିଃଶ୍ୱାସ ଲାଗିଥିଲା ଏବଂ ସେଠାର ସେ ଅଚେତ ହୋଇ ପଡ଼ି ଯାଇଥିଲେ । ଟ୍ରେନକୁ ଅଟକାଇ ତାଙ୍କ ଭାଇ ଓ ଭେଣେଇ ରେଲୱେ ପୋଲିସକୁ ଖବର ଦେଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ଯାଜପୁର ଡାକ୍ତରଖାନାକୁ ନେଇ ଯାଇଥିଲେ ହେଲେ ସେଠାର ଡାକ୍ତର ତାଙ୍କୁ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ । ଏନେଇ ଆଜି ଯାଜପୁର ରୋଡ ପୋଲିସ ଷ୍ଟେସନ ଠାରେ ୪୮/୨୨ ନମ୍ବର ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଯାଜପୁର ଡାକ୍ତରଖାନା ରେ ଶବ ବ୍ୟବଚ୍ଛେଦ ପରେ ଆଜି ବାରିପଦା ସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିବାର ସୂଚନା ମିଳିଛି । ବିଭୁ ରଂଜନ ମୁଖି (ବଲୁ) ବାରିପଦା ପି.ଆର.ଏମ. ମେଡ଼ିକାଲ କଲେଜରେ ପିଅନ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ବିୟଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳଯାଇଛି ।

# ସାପ କାମୁଡ଼ା ରୋଗୀଙ୍କୁ ବୋହିବାକୁ ପ୍ରତି ଗାଁରେ ରହିବ ଷ୍ଟ୍ରେଚର

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ସାପ କାମୁଡ଼ାଜନିତ ମୃତ୍ୟୁ କମାଇବାକୁ ରାଜ୍ୟ ସରକାର ନୂଆ ରଣନୀତି ଆପଣେଇଛନ୍ତି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି ଯେ ସାପ କାମୁଡ଼ା ରୋଗୀଙ୍କୁ ବୋହିବାକୁ ପ୍ରତି ଗାଁରେ ହାଲୁକା ଷ୍ଟ୍ରେଚରର ବ୍ୟବସ୍ଥା କରାଯିବ। ବିଷାକ୍ତ ସାପ ସଂପର୍କରେ ଲୋକଙ୍କୁ ସଚେତନ ପାଇଁ ଗାଁରେ ପୋଷ୍ଟର ଲଗାଯିବ। ପ୍ରଥମ ପର୍ଯ୍ୟାୟରେ ପାଇଲଟ ପ୍ରକଳ୍ପ ଆଧାରରେ ରଣନୀତି ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ରାଜ୍ୟବ୍ୟାପୀ ଲାଗୁ କରାଯିବ। ଏହାସହ ଆଂଟି ସ୍ନେକ ଭେନମ ଦେବାକୁ ଅମଙ୍ଗ ଡାକ୍ତରଙ୍କୁ ଟ୍ରେନିଂ ଦିଆଯିବ ବୋଲି ସେ କହିଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଆହୁରି କହିଛନ୍ତି, ଆମ ରାଜ୍ୟରେ ସାପ କାମୁଡା ରୋଗୀଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ପରିମାଣର ଆଂଟି ସ୍ନେକ ଭେନମ ଯୋଗାଇ ଦିଆଯାଉଛି। ଏହାସତ୍ତ୍ୱେ ଲୋକଙ୍କ ଅବହେଳା ତଥା ଭୟ ଯୋଗୁ ସାପ କାମୁଡ଼ା ମୃତ୍ୟୁ ଅଧିକ ଘଟୁଛି। ରାଜ୍ୟରେ ଯେତିକି ସାପ କାମୁଡା ଘଟଣା ଘଟୁଛି, ସେଥିରୁ ୮୦% ଅଣବିଷଧର ସାପ କାମୁଡା। ୨୫ରୁ ୩୦ ସାପ କାମୁଡା ମୃତ୍ୟୁ କେଇ ଘଂଟା ଭିତରେ ଘଟୁଛି। ଯେତେବେଳେ କି ବିଷ ଶରୀରକୁ ବ୍ୟାପି ନ ଥାଏ। ଏସବୁ କ୍ଷେତ୍ରରେ ସାପ କାମୁଡ଼ା ପରେ ଲୋକମାନେ ଛାନିଆରେ ମୃତ୍ୟୁ ବରଣ କରୁଛନ୍ତି। କେଉଁଟା ବିଷାକ୍ତ ସାପ, କେଉଁଟା ନୁହେଁ, ସେନେଇ ଲୋକଙ୍କ ଭିତରେ ସଚେତନତା ବଢାଇବାକୁ ପଡ଼ିବ ବୋଲି ଡାକ୍ତର ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ସାପ କାମୁଡ଼ା ଲୋକ ଚଲା ବୁଲା କରିବା ଅନୁଚିତ। ସେମାନଙ୍କୁ ଷ୍ଟ୍ରେଚରରେ ଡାକ୍ତରଖାନା ପର୍ଯ୍ୟନ୍ତ ନିଆଯିବା କଥା। ରାଜ୍ୟରେ ବହୁତ ଲୋକ କେଳା, ଗୁଣିଆ ଓ ଠାକୁରଙ୍କ ଉପରେ ବିଶ୍ୱାସ କରନ୍ତି। 'ଳରେ ଏହି ଚିକିତ୍ସା ବେଳେ ରକ୍ତରେ ବିଷ ସଂଚାର ଅଧିକ ହୋଇଯାଏ ଓ ବ୍ୟକ୍ତି ମୃତ୍ୟୁ ମୁଖରେ ପଡ଼ନ୍ତି। ଡାକ୍ତରମାନଙ୍କ ମ୍ନରେ ମ୍ନ ଆଂଟି ସ୍ନେକ ଭେନମ୍ ମେଡିସିନ ଦେବାକୁ କୁଣ୍ଠାବୋଧ କରୁଛନ୍ତି। ତେଣୁ ସେମାନଙ୍କୁ ମ୍ନ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯିବ ବୋଲି ଡାକ୍ତର ମିଶ୍ର କହିଛନ୍ତି।

# ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବ ରାଉରକେଲା ଗସ୍ତ



ଭୁବନେଶ୍ୱର, ୧୯/୧୨ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ମହାପାତ୍ର ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଶ୍ରୀ ଭି.କେ. ପାଣ୍ଡିଆନ ରାଉରକେଲା ଗସ୍ତରେ ଆସି ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ସହିତ ରାଉରକେଲା ବିମାନ ବନ୍ଦର ଏବଂ ବିଭିନ୍ନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହି ସଚିବସ୍ତରୀୟ ଟିମରେ କ୍ରୀଡ଼ା ଏବଂ ଯୁବ ସେବା ବିଭାଗର ସଚିବ ଶ୍ରୀ ଆର୍ ଭିନିଲକ୍ରୀଷ୍ଣା ଏବଂ ଇଡକୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭୁପେନ୍ଦ୍ର ସିଂ ପୁନିଆ ମଧ ରାଉରକେଲା ଆସିଥିଲେ। ଏହି ଟିମ୍ ରାଉରକେଲାରେ ବିପିୟୁଟି କ୍ୟାମ୍ପସରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଅନୁଧ୍ୟାନ କରିଥିଲେ । ଉଭୟ ମୁଖ୍ୟ ଓ ଅଭ୍ୟାସ ପଡିଆର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । । ଷ୍ଟାଡିଅମର ଦୁଇଟି ଯାକ ପିଚ୍ ଓ ହାଇମାଷ୍ଟ ଲାଇଟ ଯାଂଚ ପରେ ଖେଳ ପାଇଁ ଲାଇସେନ୍ସ ମିଳିଛି । ଉଲେଖନୀୟ ଯେ, ପୁରୁଷ ହକି ବିଶ୍ୱକପର ୨୦ଟି ମ୍ୟାଚ ରାଉଲକେଲାରେ ଖେଳାଯିବ । ପ୍ରଥମ ମ୍ୟାଚ ଆସନ୍ତା ଜାନୁୟାରୀ ୧୩ ତାରିଖରେ ଭାରତ ଓ ସ୍ପେନ ମଧରେ ଅନୁଷ୍ଠିତ ହେବ । ଏହାପୂର୍ବରୁ ଆସନ୍ତା ୨୪ ତାରିଖରୁ ତିନୋଟି ଅଭ୍ୟାସ ମ୍ୟାଚ ଖେଳାଯିବ । ଏହି ଅଭ୍ୟାସ ମ୍ୟାଚ ସମୟରେ ଯଦି କିଛି ତ୍ରୁଟିଥିବା ନେଇ ଜଣାପଡେ ତେବେ ଭିତ୍ତିଭୂମିକୁ ଦୃଢ଼ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ । ଏହାସହ ରାଉରକେଲା ବିମାନ ବନ୍ଦରର କାର୍ଯ୍ୟଶେଷ ହୋଇଛି ଏବଂ ଖୁବଶୀଘ୍ର ଆବଶ୍ୟକୀୟ ଲାଇସେନ୍ସ ମିଳିବା ନେଇ ଶ୍ରୀ ମହାପାତ୍ର ଆଶାବ୍ୟକ୍ତ କରିଛନ୍ତି ଉଡାଣ ଯୋଜନାରେ ଖେଳାଳି ମାନଙ୍କ ପାଇଁ ୪ଟି ବିମାନ ଉଡାଣ ସୁବିଧା ମିଳିବ । ଗୋଟିଏ ବର୍ଷ ମଧରେ ଏଭଳି ଏକ ବିଶ୍ୱସ୍ତରୀୟ ଷ୍ଟାଡିୟମ ନିର୍ମାଣ କରାଯାଇଛି । ଏଥିନିମନ୍ତେ ରାଜ୍ୟ ସରକାରଙ୍କୁ ସମସ୍ତ ସହଯୋଗ ପ୍ରଦାନ କରିଥିବାରୁ ସୁନ୍ଦରଗଡ ଓ ରାଉଲକେଲା ବାସୀଙ୍କୁ ମୁଖ୍ୟଶାସନ ସଚିବ ଓ ୫-ଟି ସଚିବ ଧନ୍ୟବାଦ ଦେଇଛନ୍ତି । ରାଉରକେଲାରେ ପ୍ରଥମ ଥର ପାଇଁ ହକି ବିଶ୍ୱକପ ହେବାକୁ ଯାଉଛି। ତେଣୁ ହକି ମ୍ୟାଚ ଦେଖିବା ଲାଗି ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଦର୍ଶକ ରାଉରକେଲାକୁ ଆସିବେ। ତେଣୁ ଦର୍ଶକମାନଙ୍କ ଗାଡ଼ିଗୁଡ଼ିକୁ ସୁବିଧାରେ ରଖିବା ପାଇଁ ଷ୍ଟାଡିୟମ ଚାରିପଟେ ଆଧୁନିକ ପାର୍କିଂ ସ୍ଥଳ କରାଯାଉଛି। ତା'ଛଡ଼ା ଷ୍ଟାଡିୟମ ଭିତରେ ପାନୀୟ ଜଳ ଏବଂ ଶୌଚାଳୟ ଆଦି ସୁବିଧା କରାଯାଉଛି। ଯେଉଁ ଦର୍ଶକମାନେ ଷ୍ଟାଡିୟମ ବାହାରେ ରହିଥିବେ ସେମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଏଲଇଡି ଲଗାଇବାର ବ୍ୟବସ୍ଥା କରାଯାଉଛି।

## ଥଣ୍ଡା ପାନୀୟ ଜଳ ମେସିନ ଉଦ୍‌ଘାଟିତ

ନୀଳଗିରି, ୧୯/୧୨ (ନି.ପ୍ର): ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ଥଣ୍ଡା ପାନୀୟ ଜଳ ମେସିନକୁ ନୀଳଗିରି ଏନ.ଏ.ସି.ର ଅଧକ୍ଷା ଶ୍ରୀମତୀ ଅମ୍ବିକା ଦାସ ଆନୁଷ୍ଠାନିକ ଭାବେ ଶୁଭଉଦ୍‌ଘାଟନ କରିଛନ୍ତି। ଉକ୍ତ କାର୍ଯ୍ୟାଳୟରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ନ ଥିବା ବେଳେ ଉକ୍ତ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥାକୁ ନେଇ କର୍ମଚାରୀ ସମେତ ପ୍ରତିଦିନ କାର୍ଯ୍ୟାଳୟକୁ ଆସୁଥିବା ବ୍ୟକ୍ତି ବିଶେଷ ଉପକୃତ ହେବେ ବୋଲି ଅଧକ୍ଷା ଅମ୍ବିକା ଦାସ ପ୍ରକାଶ କରିଛନ୍ତି । ଉଦ୍‌ଘାଟନ ସମୟରେ ପୌରାଧକ୍ଷ ମହେନ୍ଦ୍ର ବେହେରା ସମେତ ସମସ୍ତ କାଉନସିଲରମାନେ ଉପସ୍ଥିତ ଥିଲେ ।

# ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବର୍ଷିକୋତ୍ସବ



ବାରିପଦା, ୧୯/୧୨ (ନି.ପ୍ର): ସ୍ଥାନୀୟ ରଘୁନାଥପୁର ଠାରେ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟର ତୃତୀୟ ବାର୍ଷିକୋତ୍ସବ ପରିଚାଳନା ସମିତିର ସଭାପତି ଇଂ ପ୍ରଭାସ କୁମାର ଦାସଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି । ଅତିରିକ୍ତ ପୋଲିସ ଅଧକ୍ଷକ ସୁରେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ଅବସର ପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ମହାଦେବ ଦାଶ ସମ୍ମାନୀତ ଅତିଥି, ବରିଷ୍ଠ ବୈଜ୍ଞାନିକ ଚିତରଂଜନ ଓଝା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶୈକ୍ଷିକ ପରିବେଶକୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଦ୍ୟାଳୟର ନିର୍ଦ୍ଦେଶକ ଡକ୍ଟର ସମୀର କୁମାର ପ୍ରଧାନ ପିଲାଙ୍କୁ ଉତ୍ସାହିତ କରିଥିବା ବେଳେ, ପରିଚାଳନା କମିଟିର ସଦସ୍ୟ ତଥା ଉପାଧକ୍ଷ ଡକ୍ଟର ଆଦର୍ଶ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷା ଅଙ୍କିତା ବାରିକ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ଶିକ୍ଷୟିତ୍ରି ଦେବସ୍ମିତା ବାରିକ ଏବଂ କର୍ମକର୍ତ୍ତା ବିଜୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଶିକ୍ଷାନୁଷ୍ଠାନର ଶ୍ରେଷ୍ଠ ତଥା ଉତମ ଛାତ୍ର ଭାବେ ସେକ ମୁସ୍ତାକିମ୍ ଏବଂ ଲକ୍ଷ୍ମୀ ମୁର୍ମୁଙ୍କୁ ଏବଂ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଅଧାପକ ଏବଂ ଅଧାପିକା ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିବା ବେଳେ, ପରିଚାଳନା ସମିତିର ସଂପାଦକ ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁଯତ୍ନ ଅନୁଷ୍ଠାନ ମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଖେଳ କୁଦ ପ୍ରତିଯୋଗିତା




ଭଦ୍ରକ, ୧୯/୧୨ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ଖେଳ କୁଦ ପ୍ରତିଯୋଗୀତା ଉତ୍ସାହ-୨୦୨୨ ଗତ ତା ୧୭.୧୨.୨୦୨୨ରିଖରେ ବାଗୁରାଇ ଉଚ୍ଚ ବିଦ୍ୟାଳୟ ଖେଳପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଖେଳ କୁଦ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାର ୯ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନେ ଅଂଶ ଗ୍ରହଣ କରି ସେମାନଙ୍କର ଖେଳନୈପୁଣ୍ୟତା ପ୍ରଦର୍ଶନ କରିଥିଲେ । ପ୍ରାରମ୍ଭିକ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଡ଼ଃ ଦେବରାଜ ପାଣିଗ୍ରାହୀ, ଅନ୍ୟତମ ମୁଖ୍ୟ ଅତିଥି ପୂର୍ବତନ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଡ଼ା ସୁଦର୍ଶନ ବାରିକ, ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ ସମିତିର ସଭ୍ୟ/ସଭ୍ୟା ତଥା ନବୀନ ସାହୁ, ଭାରତୀ ଦାଶ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଗୁରାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧ ସେ ଯୋଗ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବକ୍ତାମାନେ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନଙ୍କୁ ଖେଳର ଉପକାରିତା ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ ଏବଂ ଉତ୍ତମ ପ୍ରଦର୍ଶନ କରି ଭବିଷ୍ୟତରେ ଆଗକୁ ବଢ଼ିବା ପାଇଁ କାମନା କରିଥିଲେ । ଭଦ୍ରକ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୭ଗୋଟି ଖେଳ ପ୍ରତିଯୋଗୀତା ତଥା ୧୦୦ ଓ ୨୦୦ ମିଟର ଦୌଡ଼, ଲମ୍ବ ଡ଼ିଆଁ, ଉଚ୍ଚ ଡ଼ିଆଁ, କାରମ, ଚେସ୍ ଓ ଫୁଟବଲ ଇତ୍ୟାଦି ପ୍ରତିଯୋଗୀତା ବାଳିକା ଓ ବାଳକ ବିଭାଗମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଅଛି । ଭଦ୍ରକ ଜିଲ୍ଲାର ଶିଶୁଯତ୍ନ ଅନୁଷ୍ଠାନ ତଥା ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଯୋଗୀରଷି ଲଛମନ ଦାସ ଶିଶୁ ଆଶ୍ରମ, ଶାନ୍ତି ଆଶ୍ରମ, ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର, ମହାପୁରୁଷ ଆଶ୍ରମ, ସୋସାଇଟି ଫର ଉଇକର କମ୍ୟୁନିଟ୍, ମାନବ ସେବା କନ୍ୟା ଆଶ୍ରମ ଆଦି ର ଶିଶୁମାନେ ଅଂଶ ଗ୍ରହଣ କରି ମୋନଙ୍କର କ୍ରୀଡ଼ା ନୈପୁଣ୍ୟର ଉଚ୍ଚତମ ପ୍ରଦର୍ଶନ କରିଥିଲେ । ଉଦ୍‌ଯାପନୀ ସଭାରେ ଭଦ୍ରକ ସହକାରୀ ଜିଲ୍ଲାପାଳ ବାସନ୍ତୀଲତା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ରାଜ୍ୟସ୍ତରରେ ଭାଗ ନେଇ ଉନ୍ନତ ଖେଳ ପ୍ରଦର୍ଶନ କରିବା ପାଇଁ ଉପଦେଶ ଦେଇଥିଲେ ଏବଂ ପ୍ରତ୍ୟେକ ଖେଳ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା ଖେଳ କୁଦ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସ୍ୱାଗତିକା ବାରିକ, ସୁବ୍ରତ ଦାସ, ଧୀରଜ କୁମାର ବାରିକ, ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ ଓ ଚିନ୍ମୟ ପଣ୍ଡା ସହଯୋଗ କରିଥିଲେ ।

## ଦେଶ ବିରୋଧି ତତ୍ୱକୁ କୌଣସି ପ୍ରକାର ବରଦାସ୍ତ କରାଯିବ ନାହିଁ : ଡିଜିପି ଦିଲବାଗ ସିଂହ

କଠୁଆ, ୧୯/୧୨ (ନି.ପ୍ର): ଜାମ୍ମୁ-କାଶ୍ମୀର ପୋଲିସ୍‌ର ମହାନିର୍ଦ୍ଦେଶକ ଦିଲବାଗ ସିଂହ କହିଛନ୍ତି ଯେ ପାକିସ୍ତାନର ଆଇଏସ୍‌ଆଇ ଲଗାତାର ସୀମା ଆରପଟୁ ଷଡ଼ଯନ୍ତ୍ରରେ ଜାମ୍ମୁ-କାଶ୍ମୀରର ପରିବେଶକୁ ଖରାପ କରିବାକୁ ଚେଷ୍ଟା କରୁଛି। ସୀମା ଆରପଟୁ ଡ୍ରଗ୍ସ ଜାମ୍ମୁ କାଶ୍ମୀରରେ ପଠାଯାଉଛି ଏବଂ ଏହାର ଏହି ଚେଷ୍ଟାକୁ ବର୍ଡ଼ରରେ ଛାଉଣୀ ସୁରକ୍ଷା ଘେରା ବିଫଳ କରିସାରିଛି । ପୋଲିସ୍ ମହାନିର୍ଦ୍ଦେଶକ ଜିଲ୍ଲା ମୁଖ୍ୟାଳୟରେ ୧୧ତମ ପୋଲିସ୍ ମାର୍ଟର୍ସ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଘାଟନ ସମାରୋହରେ ଗଣମାଧମକୁ ସମ୍ବୋଧିତ କରି କହିଛନ୍ତି ଯେ ଆମର ସମସ୍ତ ଯବାନମାନେ ଜାମ୍ମୁ-କାଶ୍ମୀରର ରକ୍ଷା କରି ନିଜ ଜୀବନର ବଳିଦାନ ଦେଇଛନ୍ତି, ଏଥିରେ ତାଙ୍କୁ ସ୍ମରଣରେ ଏହା ପ୍ରତିନିଧି ପ୍ରତିଯୋଗୀତାର ଆୟୋଜନ ସବୁବର୍ଷ ପରି ଏହିଥର ମଧ କରାଯାଉଛି ।

# ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୁସ୍ତକ 'ମୋର ପ୍ରିୟ ଅନୁଷ୍ଠାନ' ଉନ୍ମୋଚିତ



ବାଲେଶ୍ୱର, ୧୯/୧୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ରବିବାର ସନ୍ଧ୍ୟାରେ ଅବସରପ୍ରାପ୍ତ ଅଧକ୍ଷ ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ସ୍ମୃତିକଥା ସମ୍ବଳିତ ପୁସ୍ତକ 'ମୋର ପ୍ରିୟ ଶିକ୍ଷାନୁଷ୍ଠାନ' ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି, ଗବେଷିକା ଡ. ସାନ୍ତ୍ୱନା ହାଲଦାର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବାବେଳେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ. ଦିଲ୍ଲୀପ ଘୋଷ, ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ପ୍ରଫେସର ରବିନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ପାତ୍ରଙ୍କ ପୁସ୍ତକଟି କେବଳ ସ୍ମୃତିକଥା ନୁହେଁ, ବରଂ ସେ ସଂଶ୍ଳିଷ୍ଟ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ପଚାଶ ବର୍ଷର ଇତିହାସର ଏକ ତଥ୍ୟପୂର୍ଣ୍ଣ ଦସ୍ତାବିଜ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଲେଖକ ଡ. ପାତ୍ର ତାଙ୍କର ଲେଖକୀୟ ଅଭିବ୍ୟକ୍ତିରେ କହିଲେ ଯେ ସ୍ୱଚ୍ଛ ମନରେ ଅନୁଷ୍ଠାନ ପାଇଁ କିଛି କରିବାକୁ ଚାହିଁଲେ ଏଇ ମଣିଷମାନେ ବି ବେଳେବେଳେ ଭଗବାନ ପାଲଟି ଯାଇ ସାହାଯ୍ୟ ଓ ସହଯୋଗର ପ୍ରଶସ୍ତ ହାତ ବଢ଼ାଇ ଦେଇଥାଆନ୍ତି। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମଞ୍ଚାସୀନ ବରେଣ୍ୟ ଅତିଥିମାନଙ୍କ ସମେତ ଲେଖକଙ୍କର କେତେକ ସହକର୍ମୀ, ସହପାଠୀ, ସହଯୋଗୀ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାସ୍ତା ନିର୍ମାଣକୁ ବିରୋଧ କରି ପୋଲିସ୍-ବସ୍ତିବାସିନ୍ଦା ମୁହାଁମୁହିଁ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ପିଡବ୍ଲୁଡି ପକ୍ଷରୁ ପ୍ରସ୍ତାବିତ ୨୦୦ ଫୁଟିଆ ରାସ୍ତାକୁ ବିରୋଧ କରି ସାଲିଆସାହିରେ ପୋଲିସ୍-ବସ୍ତିବାସିନ୍ଦା ମୁହାଁମୁହିଁ ହୋଇଛନ୍ତି। ପ୍ରସ୍ତାବିତ ରାସ୍ତା ଲାଗି ମାପଚୁପ ଚାଲିଥିବା ବେଳେ ବସ୍ତି ବାସିନ୍ଦା ଏହାକୁ ବିରୋଧ କରିଥିଲେ। ଘଟଣାସ୍ଥଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୮ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ଏହାସହ ୮ ଜଣ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଛି।

# ସାହିତ୍ୟିକ ଇଂ.ନିରାକାର ମହାଲିକଙ୍କ ସ୍ମୃତିସଭା

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ସ୍ଥାନୀୟ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା କାର୍ଯ୍ୟାଳୟରେ ଓଡିଶାର ଅନ୍ୟତମ ବରିଷ୍ଠ ଲେଖକ ଓ ଗବେଷକ ସ୍ୱର୍ଗତ ଇଂ.ନିରାକାର ମହାଲିକଙ୍କ ସ୍ମୃତି ଚାରଣ ଏବଂ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାଗ ନେଇ ବିଶିଷ୍ଟ ସ୍ତମ୍ଭକାର ଏବଂ ସାହିତ୍ୟିକ ସୌମେନ୍ଦ୍ର କୁମାର ଜେନା କହିଲେ ଯେ, ଏକ ସରଳ, ନିରଳସ, ନିଷ୍ପାପର ଏବଂ ନୀରବ ସାଧକ ସ୍ୱର୍ଗତ ଇଂ.ନିରାକାର ମହାଲିକ ରାଷ୍ଟ୍ରୀୟ ବିଚାରଧାରାକୁ ସଦାସର୍ବଦା ଅଗ୍ରାଧିକାର ଦେଉଥିଲେ । ବୃତିରେ ଇଂଜିନିୟର ହୋଇଥିବା ସତ୍ତ୍ୱେ ପ୍ରବୃତିରେ ସିଏ ଥିଲେ ସାହିତ୍ୟ ସାଧକ । ତାଙ୍କ ଦ୍ୱାରା ରଚିତ ପୁସ୍ତକଗୁଡିକ ଗବେଷଣାତ୍ମକ ଏବଂ ତଥ୍ୟପୂର୍ଣ୍ଣ । ସ୍ୱର୍ଗତ ଇଂ.ନିରାକାର ମହାଲିକଙ୍କ ଦ୍ୱାରା ରଚିତ ପୁସ୍ତକଗୁଡିକ ମଧ୍ୟରେ ଭାରତୀୟ କାଳର ବିଶ୍ୱରୂପ, ମନସ୍ୱୀ ବିକ୍ରମଦେବ ବର୍ମା, କନ୍ଧକବି ଭୀମଭୋଇ, ଆର୍ଯ୍ୟପରମ୍ପରା ଓ ଓଡିଶାର ସାମରିକ ସଂସ୍କୃତି,ରେଢାଖୋଲ ଇତିହାସ, ଶ୍ରୀ ହରିଶଙ୍କର , ଶ୍ରୀ ନୃସିଂହନାଥ, ବେଦବ୍ୟାସ, ମଧାହ୍ନର ସ୍ୱର, ଇଂ. ସାର ବିଶ୍ୱେଶରାୟା ଏବଂ ନାଟ୍ୟରଥି ଗୋପାଳ ଦାସ ଆଦି ଉଲ୍ଲେଖନୀୟ । ଏହାଛଡା ଓଡିଶାର ଏକ ପ୍ରମୁଖ ନିର୍ମାଣ ହିରାକୁଦ ନଦୀବନ୍ଧର ଅନ୍ୟତମ ପୁରୋଧା ତତ୍କାଳୀନ ରାଜ୍ୟପାଳ ଅଯୋଧ୍ୟାନାଥ ଖୋସଲାଙ୍କ ଜୀବନୀ ଉପରେ ଏକ ଇଂରାଜୀ ବହି ମଧ ରଚନା କରିଛନ୍ତି । ସ୍ୱର୍ଗତ ଇଂ.ନିରାକାର ମହାଲିକଙ୍କୁ ଜଣେ ସରଳ ଦରଦୀ ହୃଦୟବ୍ୟକ୍ତି ଭାବରେ ବର୍ଣ୍ଣନାକରି ଏହି ସ୍ମୃତି ଚାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିଗଣ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ନିହାର ରଞ୍ଜନ ପତି, ସ୍ତମ୍ଭକାର ସମନ୍ୱୟ ନନ୍ଦ, ସ୍ତମ୍ଭକାର ଅନୀଲ ବିଶ୍ୱାଳ, ଅଶୋକ ସାହୁ, ଅଧିବକ୍ତା ଲକ୍ଷ୍ମୀଧର ଦାଶ, ନାରାୟଣ ଦାସ ମାଓ୍ୱତଓ୍ୱାଲ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସହପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଆଦି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ ନିରବ ପ୍ରାର୍ଥନା ଆୟୋଜିତ ହୋଇଥିଲା ।

# ଆଜିଠାରୁ ଛାତ୍ରଛାତ୍ରୀଙ୍କ ମହୋତ୍ସବ ସରଗିଫୁଲ୍

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଏବଂ ଅନ୍ୟାନ୍ୟ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମହୋତ୍ସବ 'ସରଗିଫୁଲ୍' ଆସନ୍ତାକାଲି ପୂର୍ବାହ୍ନରେ ଭୁବନେଶ୍ୱର ୟୁନିଟ୍-୧ ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଉଦ୍‌ଘାଟିତ ହେବ। କିଶୋର ଛାତ୍ରଛାତ୍ରୀଙ୍କ ଏହି ମହୋତ୍ସବ ସରଗିଫୁଲକୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। କୋଭିଡ୍ କଟକଣା ଯୋଗୁଁ ଗତ ଦୁଇବର୍ଷ ଧରି ଏହି ମହୋତ୍ସବ ଅନୁଷ୍ଠିତ ହୋଇପାରିନଥିଲା। ଚଳିତ ବର୍ଷ ଏହି ମହୋତ୍ସବରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ବିଦ୍ୟାଳୟରେ ପଢୁଥିବା ବିଭିନ୍ନ ଜିଲ୍ଲାର ୧୦୫୦ ଜଣ ଛାତ୍ରଛାତ୍ରୀ ଏବଂ ୭୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦାନ କରିବେ । ଏ ନେଇ ଛାତ୍ରଛାତ୍ରୀ ମହଲରେ ବିଶେଷ ଉତ୍କଣ୍ଠା ପରିଲକ୍ଷିତ ହୋଇଛି । ଜିଲ୍ଲାସ୍ତରରୁ ମନୋନୀତ ହୋଇ ଆସିଥିବା ଛାତ୍ରଛାତ୍ରୀମାନେ ସେମାନଙ୍କ ପ୍ରତିଭାର ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଡିସେମ୍ବର ୨୩ ତାରିଖ ଦିନ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବେ। ବିଭାଗୀୟ କମିଶନର ଶ୍ରୀମତୀ ରୂପାରୋଶନ ସାହୁ ଓ ଏକାଡେମୀର ସଦସ୍ୟ ସଚିବ ଇନ୍ଦ୍ରମଣି ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ପରିଚାଳିତ ହେଉଛି।

# ଭଣ୍ଡାରିପୋଖରୀ ବ୍ଲକ୍‌ରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ଭଦ୍ରକ, ୧୯/୧୨ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ ନେଇ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ସୋମବାର ଭଣ୍ଡାରିପୋଖରୀ ବ୍ଲକ୍‌ରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ଚରଣସିଂ ମୀନା ଏହି ଶିବିରରେ ଯୋଗ ଦେଇ ସମୁଦାୟ ୫୩ଟି ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏ.ସି.ଡ଼ି.ଓ. କୁଶଳ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ବ୍ଲକ ଅଧକ୍ଷା ସୁମତୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୪୩ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ସମସ୍ୟା ଭିତ୍ତିକ ଥିଲା । ରେଡ଼କ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ ସମ୍ବନ୍ଧୀୟ ୨ଟି ଅଭିଯୋଗ ଆଧାରରେ ଜଣଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିଲେ । ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ଜନାଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାସ୍ତରୀୟ ଓ ଉକ୍ତ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତି ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନରେ ସହଯୋଗ କରିଥିଲେ ।

# ଓଡିଶା ରାଜ୍ୟ କୃଷି ଓଭରସିଓର ସଂଘ ଓ ଗ୍ରାମ୍ୟକୃଷି କର୍ମଚାରୀ ସଂଘର ମିଳିତ ଅଧିବେଶନ




ବାରିପଦା, ୧୯/୧୨ (ନି.ପ୍ର): ଓଡିଶା ରାଜ୍ୟ କୃଷି ଓଭରସିଓର ସଂଘ ଓ ଗ୍ରାମ୍ୟକୃଷି କର୍ମଚାରୀ ସଂଘର ମୟୂରଭଂଜ ଶାଖା ପକ୍ଷରୁ ଏକ ମିଳିତ ଅଧିବେଶନ ଆଜି ଯଶିପୁର ରାମତୀର୍ଥ ଠାରେ ଅନୁଷ୍ଠିତ ହୋଇଯାଇଛି । କୃଷି ଓଭରସିଓର ସଂଘର ଜିଲ୍ଲା ସଭାପତି ତାରାକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଜିଲ୍ଲା ସଭାପତି ରାଜ କୁମାର ମହାନ୍ତ , ସାଧରଣ ସଂପାଦକ ସୌମ୍ୟରଂଜନ ମହାନ୍ତି ଅଧିବେଶନ ପରିଚାଳନା କରିଥିଲେ । ମୂଖ୍ୟ ଅତିଥି ଭାବରେ ରାଜ୍ୟ କୃଷି ଓଭରସିଅର ସଂଘର ସଭାପତି ତୁଷାରକାନ୍ତି ମହାନ୍ତି, ସମ୍ମାନିତ ଅତିଥିଭାବରେ ସାଧାରଣ ସଂପାଦକ ପ୍ରମୋଦ କୁମାର ପ୍ରଧାନ, ରାଜ୍ୟ କୃଷି କର୍ମଚାରୀ ସଂଘର ସଭାପତି ଅମରେନ୍ଦ୍ର ଆଚାର୍ଯ୍ୟ, ସାଧାରଣ ସଂପାଦକ ନବଘନ ମୁଦୁଲି ରାଜ୍ୟ କୃଷି ଓଭରସିଓର ସଂଘର କାର୍ଯ୍ୟକାରୀ ପରିଷଦର ସଦସ୍ୟ କାର୍ତ୍ତିକ ଜେନା, ମୁଖ୍ୟ ବକ୍ତା ଭାବରେ ରାଜ୍ୟ କୃଷି ଓଭରସିଓର ସଂଘର ମୂଖ୍ୟ ଉପଦେଷ୍ଟା କଳିଙ୍ଗ କୀଶୋର ମହାନ୍ତି ଯୋଗ ଦେଇ ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷି ଓଭରସିଓର ମିଳିତ କ୍ୟାଡର ରୁଲ ଓ ପଦବୀର ପୁନଃଗଠନ, ଗ୍ରାମ କୃଷି କର୍ମଚାରୀ ପଦବୀର ନାମ ପରିବର୍ତ୍ତନ କରାଯାଇ ପଂଚାୟତ କୃଷି ଅଧିକାରୀ, କୃଷି ଓଭରସିଓର ପଦବୀର ନାମ ପରିର୍ତନ ସହ ସମାନୁପାତିକ ହାରରେ ସାରା ରାଜ୍ୟରେ କୃଷି ଓଭରସିଓର ପଦବୀ ସୃଷ୍ଟି ଆଦି ଦାବି ଗୁଡିକ ଉପରେ ଆଲୋଚନା କରିଥିଲେ । କୃଷି ଓଭରସିଓର ହେମନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ, ଗ୍ରାମ୍ୟ କୃଷି କର୍ମଚାରୀ ଉତମ କୁମାର ସେଠୀ, ପାଣ୍ଡୁ ସିଂ, ସିଦ୍ଧିଲାଲ ବାର୍ଦା, ମମତା ଦେଓ କୃଷି ଓଭରସିଓର ସିଲନ୍ କୁମାର ଦାସ, ପ୍ରଦୀପ କୁମାର ମହାନ୍ତ, ଜୟରାମ ମହାନ୍ତ ଓ ପ୍ରଦୀପ କୁମାର ମଲ୍ଲିକ ଅଧିବେଶନ ପରିଚାଳନାରେ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo